# ସନ୍ଧ୍ୟାର ସାଜ

ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ ଏମ୍. ଏ.

# ସଭ୍ୟତାର ସାଜ

ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ

ପ୍ରକାଶକ—
ଶାନ୍ତି-ନିବାସ ବାଣୀମନ୍ଦିର
ସ୍ୱତ୍ୱା:—ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ ଏମ୍. ଏ,
'ଶାନ୍ତି-ନିବାସ'
କଟକ ( ୧ )

ପ୍ରଥମ ପ୍ରକାଶ
ଦେଢ଼ ଟଙ୍କା
( ଡାକଖର୍ଚ୍ଚ ନାହିଁ )

ପ୍ରାପ୍ତିସ୍ଥାନ—
( ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନ )
ଓ
ଶାନ୍ତି-ନିବାସ ବାଣୀ ମନ୍ଦିର
ପୁରୀଘାଟ ରୋଡ୍
କଟକ ( ୧ )

( ବି, ଦ୍ର, :—ବହିର ପୃ ୧୨୨, ଦେଖନ୍ତୁ )

ଶ୍ରୀମତୀ **ସୁନ୍ଦରମଣି ଦେବୀ**

କରକମଳେଷୁ—

ଚିରଦିନ ଶୋକ ଓ ଦୁଃଖରେ ଘାଣ୍ଟି ହୋଇ ମଧ୍ୟ

ଯେ ନିଜର ମନକୁ ଏତେ ବଳିଷ୍ଠ ରଖି ପାରନ୍ତି—

ସେହି ମୋର ମା'ର ପାଦତଳେ ଏହି

**'ସଭ୍ୟତାର ସାଜ'**

ଟେକି ଦେଲି ।

**ବସନ୍ତ**

୪-୮-୫୧

# ସୂଚୀ


| ବିଷୟ | ପୃଷ୍ଠା |
|---|---|
| ୧ । ସନ୍ଧ୍ୟାର ସାଜ | ୧ |
| ୨ । ଛାଇ | ୧୩ |
| ୩ । କପାଳ | ୨୪ |
| ୪ । ସଙ୍କଳ | ୩୪ |
| ୫ । ନୀଳଚାଡ | ୪୪ |
| ୬ । ଭରଣା | ୫୨ |
| ୭ । ସପନ | ୬୦ |
| ୮ । ଗାଭିଁଷ | ୭୫ |
| ୯ । ଭଙ୍ଗାଭାଳ | ୭୮ |
| ୧୦ । ସୁସାରର ସତ | ୮୪ |
| ୧୧ । ପବ୍ବଚସ୍ପୁ | ୯୧ |
| ୧୨ । ଅଭାଣ | ୯୯ |
| ୧୩ । ଶେଷ କଥା | ୧୦୫ |

# ସଭ୍ୟତାର ସାଜ

ନୂଆ ବର୍ଷର । ସଭିଅଙ୍କୁ ବାବୁଙ୍କ ନୂଆଘର ଯେମିତି ଅଡ଼ୁଆ ଲାଗୁଥିଲା, ଘରର ପିଲାଙ୍କୁ ନୂଆ ବର୍ଷର ସଜାଅ ସେମିତି ଅଡ଼ୁଆ ଲାଗିଲା । ବଡ଼ ବହୁଲା ସେ ଦୁଇଓଳି ଗାଧୋଏ—ସକାଳେ ସମସ୍ତଙ୍କ ଆଗରୁ ଆଉ ସଞ୍ଜବେଳେ ସମସ୍ତଙ୍କ ଶେଷରେ । ତାହା ପାଣିରେ ଅଉ କିଏ ଗାଧୋଇଲେ କୁଣ୍ଡେଠା ଅଇଁଠା ହୋଇଯାଏ । ନୂଆ ପାଣି ଦରକାର । ମଝିଅଁ ବହୁଲା ତାଙ୍କୁ ମନେ ପକାଇ ଦେବାକୁ ହେବ ଛୁଟିଦିନ ମୁଣ୍ଡ ଧୋଇବାକୁ; ନହେଲେ ଅହୁର ହପ୍ତାଏ ଗଲା । ବାବୁଆଣୀ କହିଲେ ସାନକୁ ପ୍ରତିଦିନ ନଈକୂଳେ ବୁଲେଇ ନବ, ଗାଈ ଗୋରୁ ହେପାଜତ କରିବ, ଖାଇବେଳେ ବାବୁଆଣୀ ଭୁଲିଗଲେ ଆଖି ମେଲାକରି ଚେଇଁ ରହିବ ଇତ୍ୟାଦି କାମର ତାଲିକା ।

“ଭେଡେଡେବନ୍ଦ ଗରଡା ହେଉଛି । ଆମ ଘର ମଥାନଠାରୁ ଝୁଲ । ଏ ଘରୁ ସେ ଘରକୁ ବାଟ ପଡ଼ିଛି । ଆମ ଘରର ଚଟାଣ ଏଇ ଦୁଆରଠାରୁ ଜଳମା । ମୋ ପିଲାଙ୍କୁ ତା ପାଇଁ ସମ୍ଭାଳେ—ମୁଁ ଏଠି ସମ୍ଭାଳିବ ଯାଙ୍କ ଚିଲ୍, ଗୋବରଗାଈ ଘର— ସବୁ । ମୋତେ ଗୋଟିଏ ଦୁଇଟି ଗୁହାରି ରଖି ସବୁ ଜାଗା ଜାବୁର କରିଦେଇଛନ୍ତି ।”

ପିଲାମାନେ ସନିଆ ପଛଅଟେ ମେଲା ବାନ୍ଧିଛନ୍ତି—ସନିଆର ଅଦ୍ଭୁତ ଅବ୍ୟବହାର ବିଷୟ । କିମିତି ଭଲା ? ଜଣେ କହୁଛି ଝୁଲ ବାଡ଼ିପର, ଆଉ ଜଣେ କହୁଛି ମୃଦଙ୍ଗ ଗାଲ ଓ ଜଣେ କହୁଛି ଅଙ୍ଗାର ପର । ମୁଣ୍ଡର ପଛରେ ଗୋଟିଏ ଚୁଟି । ଚୁଟି ଗୁହଅଡ଼େ ଭଣ୍ଡାସ୍ୱର ଝୁର ଝୁଲୁଛି—ଠିକ୍ ‘ଠ’ ପର । କାନରେ ହଳେ ନୋଳି । କଳା ଦେହରେ ଚକଚକ ଦିଶୁଥାଏ । ଏଣେ ଅସ୍ତେ ଅସ୍ତେ କଥା ଚାଲିଥାଏ ସନିଆଟା ମାଇକିନିଆ ଥିଲାବେଳେ ନାକ କାନ ଫୋଡ଼ିଥିଲା ବୋଧହୁଏ । ଏବେ ଗହଣା ପିନ୍ଧୁଛି ।

ବେଳ ଭାଙ୍ଗି ଘରର ପଣ୍ଡାଙ୍କ ଜବାଟ ଜାରଖି ଦେଖିଲାବେଳେ ପିଲାମାନେ ବ'ଖାଡ଼ ଦୂରରେ ଠିଆ ହୋଇ ତା ମୁଣ୍ଡକୁ ଚାହିଁଥାନ୍ତି । ଭେଡେଡ଼େ ବଢୁଥାଏ । ମଫସଲରେ ମହିଷ ଯେମିତ ଫୋଟା ହୁଏ ମଣିଷ ବି ସେମିତ କମ୍ ହୁଏନାହିଁ । ସନିଆ ମହିଷ ଚରେଇଥିଲା ।

ମା କହିଲେ ‘ସନିଆ ଯା । ନଅକୋଶ ବାଟ ଚାଲିକରି ଆସିଛୁ ଦିଟା ପଖାଳପାଣି ଖାଇଦେ ।’ ସନିଆ ଖାଇ ବସିଲାବେଳେ ପିଲାମାନେ ଦୂରରୁ ଦେଖି ନ ଦେଖିଲାପରି ଚାହିଁ ଥାଆନ୍ତି ସନିଆ କେତେ ଖାଉଛି । ଶେଷକୁ ବଡ଼ ଅପା କହିଲା ମା'କୁ ‘ବୋଉ, ଆମେ ପାଞ୍ଚଜଣ ମିଶି ଯେତେ ଖାଉ, ସନିଆ ଏକା ସେତକ ଖାଇଦବ ।’ ବଏ

ଶୁଣିବ ବୋଲି ମା ଗାଳିଦେଲେ କିନ୍ତୁ ମନେ ମନେ ଭାବିଲେ ଗୁଡ଼ଜଳର ଯୋଗ ଦର ସେଥିରେ ଏମିତକା ଅସୁର ମିଳିଲେ ଗୁଡ଼ର ରଖୁ ରଖୁ ବାବୁ ସଜସିବେ ।

ସନିଆର ସବୁ ଜଣା ବୁଝିଗଲା । ବାଙ୍କୁ ମଠର ନାହିଁ । ଦର୍ଶ-ଦନେ ଖଣ୍ଡା ନାହିଁ । ବଡ଼ି ତ୍ରଣବର୍ଷ ଧୋଇ ନାହିଁ । ବଡଭାଇ ଗାଁରେ ଥା' ତାହାର ଭଲପୁଅ, ଗୋଟିଏ ଝିଅ । ପିଲାମାନେ ପାଠପଢ଼ନ୍ତି, ଜଣେ ମଇଁଷି ରଖିଛନ୍ତି । ସନିଆର ପାଞ୍ଚବର୍ଷ ଯାଏ ପିଲପିଲି ନ ହେବାରୁ ବଡ଼ ଭାଇର ପୁଅଟିଏ ପାଳିଥିଲା । ତ ଦାର ଦୁଇବର୍ଷରେ ସନିଆର ଦୁଇଟି ପିଲା । ସନିଆ ଚିଠିଏ ଲେଖିଜଣା ବୋଲି ବଡ଼ଭାଇ ତାକୁ ସହରକୁ ପଠାଇଥିଲା ଗୁଣ ଶିଖି ଜମିଦାର ଖାଜଣା ଦବାପାଇଁ ।

ପିଲାମାନେ ବଡ଼ଧର ପଢ଼ି ବସିଲେ । ସନିଆ ତାହାର କାମରେ ଲାଗିଲା । ପିଲାମାନେ ଭାବୁଥାନ୍ତି ନ ପଢ଼ି କାମ କରିବାକୁ ମିଳିଲେ କେଡ଼େ ଭଲ ନ ହୁଅନ୍ତା । ଯେତେ ପଢ଼ିଲେ ବି ମାଷ୍ଟ୍ର ଖାଲି ଗାଳି ଦଉଛନ୍ତି । ସନିଆ ଭାବୁଥାଏ ଗାଁରେ କାମ ଯେମିତି ସହରରେ ବି ସେମିତି । ବସି ପଢ଼ିଲେ କେଡ଼େ ସୁଖୀ ନ ହୁଅନ୍ତା ?

"ସନିଆ ସନିଅ, କେଉଁଠା ବାବାଙ୍କୁ ପଡ଼ୁଛି ଆସିଲୁ ।" ସନିଆ ଚୁଲି ଚୁଲି ଆସିଲା ଘଣ୍ଟା ପାଖକୁ । ପିଲାମାନେ ସେଇଠି ପଢ଼ୁଛନ୍ତି । ସନିଆକୁ ଆସୁଥିବାର ଦେଖି ପଢ଼ା ବନ୍ଦ କରି ମୁହଁ ଟେକି ଚାହିଁଲେ । ସନିଆ ଚକିତ ହୋଇ ଭାବୁଥାଏ ଯେ ଘଣ୍ଟା ପିଲାମାନଙ୍କ ଦେଖି ଜାଣିଛନ୍ତି ନସ ତାଙ୍କୁ କିଏ ପଢ଼ୁଛି ?

ଶକ୍ତି ପାରିଲା ଭଳିଆ ମୁହଁଟା କରି ସନିଆ କାନ୍ଥଘଣ୍ଟାକୁ ଚାହିଁ ଠିଆ ହେଲା । କଣ୍ଟା ଚାଲୁନାହିଁ—ଘଡ଼ି ଝୁଲୁଛି ଦୋଳ ବଦାନ ପରି । ସନିଆ ଭାବୁଥାଏ କେଉଁଟା ବାଜିଛି ବୋଲି କହିବ ? ପଦାରେ ଖରାଅଡ଼କୁ ଚାହେଁ । କିନ୍ତୁ ଅଜଣା ଜାଗାରେ ବେଳ ଓର କରି ପାରିଲା ନାହିଁ । ପିଲାମାନେ ମୁରୁକି ହସା ଦେଇ ଚାହିଁଥାଆନ୍ତି ସନିଆ ମୁହଁକୁ । ଭିତରୁ ବାବୁଆଣୀଙ୍କ ରଡ଼ି ଶୁଭିଲା ସମୟ ଜାଣିବାକୁ । ସନିଆ ଟେଁ ଟେଁ ହୋଇ କହିଲା 'ଯାଉଛି ।'

ପିଲାମାନେ ପଚାରିଲେ କେଉଁଟା ବାଜିଛି ସନିଆ ? ସନିଆ କହିଲା ତମେ କହିଲ ଦେଖିବା । ସାନପୁଅ କହିଲା 'ମୁଁ କହୁଛି ବାରଟା ବାଜିଥିବ ।' ବଡ଼ପୁଅ ଭାବିଲା କି ସେ ଥାଉଁ ଥାଉଁ ସାନର କଥା ଠିକ ହୋଇଯିବ ? ସାନବଡ଼ ସମସ୍ତେ ସାନ ଭାଇକୁ ଦବାଇବାକୁ କହିଲେ ଆମେ କହୁଛୁ ବାରଟା ଟପି ଯାଇଥିବ । ସନିଆ ବଡ଼ପିଲାଙ୍କ ପକ୍ଷ ନେଇ କହିଲା ମୁଁ କହୁଛି ସାନବାବୁ ଭୁଲ କହୁଲେ । ଏଇକ୍ଷଣି ତେରଦଟା ବାଜିଛି ।

'କେଉଁଟା ବାଜିଛି ?' ସନିଆର ସ୍ୱର ଶୁଣିବା ଆଗରୁ ପିଲାମାନେ ଧାଇଁଲେ ମା' ପାଖକୁ ସାଢ଼େ ଦଶଟା ମୋଟେ ହୋଇଛି ଆଉ ସନିଆ କହୁଛି ତେରଦଟା—ହୁଣ୍ଡାଟାଏ । ସନିଆ ଗାରଡ଼େଇ ଚାହିଁ ଭାବୁଥାଏ ପିଲାଗୁଡ଼ାଙ୍କର ଦୁଷ୍ଟାମି କଥା—କହୁଛନ୍ତି ହୁଣ୍ଡାଟାଏ ।

ପିଲାଙ୍କ ଭିତରେ ଘମାଘୋଟ ଆଲୋଚନା ସନିଆର ଦୁଷ୍ଟାମି ନେଇ । କେଇ ବାଲ୍‌ଟି ପାଣିରେ କୁଣ୍ଡ ଭର୍ତ୍ତି ହୁଏ ସନିଆ ଠିକ କରି

ପାରୁନାହିଁ, ଘଡ଼ି ଚିହ୍ନି ଜାଣୁନାହିଁ, ଟେବୁଲରେ କେଉଁଟା ଅମୃତଭଣ୍ଡା ଫଳଟି କହି ପାରୁନାହିଁ। ପିଲାମାନଙ୍କର ତକିଆ ଖୋଳ ଭୁଲ ହେଉଛି।

ରବିବାର ଦିନ ଲୁଗା ସଫା ହୋଇ ଆସେ। ରାତିରେ ସନ୍ନଆ ବିଛଣା କରିବାକୁ ଯାଇ ଦେଖେ ଯେ ପୁରୁଣା ଖୋଳ ନାହିଁ। ବାବୁଆଣୀଙ୍କଠାରୁ ନୂଆ ଖୋଳ ମାଗିଆଣେ। ଖୋଳ ଭୁଲ ହେବ ବୋଲି ବାବୁଆଣୀ ସେଥିରେ ଏକ, ଦୁଇ, ତିନିକରି ସଂଖ୍ୟା ଲେଖେଇ ଆଣିଥିଲେ। ଯେ ସବୁଠୁ ବଡ଼ ତା ଖୋଳରେ ଏକନମ୍ବର ତା ତଳକୁ ଦୁଇ ନମ୍ବର, ତା ତଳକୁ ତିନି ନମ୍ବର। ସନ୍ନଆଁ ହାତରେ ଖୋଳ ମାପି ଦେଖେ ନେ ସବୁଯାକ ପ୍ରାୟ ସମାନ। ଠିକ କରି ନ ପାରି ଏ ଖୋଳଟା ଅମୁକ ତକିଆର ହୋଇଥିବ ପରି ଭାବି ଏଇଟା ସେଥିରେ ଭିଡ଼ାଇ ଦିଏ। କୋଉ ତକିଆ ପଞ୍ଜାବି ପିନ୍ଧିଲାପରି ଢୋଲା ହୋଇଥାଏ ଆଉ କିଏ ଗେଞ୍ଜି ପିନ୍ଧିଲାପରି କସି ହୋଇଥାଏ। ତକିଆ ଖୋଳ ବ୍ୟବହାର କରି ନ ଥିବାରୁ ସେ ତକିଆ ଖୋଳର ବ୍ୟବହାର ବୁଝିପାରେ ନାହିଁ। ବାବୁଆଣୀ କହିଥିବା ନମ୍ବର କଥା ମନେ ପକାଇ ହସେ। ବିନା ଦରକାରରେ ବାବୁଘର କାମ ବଢ଼ାନ୍ତି।

ରାତିରେ ଖାଇସାରି ଶୋଇବାକୁ ଯାଇ ପିଲାଙ୍କର ପାଳି ଲାଗେ। ଯିଏ ନିଜର ତକିଆ ହାତରେ ଧରି ବା ତଳେ ପକାଇ ଦେଇ ଖୋଳର ନମ୍ବର ଅଡ଼କୁ ବିରକ୍ତି ମିଶା ଗୁହାରୀରେ ଗୁହୁଁ ଏକ ସାଙ୍ଗରେ ଚିଲେଇବାକୁ ଆରମ୍ଭ କରନ୍ତି "ସନ୍ନଆ, ସନ୍ନଆ।"

ବାସନମଜା ଛାଡ଼ି ବିରକ୍ତ ହୋଇ ଆସି ପିଲାଙ୍କ ପାଖରେ ଠିଆହୁଏ। ସମସ୍ତେ ଏକା ସାଙ୍ଗରେ ପାଟିକରି କହନ୍ତି "ମୋ ତକିଆର ଖୋଳ କାହିଁ?" କିଏ କିଏ ତା ଉପରକୁ ତକିଆ ଫୋପାଡ଼ନ୍ତି।

ଅଙ୍କ ଶିଖି ପାରୁନାହିଁ ବୋଲି ତାଙ୍କୁ ଗାଳିଦଅନ୍ତି । ପିଲାଙ୍କଠାରୁ ଗାଳିଶୁଣି ତାକୁ ଭାରି ଲାଜ ଲାଗେ । ତାର ମନେ ପଡ଼େ ପୂର୍ବ କଥା—ସେ ଗୁହାଳକୁ ଯାଉଛି ।

ଚାକୁଅଣୀଙ୍କ ଗାଈଗୋରୁ ନେଇ ସେହି ଏକା ଧନ୍ଦା । ସକାଳରେ ଚୂନା ତୋରଣ୍ଡ଼ି ପାଣିକାଢ଼ି ଦିଆଯାଏ । ଗୋରୁଙ୍କ ଦାନା କହିବା ଯାକୁ ସନିଆ ଆପଣା ଇଚ୍ଛାରେ ଗାଈଙ୍କୁ କେଇଦିନ ଖୁଆଇଲା ପରେ ଦିନେ ଚାକୁଅଣୀ ତଦାରଖ କରି କହିଲେ "ଚୂନାବସ୍ତା ଅଧା ହୋଇ ଗଲାଣି । ଏତେ ଚୂନା ସରିଗଲା କେମିତି ? ଏଣିକି ତତେ ଦ'ବସ୍ତା ଦେଲି ହିସାବ କରି କେଇଦିନ ଚଳି କହିବୁ ।"

ସନିଆ ଗୋରୁଙ୍କୁ ଖୁଆଏ, ଆଉ ଗୁହାଳରେ ଗୋଟିଏ ଗାର ଟାଣେ । ମନେ କରେ ଯେ ଏଥର ସେ ଅଙ୍କ ହାରିବ ନାହିଁ । ଦିନେ ଗୋରୁ ଗୋଠକୁ ଯାଉଥିବାବେଳେ ପିଲାମାନେ ଲୁଚକାଳି ଖେଳିବାକୁ ଗୁହାଳରେ ଲୁଚିଥିଲେ । ଜଣକ ଆଖି ହଠାତ ପଡ଼ିଗଲା ସାମନା କାନ୍ଥରେ—ସାନ ବଡ଼ କେଇଟା ଇଟାର ଗାର ଧାଡ଼ି ଧାଡ଼ି ହୋଇ ଟଣା ହୋଇଛି । ଚୂନ କାନ୍ଥରେ ଗାର-ପକାଇ କିଏ ମଇଳା କରିଛି ବୋଲି ଜଣେ ଯାଇ ମା' ଆଗରେ ଫେରାଦ ହେଲା । ମା କହିଲେ ଯେ ସନିଆ କରିଥିବ । ଚୂନା ଗୋଳର ହିସାବ ସନିଆ ରଖୁଛି । ମା ଚାଲିଗଲା ପରେ ପିଲାମାନେ ଟୁଲଟିଏ ଆଣି ଠିଆ ହୋଇ ସେ ଗାର ସାଙ୍ଗରେ ସମାନ କରି ଆଉ କେଇଟା ସାନ ବଡ଼ ଗାର ଟାଣି ଦେଲେ । ଗୋରୁ ମୁହାଁଇ ଥିଲାବେଳେ ପିଲାମାନେ ବାଆଁ ହେଇ ଦୌଡ଼ି ଆସି ଦେଖି ଯାଆନ୍ତି

ଘାର ବତ୍ନୁଚ୍ଛି କି ନାହିଁ । ସନିଆକୁ ଏଣୁ ତେଣୁ କିଣିବା ବାହାନାରେ ବଜାରକୁ ପଠାଇ ଦେଇ ଯାହାର ଯେତେବେଳେ ମନେହୁଏ ଆସି ଥୋକେ ଗାର ଯୋଡ଼ି ଦଅନ୍ତି ।

ଦିନେ ସନିଆ କହିଲା 'ଦି ବସ୍ତା ଦାନା ତିନି ବୋଝ ସତର ଦିନ ଗଲା ।' ବାବୁଆଣୀ କାନ୍ଥ କାଲେଣ୍ଡର ଦେଖି କହିଲେ 'ଉଣେଇଶ ଦିନ ହୋଇଛି ।' ସନିଆ ରାଗିଲା । ତାକୁ ହିସାବ କଷିବାକୁ କହିଲାରୁ ସେ ହିସାବ ରଖିଲା । ସେଥିରେ ପୁଣି ତାକୁ ଅବିଶ୍ୱାସ— ସେ କଣ ଚୁରି ଖାଇଗଲା ? ଏଣେ ପିଲାଙ୍କର ହସ । ସନିଆ ହସର କାରଣ ବୁଝିବାକୁ ସନ୍ଦେହ ଆଖିରେ ଚାହିଁଲା । ସ୍ପଷ୍ଟ କହିଦେଲା ଯେ ସେ ଆଉ ହିସାବ ରଖିବ ନାହିଁ ।

ପିଲାମାନଙ୍କର ସନିଆ ଗୋଟିଏ ଆମୋଦର ବସ୍ତୁ । ଘଣ୍ଟା ଦେଖି ନ ଜାଣିବା, ଗୋରୁଙ୍କ ଦାନାର ହିସାବ କଷି ନ ଜାଣିବା ଆଦି ସବୁ କାମ ପିଲାଙ୍କ ଭିତରେ ବହୁତ ମଜା ଆଣେ ।

ସନିଆ ଯାଇଥିଲା ଦୋକାନକୁ ଦିଆସିଲି କିଣି । ରନ୍ଧା ଖରାପ, ଦିଆସିଲି ଜଳୁନି ନାହିଁ । ବାବୁଆଣୀ ରାଗିଲେ । ଫେରାଇବାକୁ ସନିଆ ଗଲା । ଦୋକାନି ପାଖରେ ବାଦବାଦ ହୋଇ ଦିଆସିଲି ବଦଳାଇଲା ହାତକୁ ପଇସାଏ ଜୋରିମାନା ଦେଇ । ଦିଆସିଲି କାଠି ଅଣ୍ଟିରେ ପୁରାଇ ଗୋଟିଏ ଗୋଟିଏ କରି ଜଳାଏ । ଲିଭେଇ ଦେଇ ରଖେ । ଏମିତି କରି ଗୋଟିଏ ଦିଆସିଲି ନେଇ ସନିଆ ହସି ହସି ହାଜର । ବାବୁଆଣୀ ଗୋଟିଏ ପରେ ଗୋଟିଏ କାଠି ଦେଖିଲେ ଯେ ସବୁ ଗୁଡ଼ିକ ଜଳିଯାଇଛି । ଫୋପାଡ଼ି ଦେଲେ ସନିଆ ମୁହଁ ଉପରକୁ 'କଲେ କାଠି କାହିଁ ?

## ସଭ୍ୟତାର ସାଜ

‘ଏଥର ମତେ ଖୁଣି ପାରିବ ନାହିଁ । ସବୁଗୁଡାକ କାଠି ଗୋଟିଏ ଗୋଟିଏ କରି ଜଳେଇ କରି ଆଣିଛୁ । ପଇସାଏ ଭଣ୍ଡି ଦେଲି ।’

‘କରେ ପୋଡ଼ା କାଠି ଗୁଡାକ ।’

ଆଉ କଣ !! ସନିଆ ହସୁଛି, । ବାବୁଆଣୀ ଖଣ୍ଡ ସାର କହିଲେ । ପିଲାମାନେ ସେ ଉଆସିଲି ନେଇ ଡେଇଁଥାନ୍ତି ଆନନ୍ଦରେ ।

ସନିଆ ମନା କରିଦେଲା ଆଉ ବଜାର କରିବ ନାହିଁ ।

ମସଲା ବାଟିଲାବେଳେ ସନିଆର କଳାବାହୁ ଦାଁ'ଟା ଫୁଲି ଫୁଲି ଉଠେ । ପିଲାମାନେ ସେତେବେଳେ ସେଇଟା ଛିପିବାକୁ ତା ପାଖଆଡ଼େ ଗୋଦା ହୋଇଥାନ୍ତି, ତାକୁ ଏଣୁ ତେଣୁ କହୁ ଖୁସାମତ କରି ଟିକିଏ ବାହାକୁ ଛିପି ଦେଇ କୁଦାମାରି ପଳାନ୍ତି । ବେଶି କଲବଲ କଲେ ସନିଆ ହାତକୁ ଛାଞ୍ଚୁଡ଼ି ଦିଏ ।

ଦିନେ କହୁଛି ‘ବାବୁମାନେ, ମୁଁ ବଡ଼ ରାଗୀ । ଜାଣିଛନ୍ତି ?’ ଗୋଟିଏ ପିଲା ପଚାରିଲା ‘ରାଗୀ ବୋଲି କେମିତି ଜାଣିଲୁ ?’

ହଉ ତେବେ ଶୁଣ । ମୋ ମାଇପ ବଡ଼ ରାଗୀ । ଦିନେ ତାକୁ ଏମିତି ହଲେଇ ଦେଲି ଯେ ସେ ତା ଘରକୁ ପଳେଇଲା । କହୁ ସବୁଠାରୁ ଦୁଷ୍ଟ ପିଲାଟିର ହାତ ଧରି ହଲେଇ ଦେଲା । ପିଲାଟି ରାଗରେ ଓ କଷ୍ଟରେ କାନ୍ଦି ପକାଇଲା ।

ତାକୁ ଅନ୍ୟପିଲାମାନେ ବୁଝାଇ କହିଲେ ‘କାନ୍ଦିଲେ ମା ରାଗିବ । ଚୁପ ଯାଇ ସନିଆ ମାଇପ କିଁ । ବୁଝିବା ।’ ସନିଆ ର ଟିକିଏ ଅନୁତାପ

କରୁଥାଏ । ଭୁଲ୍ ହେଲା ବୋଲି । ପିଲାଙ୍କ ଦଳ ପୁଣି ବେଢ଼ିବାକୁ ଦେଖି 'କହନ୍ତୁ କଣ ?' ପିଲାମାନେ କହିଲେ 'ନାଇ ଆମେ ଆଉ ତୋ ସାଙ୍ଗରେ ଲାଗିବା ନାହିଁ । ତୁ ଖାଲି ତୋ ମାଉସ ନାଁଟା କହିଦେ, ଆମେ ଚାଲିଯିବା ।'

ସନିଆ ପିଲାଙ୍କ ଗୋଳମାଳରୁ ରକ୍ଷା ପାଇବାକୁ ଗୋଟାଏ ରଫା କଲା । ତା ସଙ୍ଗରେ ଆଉ ନ ଲାଗିଲେ, ସେ ଆଉ ଥରେ କହିବ । ପିଲାମାନେ ବେଢ଼ୁଥାନ୍ତି ନାଁଟା ଜାଣିବାକୁ ।

ଥରେ ବିରକ୍ତ ହୋଇ କହିଲା 'ତୁମେ ନାଁ ଗୁଡ଼ାକ କହ ଯା ମୁଁ କହିଦେବି କେଉଁଟା ତାର ନାଁ ।' ଜଣେ କହି ଚାଲିଲା । କମଳୀ, ଅମଳୀ, ଟେମି ।

ସନିଆ ମୁଣ୍ଡ ହଲାଇ କହିଲା । ନାହିଁ, ନାହିଁ, ବଡ଼ ଲୋକ । ରାଜରାଜୁଡ଼ାଙ୍କ ମାଉସଙ୍କ ନାଁରେ କାନରେ ନ ଥାଏ ? ଆଉ ଜଣେ କହିଲା 'ମାଳିକିଢ଼, ଫାସିଆଁ, ନୋଳକ, ନୋଥ, !' ତା କଥା କେହି ବୁଝିପାରୁ ନାହାନ୍ତି ଦେଖି ସନିଆ ଆଉ ଟିକିଏ ସହଜ କରି କହିଲା- 'ମସଲା ଭିତରେ ଅଛି । ଜଣେ ବାହାର ପଡ଼ିଲା । 'ଲବଙ୍ଗ, ଅଳେଇଚ, ଗୁଜୁରାତି, ପାନମହୁରୀ, ପିପରମେଣ୍ଟ' । ସନିଆ କହିଲା 'ନା, ନା, ସେ ଗୁଡ଼ାକ କି ମସଲା ?' ଏଥରକ ସମସ୍ତେ କହିଲେ 'ହଳଦୀ, ସୋରିଷ, ରସୁଣ, ପିଆଜ, ଜୀରା, ପୋସ୍ତକ । 'ଜୀରା' କଥା ଶୁଣି ସନିଆ ବାଧା ଦେଲା ହଁ ସେଇ ସେଇ । ପିଲାମାନେ ଅଟକି ଯାଇ ପଚାରିଲେ- ପୋସ୍ତକ । ଶେଷରେ ଜୀରାରେ ହଁ ହେଲା ।

ପିଲାଙ୍କର ହସ ଓ ଥଟ୍ଟା ଆରମ୍ଭ ହେଲା । 'ହଇରେ ସନିଆ ତୋ ମାଉସ ନାଁ ଜୀରା ! ହେଁ ହେଁ ଜୀରା ଗୋଟାଏ କି ନାଁ ମ । ସନିଆକୁ

ବିରକ୍ତ ଲାଗିଲା ଯେ କଥାଟା ବେଳକୁ ବେଳ ବଢ଼ୁଛି । ତାର ସ୍ତ୍ରୀର ନାଁଟା ଏତେ ସୁନ୍ଦର ଥିଲା । ଅଥଚ ସେଇଥିପାଇଁ ପିଲାଗୁଡ଼ାକ ହସରେ ଉଡ଼େଇ ଦେଉଛନ୍ତି ।

ଟିକିଏ ଗୁମ୍ ମାରି କହିଲା 'ସେ ନୁହଁ ସେ ନୁହଁ' । ସେ ନାଁର ଆଉ ଗୋଟିଏ ଅର୍ଥ । ହୀରା ଚକ୍ ଚକ୍ କରେ ଅନ୍ଧାର ଘର ଆଲୁଅ କରିଦିଏ ।

'ଆଉ କଣ ହୀରା ?'

ହଁ, ହଁ ।

ପିଲାମାନେ ବିରକ୍ତ ହୋଇ କହନ୍ତେ ଆଗରୁ କହିଲା ନାହିଁ ସେ କଥା । ଜୀରା କହି ପୁଣି ହୀରା ବୋଲି ବଦଳଉଛି । ଦୁଃଖରେ ଭଥାଭୂଷା ହେଲେ ହୀରା ନ ହୋଇ ଜୀରା ହୋଇଥିଲେ ଭାରି ମଜା ହୋଇଥାନ୍ତା ।

ଯେ ଟିକିଏ ପଢ଼ିଥାଏ ସେ କହେ ମଫସଲରେ ମୂର୍ଖ ଅଛନ୍ତି । ପାଣ୍ଟ କୋଟ ପିନ୍ଧିବା ଲୋକ ଖୋଲି ଦେହରେ ଲୋକଙ୍କୁ ଦେଖି କହେ 'ଅସଭ୍ୟ' । ଟୋପି ପିନ୍ଧା ଲୋକ ଚୁଟି ଥିବା ଲୋକଙ୍କୁ କହେ ମୂର୍ଖ – ବଞ୍ଚିଛି କେମିତି ? ସନ୍ନିଅ ଘର ଭେଜାଣୀ କେତେ ପୁରୁଷ ଧରି ସେଇ କଣ୍ଢ ଡଢ଼ରେ ଚାଲିଛି ।

ଦିଆଲି ଆଗରୁ ପିଲାଙ୍କର ଚିନ୍ତା—କଦଳୀ ଗଛ ପୋତି ଜାକଜମକରେ ଦିଆଲୀ କରିବେ । ଜଣେକ ଘରୁ କଦଳୀ ଗଛ ବରାଦ

ହୋଇଥାଏ । ସନିଆକୁ ଖୁସାମଦ ଲାଗିଥାଏ । ସେ ଯେମିତି ଦିଆଲି ଦିନ ସକାଳୁ ଯାଇ ଦୁଇଟା କଦଳୀ ଗଛ ଆଣି ପୋତିବ ।

ଭୋରରୁ ଉଠି ପିଲାମାନେ ସନିଆକୁ ଉଠେଇଲେ । 'ସନିଆରେ ଯା—ଶୀଘ୍ର ଫେରି ଆସିବୁ । ଭଲ କଦଳୀ ଗଛ ଦେଖି ଆଣିବୁ—ଯେମିତି ପତ୍ରଗୁଡ଼ାକ ଫାଟି ନ ଯାଏ । ଏବା ଉଚ୍ଚା ହୋଇଥିବ । ପାନ ଖାଇବାକୁ ଦି ପଇସା ନେ' ।

'ହଉ, ଯାଉଛି ଚାଲ—' ସନିଆ ଗଲା । ପିଲାମାନେ ଦୁଆରେ ଚାହିଁ ରହିଲେ । ସନିଆ ଫେରୁଛି ଦୁଇଟା କଦଳୀ ଗଛ ଆଣିଛି । ରାସ୍ତାରୁ ଘରକୁ ଦଉଡ଼ଧାପଡ଼ ଲାଗିଥାଏ । ସନିଆ ଆସି ଗଛ ଦୁଇଟା ଫୋପାଡ଼ି ଦେଇ ଘରକୁ ଚାଲିଗଲା । ପିଲାଏ ଗଛ ସାଙ୍ଗରେ ବ୍ୟସ୍ତ ରହିଲେ । ହେଲା ପାଟି । ପତ୍ର କଟା ହୋଇଥିବା ଗଛ ଦି'ଟା ବାଛି ବାଛି ସନିଆ ଆଣିଛି । ପିଲାଏ କାନ୍ଦ ଜୁଟିଲେ—ସନିଆର ଆଣି ଦୁଇଟା ମଧ୍ୟ ଗଲା ।

ବାବୁଆଣୀ ବୁଝିବାରୁ ଜଣାପଡ଼ିଲା ଯେ ଭଲଗଛ ଦୁଇଟା ନେଇ ସନିଆ ଆସିଲାବେଳେ ବଜାରରେ ଜଣେ ପତ୍ର ମାଗିଲା । ସନିଆ ମନା କରିଦେବାରୁ ଜଣେ ଲୋକ ତା ଚୁଟିଟାକୁ ପଛରୁ ଭିଡ଼ି ଧରିଲା । ସେ ଫୋପାଡ଼ି ଦେଇ ସେ ଲୋକ ଆଡ଼କୁ ଧାଇଁଯିବାରୁ ଆଉ ଦଳେ ପତ୍ର କାଟିନେଇ ପଳେଇଲେ । ବଜାରର ଦେରୁ ପହୁଁଚି ଯିବାରୁ ସେ ଗଛ ଦି'ଟା ନେଇ ଆସିଛି । ସେ ଲୋକଙ୍କୁ ଏବେ ପାଇଲେ ତାର ଗଣ୍ଡି କଣା କରି ଦିଅନ୍ତା ।

ତାର ଚୁଟି ବାପ ଅଜା ଅମଳର ସମ୍ପଦ । ଚୁଟି କାଟିବା କଥା କେହି କହିଲେ ସେ ରାଗରେ ଜଳି ଉଠେ । ସେଥର ବଜାରରେ

ଚୂଟିନେଇ ଗୋଳମାଳ ହେବାରୁ ପୁଣିଥରେ ପିଲାଏ ଲାଗେଇଲେ ଚୂଟିଟା କାଟିଦବାକୁ । 'ଗୋ ଚୂଟି ଦେଖିଲେ ସପସ୍ତେ ନଚେ ବୋକା କହୁଛନ୍ତି' ।

ସନିଆକୁ ବି ଲାଗିଲା କଥାଟା ସତ । କଣ ଭାବି ସନିଆ ତାହୁଁ ଅବଦାନ ଚୂଟିଟି କଟେଇ ଦେଲା—ସେ ବୋକା ହୋଇ କେଇ ଦିନ ରହିବ ?

ମଣିଷ ହେଲେ ସମସ୍ତଙ୍କୁ ପାଠ ପଢ଼ିବାକୁ ହେବ, ହିସାବ ରଖିବାକୁ ହେବ । ଚୂଟି କାଟିବାକୁ ହେବ । ତାହେଲେ ସେ ହେବ ଚତୁର ଆଉ ମଣିଷ ।

ସହରରେ ରହି ସନିଆ ରାସ୍ତା ଚିହ୍ନିଲା । ବାବୁଙ୍କ ନାଁ ଜାଣିଲା । କେଉଁ ପକ୍କାଘରେ ଲୋକେ ଶୁଅନ୍ତି, କେଉଁଥିରେ ଗାଈ ବାନ୍ଧନ୍ତି—ତାହାର ପ୍ରଭେଦ ବୁଝିଲା । ଗାଁ କଥା ମନେ ପଡେ । ସେଠି ତାର ସାଙ୍ଗ ସାଥି ଲୋକେ ଏ ସବୁ ଜାଣନ୍ତି ନାହିଁ ବୋଲି ସେଠିକି ରାସ୍ତା-ପଡ଼ିନାହିଁ କି ସେଠେ କୋଠା ତଆର ହୋଇନାହିଁ । ସେଠୁ ମଣିଷ ଆସି ଏଇ ସହରରେ ଗୁଜର ଓ ହୁଣ୍ଡୀ; କିନ୍ତୁ ଗାଁରେ ସେ ମାମଲତକାର ।

ଗାଁକୁ ଗଲାବେଳେ ସେ ବଡ ଭାଇଙ୍କୁ କହିବ ଯେ ବାଥକରେ ପଢ଼ିଲାରୁ ସେ ଲଣ୍ଡା ହୋଇଛି । ବଡଭାଇ ସହରରେ ଗୁଜରୀ ଭଲ କୁଅଡ଼େ ବାଥକରେ ପଢ଼ି ଲଣ୍ଡା ହୋଇଥିଲା । ଲଣ୍ଡା ହେବାପରେ ସେ ଗାଁର ଜଣେ ମୁଖିଆ ହୋଇ ଯାଇଛି ।

# ଘର

ସହର ବୋଲି ପିଲା ସ୍ବରବର୍ଣ୍ଣ ପୂରୁ ନ ପୂରୁଣୁ ଖଡ଼ି ଧରି ବସିବ। ପାଖ ପଡ଼ୋଶୀଙ୍କ ଘର ସାଙ୍ଗରେ ବିଶେଷ ସମ୍ବନ୍ଧ କି ଦରକାର ନାହିଁ। ଖୋଲବୁଲ କରିବାକୁ ଜାଗା ନାହିଁ। ଦୁଷ୍ଟାମି କରିବାକୁ ବଡ଼ ପଡ଼ିଆ ହେଲା ସରକାରୀ ରାସ୍ତା—ବଡ଼ ବଡ଼ ଅଜଗରପେଟିଆ ଟ୍ରକ ଧୂଳିର କୁହୁଡ଼ି କରି ଯା ଆସ କରେ ଯେମିତି ରାସ୍ତାଟା ସେମାନଙ୍କର। ବୁଲା କୁକୁରଛୁଆ ବେଙ୍ଗ ଯେମିତି ମରନ୍ତି କେବେ କେମିତି ମଣିଷ ପିଲା ବି ସେମିତି ମଟର ଚକା ଭିତର ଦେଇ ଡାକ୍ତରଖାନା ନଇଲେ ମଶାଣିକି ବାଟ ଧାଆନ୍ତି। ଖେଳସାଥି କହିଲେ ଘରେ ଥିବା ଭାଇ ଭଉଣୀ। ଖେଳନା କହିଲେ ଘରର ଲଣ୍ଠନ, କାଚ ଗିଲାସ, ଅଗି ପାଣିଆ ଆଦି ପଦାର୍ଥ। ଏସବୁ ସହୁଥି ଲୋକଙ୍କୁ କେତେବେ

ଯୋଗାଏ ? ତେଣୁ ପିଲା ପାଠ ପଢ଼ିବ । ପଢ଼ାଇବାକୁ ବାପ ମାଆଙ୍କର ବେଳ କାହିଁ ? ବାପା ଯିବେ ଚାକିରି କରି ମା ରଖିବେ ଘର ତେଣୁ ଗୋଟିଏ ଭଡ଼ାଟିଆ ମାଷ୍ଟ୍ର । ସେ ପିଲାଙ୍କୁ ପଢ଼ାଇବ, ବୁଝାଇବ, ଖେଳେଇବ, ଦୁଷ୍ଟାମି ବନ୍ଦ କରିବ ଆଉ ବେଦାଳରେ ଦି, ତିନି ଗଣ୍ଡା ଟଙ୍କା ବାନ୍ଧିବ ରୁମାଲରେ ।

ମନୁଆ ମାଷ୍ଟ୍ର ପାଖରେ ବସିଲାଣି । ଦୁଇମାସ ଭିତରେ ଅକ୍ଷର ଶିଖିଛି । କିନ୍ତୁ ଅକ୍ଷର ଠାରୁ ଅଧିକ ଚିହ୍ନିଛି ନୂଆ ଧରଣର ଛବି ବହି ଭିତରର ପାଠବହିରୁ ଛବିତକ । ଛବି ଦେଇ ଅକ୍ଷର ଠାବରେ କହୁଥାଏ । ଯେଉଁ ଛବି ଭଲ ନ ଲାଗେ ସେ ଅକ୍ଷର ଶିଖିପାରେ ନାହିଁ । ଖାଏ ମାଡ଼ । ମାଷ୍ଟ୍ର ଭାବେ ମନୁଆର ଅମାନିଆ ମନକୁ ଦୁଷ୍ଟାମିରୁ ଟାଣିଆଣି ପାଠ ଭିତରେ ମାଡ଼ି ଦେଲା—ବଦମାସ ପିଲା ତଣ୍ଟି ପରସ୍ତ କରେଇ ଦେଉଛି । ପାଖରେ ବଡ଼ ଭାଇ ବି ପଢ଼ୁଛି । ମାଡ଼ ଗାଳି ଦରକାର ନାହିଁ । ତଣ୍ଟି ପରସ୍ତ ହେଉ ନାହିଁ । ଏମିତି ଦୁଷ୍ଟିଆ ପିଲାଙ୍କୁ ମଣିଷ କରିବାକୁ ଏହି ଚାକିରିଆ ବାବୁମାନଙ୍କର କାହିଁକି ଯେ ଏତେ ଚେଷ୍ଟା ଭଗବାନ ଜାଣନ୍ତି । ଯଦି ବଞ୍ଚି ରହନ୍ତି ତା ହେଲେ ଖେଳବୁଲ ମଜଲିସ କଥା ଭାବିଲେ କିଛି ମନେ ପକାଇ ପାରିବେ ନାହିଁ । ପଚାରିଲେ କହିବେ 'ଯେଉଁଦିନୁ ମନେ ପଡ଼ୁଅଛି, ମାଷ୍ଟ୍ର ପାଖରେ ବସିଛି ଆଉ ମଣିଷ ହେଉଛି ।' ବାଲ୍ୟବିବାହ କରିଥିବା ଲୋକେ ସ୍ତ୍ରୀ କି ସ୍ୱାମୀ ବିଷୟରେ କହିଲା ପରି—'ନ ଜାଣିବା ଅଟରୁ ଆମର ବିଭା ।'

'ମନୁଆର ଗୋଟିଏ ଭଣୀ ଭାଇ କି ଭଉଣୀ ହେବ'—ମା ଆଉ ପିଲାକୁ ସମ୍ଭାଳି ପାରିବ ନାହିଁ । ମା' ନ ଦେଖିଲେ ମନୁଆ ଘରର ସବୁ ଜିନିଷ ଭାଙ୍ଗି ଚୂନା କରିଦେବ । ତେଣୁ ମନୁଆ ତାହାର

ତେଣୁ ବୁଦ୍ଧି କୌଶଳ, ଦୁଷ୍ଟାମି ଆଦି ମାଷ୍ଟ୍ର ସାଙ୍ଗରେ ଲଗାଇଥାଏ। ପ୍ରଧାନ ସମସ୍ୟା ମାଷ୍ଟ୍ର ମାରିବ କି ନାହିଁ। ମାଷ୍ଟ୍ରବାବୁ କହନ୍ତି ମଣିଷକୁ ଘୁଷ ଦରକାର। ସେ ଘୁଷ ଅଫିସିର ବର୍ଷ ଶେଷର ଚରିତ୍ର ଶପଥରେ ମନ୍ତବ୍ୟ ହେଉ, କି ଚାକିରିରେ ପ୍ରମୋଶନ ହେଉ, କି ବାଣିଜ୍ୟ ବ୍ୟବସାୟରେ କ୍ଷତି ହେଉ, ଅବା ଲୋକ ସଙ୍ଗରେ ଚଳିବାରେ ଦୁର୍ନାମ ହେଉ କିମ୍ବା ରାସ୍ତାର ଭ୍ରମ ଲୋକଙ୍କ ଭିତରେ ହାତାହାତି ପିଟାପିଟି ହେଉଥାଉ। ମନୁଆ ଶଳୁଆଡି। ଶଶୁ ତୁଳସୀ। ଗୁରୁପାସ ହେଲାଣି ମାଷ୍ଟ୍ର ପାଖରେ ବସି ମଧ୍ୟ ଶଳୁଆଡି ତୁଳସୀ ସାଙ୍ଗରେ ମିଶି ତୁଳସୀ ହେଲାନାହିଁ। କାହିଁକି ବା ହୁଅନ୍ତା ! ଗୁରବର୍ଷର ମନୁଆ, ବଡ ଭାଇ ଆଠ ବର୍ଷର ଶଶୁ ସାଙ୍ଗରେ ଏକାଠି ଖେଳିବୁଲି ଚଳିଲା। ତଥାପି ବୋଡ ଉପରେ ସିଲଟ—ସିଲଟ ଉପରେ ବହି ଥାଇ ମଧ୍ୟ ମନୁଆର ମନ ଅନ୍ୟ ଆଡ଼େ।

ଲାଭ ଭିତରେ ମାଷ୍ଟ୍ର ବାବୁ ଶାସନ କରିବାର ପଦ୍ଧତି ମନୁଆର ବାପାଙ୍କଠାରୁ ଶୁଣିଲେଣି। ଦିନେ ରାଗିଯାଇ ନିଜ ହାତଟାକୁ ମନୁଆର ତଣ୍ଟି ପାଖକୁ ନେଇ ଚୁଇଁଥିଲେ କି ନାହିଁ ମନୁଆ ପାଟିକରି ଉଠିଲା ଯେ ମାଷ୍ଟ୍ରବାବୁ ତାକୁ ତଣ୍ଟିଚିପି ମାରିଦେବାକୁ ବସିଛନ୍ତି। ବାପା ବି ବୁଝିଲେ ଭଲ। ତାକିଦ କରି କହିଲେ ନ ପଢ଼ିଲେ ପିଲାଙ୍କୁ ତଣ୍ଟି ଚିପି ଶାସନ କରିବା ଏକାବେଳକେ ଭୁଲ। ପରେ କହିଲେ ଯେ, ଶାସନର ବାଟ ହେଉଛି 'ଭୁଅଁ ଦେଖାଇବ ମାରିବ ନାହିଁ'। ବେତ ଖଣ୍ଡ ଝୁଲଉଥିବ କିନ୍ତୁ ଛୁଆଁଇବ ନାହିଁ,—ପାଠ ଯେତିକି ହେଉ ସେତିକି।

ହେଲା ଏବେ ସେଇକଥା। ବେତ ଝୁଲିଲା। ଖାଲି ମାଷ୍ଟ୍ରଙ୍କର କାମ ବଢ଼ିଲା କିନ୍ତୁ ମନୁଆ ନିର୍ଭୟରେ ନିଜ ଚିନ୍ତାରେ ବ୍ୟସ୍ତଥାଏ।

ବଡ଼ ବର୍ଣ୍ଣ ଅକ୍ଷରକୁ ଥରେ ଥରେ ଗଣେଇ ଗୁହାଁଦେଇ ମାଷ୍ଟ୍ରବାବୁ ମନୁଅକୁ ପାଠ ପଢ଼ାଇବାରେ ଲାଗିଥାନ୍ତି । 'ହଁ କହ । ପ—ଣ—ଦନ୍ତ୍ୟସ—ପଣସ । ହାତର ବେତ ତଳେ ପିଠା ହୁଏ ମନଅ ଚମକି ପଡ଼େ । ସେ ଭାବୁଥାଏ ଯେ ଖାଉଥିବା ପଣସ ଆଉ ବହିର ଛବି ଏକା ନୁହେଁ ।

ମାଷ୍ଟ୍ରବାବୁ କି ଚିନ୍ତାରେ ବିଭୋର ହୋଇ ଭାବୁଥାନ୍ତି ଏ ଦୁଷ୍ଟ ପିଲା—ପଚାରୁଥିଲା 'ଏ ମାଷ୍ଟ୍ରବାବୁ କଣ ପଢ଼ିଛନ୍ତି ?' ବିଶ୍ୱାସର ପୁରୁଣା ମାଷ୍ଟ୍ର ଫାଇଲ ପଢ଼ିଥିଲେ । ବାପା ବି ସ୍କୁଲରେ ଫାଇଲ ପଢ଼ନ୍ତି । ଖରାବେଳେ ବି ଫାଇଲ ପଢ଼ନ୍ତି । ମାଷ୍ଟ୍ର କଲେଜରେ ପଢ଼ୁଛନ୍ତି, ଫାଇଲ ପଢ଼ିନାହାନ୍ତି । ମାଷ୍ଟ୍ରବାବୁଙ୍କୁ ନାପସନ୍ଦ କରି ଦେଇଥିଲା ।—ଏଇ ହେଲା ଗୁରୁସ୍ଥାନ ।

ହଁ, କୁହ ପଣସ କେମିତି ହେଲା ? 'ଣ' କାହିଁ ?

"ଅଜ୍ଞ ସାର, ମୁଁ ଖାଉଥିବା ପଣସ ଏମିତିକିଆ ନୁହ । ଏଇଟା କଳା ପଣସ—ଘୋଷ୍ଟ ପଣସ ।"

"ହୁ ହୁ, ପଢ଼ ପଢ଼ । 'ଣ' କେଉଁଠି ଅଛି—କାହିଁ ?"

ଆପଣ ପଣସ ଖାଇଛନ୍ତି ?,

ମାଷ୍ଟ୍ରବାବୁ ମନୁଅକୁ ଉତ୍ତରବାକୁ ବେତ ଉଞ୍ଚାଉଛନ୍ତି କି ନାହିଁ ମନୁଅ ତାଙ୍କ କୋଳ ଉପରକୁ ଚଢ଼ିଯାଇ ହାତରୁ ବେତଟା ଛଡ଼ାଇ ଆଣିବାକୁ କୁସ୍ତି ଆରମ୍ଭ କରିଦେଲା । ମାଷ୍ଟ୍ରବାବୁ ସେଇ ସୁବିଧାରେ ଓ ମନୁଅର ଅଭ୍ୟାସରେ ତାର ହାତ ଗୋଡ଼ ମୋଡ଼ାମୋଡ଼ି କରିଦେଲେ । ରାଗରେ ଥମଥମ ହୋଇ ମନୁଅ ଗୁମ ମାରି

ବସିଲା । ମାଷ୍ଟ୍ରେ ଯେତେ କହିଲେ ଆଉ ପଢ଼ିଲା ନାହିଁ । ମାଷ୍ଟ୍ରେ ଚଷମା ଯୋଡ଼କ ଠିକ କରି ବେତଖଣ୍ଡି ଧରି ଧୀରେ ଧୀରେ ବାହାରି ଗଲେ । ବାଟରେ ଭାବିଲେ ଏଇଟା ଏହି ସ୍ୱାଧୀନ ଭାରତର ଶାସନ ପ୍ରଣାଳୀ ପରି ହୋଇଆସୁଛି । ଶେଷକୁ ଏହି ତାଲିମ ଭିତରୁ ମନୁଆ ଗୋଟିଏ ପଣ୍ଡିତ ହୋଇ ସଂସାର ଦାଣ୍ଡକୁ ଡେଇଁ ପଡ଼ିବ—ଡେଇଁ ତାଙ୍କ ବାପା ଦେଖିବେ ।

'ସାର୍, ଆମର ଗୋଟିଏ ପୁଅ ହୋଇଛି ।' ମନୁଆ କହିଲା ।

'ସତେ ?'

'ହଁ, ସାର୍, କାଲି ରାତିରେ ହେଲା । ଆପଣ ଜାଣିନାହାନ୍ତି ?'—ବଣ୍ଟୁ ବହି ଆଗ୍ରହୀ ହୋଇ ଜଣାଇଲା ।

'ମୁଁ କହୁଥିଲି । ତୁ କାହିଁକି କହିଲୁ ?'

'ହଁ—ମୋ ଭାଇ, ମୁଁ କହିଲି ।'

'ମୋ ଭାଇ—ମା କହୁଥିଲା କାଲି ରାତିରେ ।'

'ମୁଁ ଶୁଣି ନାହିଁ ତ ?'

'ଏଇ, ପଢ଼ । 'ମାଷ୍ଟ୍ର କଲମ ଭାଙ୍ଗିବାକୁ କହିଲେ ।

ବଣ୍ଟୁ ବହି ଖୋଲୁଛି ମନୁଆ ତାକୁ ଗୋଟିଏ ଖୁନ୍ଦା ଦେଲା । ହେଲା ପିଠାପିଠି । ମାଷ୍ଟ୍ର ଦେଖିଲେ ବିପଦ । ପିଲାଟିଏ ହୋଇଛି ଘରେ ଖୁସି । ମନୁଆକୁ ମାରିଲେ ସୁବିଧା ହେବ ନାହିଁ । ମନୁଆ ଆଗଧାଡ଼ିର ତାଙ୍କ ସାଙ୍ଗରେ ବଳ କଷାକଷି କରି ସାରିଛି । ମନୁଆକୁ ଛୁଟି ଦେଇ ଦେଲେ । ମାଷ୍ଟ୍ରଙ୍କୁ ମନୁଆ ଲାଗି ଶିଖିଥିବା 'ଥାଙ୍କସ' କହି ଦେଇ ଉଠି ଚାଲିଗଲା ଅନୁଭବଶାଳ ପାଖକୁ ।

ପ୍ରଶ୍ନ ପରେ ପ୍ରଶ୍ନ ଆରମ୍ଭ ହେଲା ମା ଓ ମା ପାଖରେ ଥିବା ଲୋକଙ୍କୁ । ନୂଆ ପୁଅ କୋଉଠୁ ଆସିଲା ? ନୂଆ ପୁଅ ତାକୁ କଣ ବୋଲି ଡାକିବ ? ସେ ନିଜେ ନୂଆ ପୁଅକୁ କଣ ବୋଲି ଡାକିବ ? ଇତ୍ୟାଦି । ପଚାରୁ ପଚାରୁ ପୁଅ ଆଡ଼କୁ ଚାହିଁ ନିଜର ଦେହକୁ ଟିକିଏ ପରଖିଲା । ଭାବିଲା ପୁଅର ଛୋଟ ଛୋଟ ଗୋଡ ହାତ । ତାର ନିଜର ଗୋଡ ହାତ କେଡେ ବଡ଼ । ପୁଅ ତାକୁ ପାରିବ ନାହିଁ ବଳରେ । ଭାଇ ବି ହାରି ଯାଉଛି । ପୁଅ ସାଙ୍ଗରେ ଲଢ଼ିଲେ ଜଣାପଡ଼ନ୍ତା । ପାଖକୁ ଦୁହିଁ ଆସିବାରୁ ମା ଆଉଟି କଲା ମନୁଆକୁ ଏକୁଣ୍ଡି ବନ୍ଧ ଅରପାଖେ ରହିବାକୁ । ମନୁଆ ଟିକା ଯାଇ ଗଲା ବୋଲି ଭାବି ପଦାକୁ ଫେରି ଆସିଲା ।

ସେହି ବାରଣ୍ଡାରୁ ଘର ଭିତରକୁ ଦୃଷ୍ଟି ରଖିଥାଏ । ପିଲାଟା ଶୋଇଛି । ମନୁଆକୁ ଚାହୁଁ ନାହିଁ । ଧାଇ ମା'ର ଗୋଡ ଘଷି ଦେଉଥିଲା । ମନୁଆର ମନ ହାଉଁପାଉଁ କରୁଥାଏ ପିଲାଟିକୁ ଟିକିଏ ଘଷି ଦବାକୁ । କେଡେ ନରମ ଦିଶୁଛି । ଚେଇଁ ଥିଲେ ଘଷା ଖାଇବାକୁ ବୋଧହୁଏ କହନ୍ତା । ତାକୁ ଉଠାଇବାକୁ ମନୁଆ ଖୁବ ବଡ଼ ପାଟିରେ ମାଷ୍ଟ୍ରଙ୍କ କଥା କହୁଥାଏ । ଦେହରେ ମାଛି ବସୁଛନ୍ତି ବୋଲି ବହୁ ବଡ଼ଯୋରରେ ତାଳିଟାଏ ମାରିଦିଏ ।' ପିଲାଟା ଉଠୁ ନାହିଁ । ଚେଇଁ ଥିଲେ ମନୁଆକୁ ଦେଖି କେଡେ ଖୁସିଟାଏ ନ ହୁଅନ୍ତା ? ମନୁଆ ତାକୁ ଯେ ଭଲପାଏ, ତାକୁ ଯେ କେବେ ମାରିବ ନାହିଁ, ଏତିକି କହିଦଅନ୍ତା । ସେ କେମିତି ଜାଣିବ ?

ସେ ଦିନଯାକ ମନୁଆ ଭାବୁଥାଏ କୁନି ଭାଇଟି କଥା । ମନୁଆର ମହମ କଣ୍ଢେଇ ପରି ଲାଗେ ହୋଇଛି । ଓଜନଟା ଜାଣିଲେ ମନୁଆ ତାକୁ ଧରି ବୁଲନ୍ତା ଘରେ ଓ ରାସ୍ତାରେ ।

କେହି ମନୁଆକୁ ଛୁଆ ପାଖରେ ପୂରେଇ ଦେଉନ୍ତି ନାହିଁ । ମା କହେ ତଳି ଉପରକେ ଭାଇ ଅଛନ୍ତି । ମନୁଆ ଯେତ ଦୁଷ୍ଟପିଲା କେଜାଣି କାଳେ କଣ ଛଡ଼ ଭାଙ୍ଗିବ ? ମନୁଆ ଭାବୁଥାଏ ଛୋଟ ଟିଲଟା ବଡ଼ ଆଦର ପାଉଛି । ସମସ୍ତଙ୍କ କୋଳରେ ବସୁଛି । ମନୁଆକୁ କେହି ପଞ୍ଚୁବନାହାନ୍ତି କି କୋଳରେ ବସାଉ ନାହାନ୍ତି । ହିଂସାରେ ଅଭିମାନରେ ମନୁଆର ଛୋଟିଆ ଭଉଁଳ ଅଶିବୁଲଟି ଯେମିତି କାଳିଭଠେ । ଭାବେ ତାର ଗୋଟିଏ ଶତ୍ରୁ ଆସିଛି । କଥା କହି ପାରୁନାହିଁ । ସେ ମରିଗଲେ ମନୁଆକୁ ପୁଣି ସମସ୍ତେ ଭଲ ପାଇବେ । କେଧାଏ ଦେଲେ ପୁଅ ମରିଯିବ । ମନୁଆ ଓଠ ଆନନ୍ଦରେ ମେଲି ହୋଇଯାଏ ।

ବେଳେ ବେଳେ ମନୁଆ ହାତକୁ ମୁଠାକରି ଶୂନ୍ୟରେ ବିଧା ଉଞ୍ଚାଏ । ଭାଇ ଆସେ ନାହିଁ । କାନ୍ଥକୁ ଗୋଟିଏ ବିଧା ମାରେ । ହାତ ଝିମ ଝିମ ହୋଇଯାଏ । ମନୁଆ ଭାବେ ତାର ବିଧା ଠାଣି ହୋଇନାହିଁ । ଠାଣି ହେଲେ ଗୋଟାଏ ବିଧରେ ପୁଅ ଶେଷ ପାଇଯିବ ।

ବଶୁ ଭାଇଙ୍କ ଡାକେ ତାହା ସାଙ୍ଗରେ ବିଧା ଲଢେଇବା ପାଇଁ । ଭାଇକୁ କହେ ଯେ କୁନିପୁଅଟା ସବୁବେଳେ କାନ୍ଦୁଛି । ତାର କେଁ କେଁ ପୁଣି ମା ବି କାନ୍ଦୁଥିବ । ଚାଲ ତାକୁ ମାରିଦେବା ।

'ନାଇଁରେ ମନୁ, କୁନିପୁଅକୁ ମାରିବା ନାହିଁ । ବଡ଼ ହେଲେ ସେ ଆମସାଙ୍ଗରେ ଖେଳିବ ।' ମନୁଆ ମନକୁ ଭାଇର କଥା ପାଏ ନାହିଁ । ଭାଇ ସଙ୍ଗ ନ ଦେବାରୁ ମନୁଆ ଜିଦିକରେ ବଶୁର ଚକ ଖଣ୍ଡି ପାଇଁ । ବଶୁ କହେ 'ମୁଁ ଚକ ବୁଲୁଛି, ତୁ ଦେଖ ।' ଏତିକି କହି, ଡାଳ ଗୋଟିଏ ମୁଣ୍ଡାଳୀ କାଠି ଦେଇ ଗୁଡ଼ିଟା ଗାଡ଼ ବାହାରକୁ

ଝାଣିହୁଏ । ମଣ୍ଡଳ ଭିତରେ ଲମ୍ବାଗୋଲ ଗୋଟାଏ ଯୋଡ଼ାଏ ଝାଣି ଦେଇ କହେ 'ଦେଖିଲ ଦେଖ୍ ଆକାଶକୁ । ଆଜି ଏଇ ଛବି ହେଉଛି ମେଘ ଭିତରେ ସୂର୍ଯ୍ୟ ବୁଡ଼ି ଯାଉଛନ୍ତି ।"

'ନା, ମୁଁ ଗୋଟାଏ ଛବି କରିବି—ଗୋଟାଏ ସାପ ।'

ବଣୁ କହେ 'ଦେଖିବ ଦେଖ, ଦେଖେଇ, ଗଛ ହେଲା ।'

ମନୁଆ କାଳି ଲମ୍ବାଏ ଖଡ଼ିଟି ପାଇଁ । ଭାଇ ଚାହିଁବର ଖଡ଼ି ଘୋର ଦଉଛି । ଖଡ଼ିନେଇ ମନୁଆ ସାପ ଆଙ୍କିଲା । ଗାରକୁ ଖୁବ ଲମ୍ବାଇ ବଡ଼ ସାପ ତିଆରି କଲା—ଭେଳାର ଅଙ୍ଗ ତଳ । ଲମ୍ବାଗୋଲର ମୁଣ୍ଡପାଖରେ ଗୋଟାଏ ମୁଣ୍ଡଳା ମାରଦେଇ ତାହାଭିତରେ ସାପର ଆଖି ତିଆରି କଲା । ଭାଇକୁ କହିଲା 'ସାପଟି କେଡ଼େ ଭୟଙ୍କର ହୋଇଛି । ମୁଁ ଡରୁ ନାହିଁ' କହି ସାପ ମୁଣ୍ଡଉପରେ ଠିଆ ହୋଇଗଲା ।

ବଣୁ ପାଦରେ ଚକ୍ ଖଡ଼ିଟା । ଖଡ଼ି ତାହାର—ମନୁଆ ନିଜଖଡ଼ି ସାରି ଦେଇଛି । ବାଘହୋଇ ମନୁଆ ଖଡ଼ିଟାକୁ ବଣୁ ଅଡ଼ିକୁ ଫୋପାଡ଼ି ଦେଲା । ମଙ୍ଗାମଞ୍ଜି ଭଳିଆ ଟେଙ୍ଗଟେ ବଳିଛି । ବଣୁ ରାଗିଗଲା—ଏତେବଡ଼ ଖଡ଼ିଟା ଦେଇଥିଲା । ଛୋଟିଆ ନବ ନାହିଁ । ମାଡ଼ଗୋଳ ହେଲା ।

ପିଲାଟିକୁ ମାସେ ହେଲାଣି । ତଥାପି ମନୁଆକୁ ସମସ୍ତଙ୍କ ଡର ରହିଛି । କାଳେ ମନୁଆ କିଛି କ୍ଷତି କରିବ; କିନ୍ତୁ ମନୁଆ ଭିତରେ ଭିତରେ ପିଲାଟିକୁ ବଡ଼ ଭଲ ପାଏ । ନିଜର ଖାଇବା ଜିନିଷ କୁନାପୁଅ ପାଖରେ ବସି ଖାଏ । ମା ଅନେକଥର କହେ 'ଏଠି କାହିଁକି

ଖାଉଛୁରେ ମନୁଆ ? ଯା—ଶଣୁପାଖରେ ବସି ଖାଇବୁ ।' ମନୁଆ ଶୁଣେନାହିଁ । ତାର ଇଚ୍ଛା କୁନାପୁଅ ତାକୁ ହେଲେ ମାତ୍ରେ । ଏତେ ସୁଆଦଆ ଜିନିଷ ଗୁଡ଼ାକ ପୁଅଟା କିନ୍ତୁ ଖାଇପାରୁ ନାହିଁ ।

ଏମିତି ମନୁଆ ସାନଭାଇକୁ ଖୁଆଇ ନ ପାରି ତାହାର ଘର ଆଗରେ ବସି ବସି ଖାଏ । ସେଦିନ ମାଣବସା ଗୁରୁବାର । ସକାଳର ଭୋଗଚନେଇ ମନୁଆ ଖାଉଥିଲା—ଅରୁଆ ଚୂଡ଼ା ଛେନା, କଦଳୀ, ନଡ଼ିଆ ଓ କଦ । ମନୁଆକୁ ବଡ଼ ସୁଆଦ ଲାଗୁଥାଏ । ସମସ୍ତଙ୍କ ଅଜାଣତରେ ମନୁଆ କେତେବେଳେ ଉଠିଯାଉଛି ଭିତରକୁ । ମା ଆସି ଦେଖେ ତ ମନୁଆ ପିଲାର ଗୋଡ ଶୀଘ୍ର ଶୀଘ୍ର ଘଷଡ଼େଇଛି ଓ ଅଙ୍ଗୁଳି ଫୁଟାଉଛି । ବାନ୍ତିରେ ପିଲାର ନିଶ୍ୱାସ ଅଟକି ଯାଉଛି ।

ମା'କୁ ଦେଖି ମନୁଆ ଘରୁ ବାହାରି ଗଲାଣି । ପିଲାର ବାନ୍ତି ବନ୍ଦ ହେବାକୁ ନାହିଁ । ମା'ର ପାଟିରେ ଲୋକ ଜମିଗଲେ—ଏକା ମନୁଆକୁ ଛାଡ଼ି । ପିଲା ବାନ୍ତିରେ ଛେନା, କୋରା ନଡ଼ିଆ, କଦଳୀ, ଚୂଡ଼ା ଆଦି ବାହାରି ଥାଏ । ମନୁଆକୁ ପଚରା ଯିବାରେ ଦୋଷ ମନା କରିଦେଲା । କିନ୍ତୁ ମାଡ଼ପରେ କହିଦେଲା ଦେଇଛି ବୋଲି ।

ମା କାନ୍ଦିଲେଇ ପଶୁରବାରେ କହିଲା 'ସେ ମୋତେ ମାଗିଲା !'

'ମାଗିଲା ତ କଣ ?'—ପୁଣି ମାଡ଼ । ମା ବକୁଥ ହୋଇ ପଡ଼ୁଥାଏ ।

ମାଡ଼ଖାଇ ମନୁଆ ଭାବିଲା 'ହୁଣ୍ଡାଟାଏ । ଏତେ ସୁନ୍ଦର ଜିନିଷ ଖାଇବାକୁ ଦେଇଥିଲି ଯେ ସବୁ ବାନ୍ତିକରି ଶେଷରେ ମତେ ମାଡ଼ ଖୁଆଇ ଛାଡ଼ିଲା । ରହ ତତେ ଦେଖୁଛି ।' ମନୁଆର ନାଲିଆଖି ଛଅ-ମାସର କଅଁଳା ପିଲା ବୁଝିଲା ନାହିଁ । ଖାଲି କାନ୍ଦୁଥାଏ ।

ସେଦିନ ଉପର ଓଳି ମାଷ୍ଟ୍ର ପାଠରେ ପଢୁଥିଲା ବେଳେ ନେତ୍ରା କୁନିପୁଅର କାଉଂର କୁ ଦେ ପଢି ପାରିଲାନାହିଁ । ମଷ୍ଟ୍ରଙ୍କଠାରୁ ଛୁଟି ନେଇ ଭାଇକୁ ସେଲା । ଟୌକାଠ ସେପା ରୁ ଘର ଭିତରକୁ ଧୁନ୍ଦି ଭଉଣୀ ମ'କୁ କହିଲା 'ଏ କା' ।ଏ ଦେଖ ଘୁଡି ? ପଡା ଗୋଳମାଳ କରୁଛୁ । ଧାନ ବାଡ଼ ଟାଲି ଟେକି ଟେକି ପଡାପଡ଼ି ବସେଇ ଉପରେ ଦବନାହିଁ···ନହିଲେ ଘଟିଣ କୁ ... ଗୋ ରୁଳିଯାନ୍ତା ।'

ଶେଷ ଦୁଇଧାଡ଼ି ଫଟୁଟବେଳେ ଦାଦାରୁ ଶୁଣି ମା ମନୁଆ ମୁଖସ୍ଥ କରିଥିଲା । ଅନ୍ୟଲୋକ ଟୁକି ହସିଲେ ବି ମାଷ୍ଟ୍ରଙ୍କୁ ଉତ୍ତରଙ୍କ ଅସଲାନ୍ତ ନୁ ଟଲେଇଲା ମାଷ୍ଟ୍ର ପଟକୁ । ଧାନ କାଠ ନ କଲେ ଟସ ଘର ପାରବ ନାହିଁ । ... ସେଲା । ମାଷ୍ଟ୍ର ବେତ ଧ୍ୱଲଉଲେ, ଉଲେ ପିଠି ପିଠ ବେତକୁ ଟେଟସ କଲେ ତଥାପି ମନୁଆ ନିର୍ବିକାର । କିନ୍ତୁ ମଧ୍ୟ ନିର୍ବିକାର ହୋଇ ପଡ଼ିଲା—ପିଲା କାନ ଉଷା ପଡ଼ା ଗୋଳମାଳ କରୁ ନାହିଁ ବୋଲି ଦେଖାଇବାକୁ ମାଷ୍ଟ୍ରଙ୍କୁ । କିନ୍ତୁ ମନେ ମନେ ଭାବୁଥାଏ ଯେ ମନୁଆ ଲୁଚେଇ କଣ ଖୁଆଇ ଦେଉଛି । ମନୁଆ ଭାବୁଥାଏ ପୁଅଟା ମରୁନାହିଁ—ତାକୁ ଗାଲି ମାଡ ଗାଲ ଖୁଆଉଛି । ମାଷ୍ଟ୍ର ମଧ୍ୟ ନିର୍ବିକାର ହୋଇ ଭାବୁଥାନ୍ତି ମାଲିକ କହୁଥିବା ଶାସନ ପଦ୍ଧତିରେ ବେତ ପାହି ଲେଦରୁ ହେଲା କିନ୍ତୁ ଫଳ ନାହିଁ । ଗାଲି ଚଟାଣ ମାଡ଼ତକ ନିର୍ବିକାର ହୋଇ ସାଭ କରିଛି ।

ମହିବେ ମହିବେ ସୁବିଧା ପାଇଲେ ମନୁଆ କୁନିପୁଅ ଆଗରେ ବସି ତାହାର ଖାଇବା ଜିନିଷ ଖାଏ । ପିଲା ଟିକିଏ ବଡ ହୋଇ-

ଗଲାଣି । ଏଣେ ତେଣେ ଅନାଏ । ମନୁଆ ଉପରେ ଆଖି ପଡ଼ିଗଲେ ମନୁଆ ବଡ଼ ପାଟିରେ କହେ 'ଅଟେନଇଚ, ଖାଇବାକୁ । ସେଦିନ ଟିକିଏ ସୁଆଦିଆ ଜିନିଷ ଖାଇବାକୁ ଦେଇଥିଲି ଯେ ବାନ୍ତିକରି ମତେ ମାଡ଼ ଖୁଆଇଲା । ଆଜିଯାଏ ଗାଳି ଶୁଣାଉଛି" କହି ଦେଇଗଲି ଟେବୁଲପରି ଓ ଭାରି ମଜା କଲାପରି ଗୁଲୁଗୁଲୁ କରି ଖାଏ । ଭାବେ, ପୁଅ ହାଲିପାଇଁ ହେଉଥିବ ।

ସୁବିଧା ପାଇଲେ ଛୁଟି କରି ପୁଅକୁ ଦି'ଟା ମାରି ଦେଇ ଚାଲି-ଯାଏ—'ମତେ ମାଡ଼ ଖୁଆଇଛୁ ନା ?……ମତେ ଅମ୍ବୁ ତୁଥିଲୁ ନା ? ……ତୋ ଉଣ୍ଟି କଣାକରି ରକ୍ତ ପିଇବି । ମୋ କଥା ଶୁଣି ହସ ।'

ଏକଥା କି ଜଣା ପଡ଼ିଲା । ମନୁଆର ମା, ବାପାଙ୍କ ଆଗରେ ପୁଅର ଗୁଣ ବଖାଣିଲେ । ମାଷ୍ଟ୍ରଙ୍କୁ କଣ୍ଡୁ କହିଲା । ମାଷ୍ଟ୍ର କହିଲେ— ବନ୍ଧୁଆଡ଼ ।

ବାପା ମନୁଆକୁ ସାଙ୍ଗରେ ନେଇ ପୁଅ ପାଖରେ ବସିଲେ । ମନୁଆ ତାହାର ସବୁ ଅଭିଯୋଗ ଶୁଣାଇଲା । ତେବେ ତାର ମନଲଜ୍ଜା ପୁଅକୁ ଅଭିସିଲା, ଗେଲ କଲା । ତାହାର ହାତ ଗୋଡ଼ ପ୍ରଥମଥର ପାଇଁ ଭଲକରି ପରଖିଲା ।

'ମନୁଆ—କଣ ? ଇଏ କିଏ ?'
ଆନନ୍ଦରେ ମନୁଆ କହିଲା 'ଶ୍ରେଷ୍ଠ ଭାଇ !'

# କପାଳ

ଦିବାକର ବାବୁଙ୍କ ସ୍ତ୍ରୀ ଭଲ କି ଖରାପ ଏ ବିଷୟରେ ନିଜେ ଦିବାକରବାବୁ ମଧ୍ୟ କିଛି ଧାରଣା କରିପାରନ୍ତି ନାହିଁ । ଚାକର ନଥିଲେ ଦିବାକରବାବୁଙ୍କୁ ବସ ଉଠା କରେଇ ନଦେଇ 'ଚାକର' 'ଚାକର' ହେଉଥାନ୍ତି । ଚାକର ମନକୁ ନ ପାଇଲେ ତାହା'ର ଜବ-ଦେବାକୁ ଟିକିଏ ହେଲେ ପଛାନ୍ତି ନାହିଁ । ସବୁଥିରେ ଗୋଟିଏ କୈଫିୟତ—ବାବୁଙ୍କ ଝାଳବୁହା ପଇସା ଏମାନେ ଝାଳ ନ ବୁହାଇ ଟାଣିନେବାକୁ ତିଆର ।

ଚାକରଟିର ବୟସ ତେର କିନ୍ତୁ ଦେଖିବାକୁ ସତର ଅଠର । ଏହି ପ୍ରକାରର ଭେଣ୍ଡିଆ ଚାକର ରହିଥା ଦିବାକର ବାବୁଙ୍କ ଘରେ ସୁବଦନ ଚାକରଙ୍କ ବଳପରେ ସାଅନ୍ତାଣୀଙ୍କର ଦନ୍ତଘୋଳା ଫୁଟୁଥାନ୍ତି

ଅଣାହୁସିଆରରେ ଭାଙ୍ଗି ଦେଇଛନ୍ତି । ସାଆନ୍ତାଣୀ ପ୍ରଥମେ ଦିବାକର ବାବୁଙ୍କୁ ଏହି ସତ କଥା ବହେ ବୁଝାଇ ପକାଇଲେ । ତା' ପରେ ବଦଅ ପିଠିରେ ପିଣ୍ଡା ଉପରୁ ଦୁଇ ଗୋଇଠା ଦେଇ ବଦଅର ପୂର୍ବପୁରୁଷଙ୍କୁ ଅନେକ କଥା ଶୁଣାଇଲେ ।

ଏହି ମାଡ଼ଗୋଳ ଭିତରେ ବାହାରର ମଣ୍ଡ ବାଲ୍ଟି ଅସି ମଝିରୁ କଲା । ଶଦଅକୁ ଲାଜ ହେଲା । ସେ ସାଙ୍ଗେ ସାଙ୍ଗେ ତାହାର ଗାମୁଛା ଖଣ୍ଡିକ ବାହାର କରି ପଳାଇଲାବେଳେ ମାଛବାଲ୍ଟିକି କହିଗଲା 'ମଫସଲରେ ମାଇପେ ମାଡ଼ ଖାଆନ୍ତି କିନ୍ତୁ ଏଇ କଟକରେ ମାଇପେ ମାଡ଼ ଦିଅନ୍ତି ।

ଡେଙ୍ଗୁଟୁଣୀ ଅଗରେ ଏମିତ ଗୁରୁକର ଅପମାନ ଦେବାରୁ ସାଆନ୍ତାଣୀ ଦିବାକରବାବୁଙ୍କୁ ଅଫିସଘରୁ ଡ଼କେଇ ପଠାଇଲେ । ଗୁଳିଲା ଗୁରୁକର ଉପରେ ଜଙ୍ଗଲା । ଡେଙ୍ଗୁଟୁଣୀ ଏକା ସାକ୍ଷୀ । "ଯାହାବେଳେ ମୁଁ ବଦାକର ଦେଇଛୁ । ହେଲେ ସିଏକାଠର ଦାନ୍ତ ଖୁଆଁଠା କଲା । କେନ୍ଦ୍ରାପଡ଼ାରେ ଥିଲାବେଳେ ସାତଅଣା ପଇସାକୁ କିଣିଥିଲେ । ···ସେ ତାତପଣ—"

'ଏଣିକି ଗୁରୁକରଟିଏ ଆଣିଲେ ଦେଖିଥିବୁ ଆଣିବ ।' ଦିବାକର-ବାବୁ କହିଲେ 'କୋଉଠୁ ଦେଖିବ ? ଏବେତ ଗୁରୁକର ମିଳିବା ଯୋଗ କଷ୍ଟ । ଗୋଟିଏତ ଆସିଲେ ଗୋଟାଏ ଦଶ ମାସ ଉଧାଇ ନାହିଁ ।

ସାଗ ବାବୁଙ୍କ ଉପରକୁ ଉଠିଆସିଲା । 'ଆମକୁ ଡ଼କୁଥିଲେ ସିନା ମୁଁ ଗୁରୁକରକୁ ଡରନ୍ତି । ଘରଯାକର କାମ ମୋର ଗୋଟିଏ ହାତକୁ ନିଅଣ୍ଟ । ତସ୍ବର ଗୁରୁବାଙ୍କ ଦୁଃଖ ସହୁପାରେ ନାହିଁ ବୋଲି ଅଣ୍ଣି

ଠାବ ଦିଏ । ନହେଲେ ଚାକରମାନେ ଏଠି ଆସ ଗୁଡ଼ର ଏତେ କାଢ଼ନ୍ତେ ! ଆଜ ତାକୁ ଶିଖି ଦେଇଛି ସହନ୍ତା ।'

ଦିବାକରବାବୁଙ୍କର ମନେ ପଡ଼ୁଥିଲା ସାତବର୍ଷ ତଳର କୋହ୍ନୁ ଶିଖି ଦେଈ । ଦିବାକର ବାବୁ ଜାଣିଥିଲେ ଯେ ସ୍ତ୍ରୈଣ୍ୟରେ ଥିଲେ ଏମିତିକା କୋହ୍ନୁମିଳେ । ସେତେବେଳେ ସେ କଥା ସତପର ଲାଗୁଥିଲା । ଶିଖି ଦେଈ ଅନ୍ୟ ପ୍ରକାରର ଦିଶୁଥିଲେ ଓ ବ୍ୟବହାର ଭିତ୍ର ମଧୁରିଆ ଥିଲା । କେମିତି ଜଣାପଡ଼ନ୍ତା ଯେ ଶିଖିଦେଈଙ୍କ ଉତ୍ପାତରେ ଚାକର ରହିବେ ନାହିଁ ?

ବାବୁଙ୍କର ଅଫିସ ବେଳ ହେଉଛି । ସେ ଯିବେ ବୋଲି କଥା ଭାଙ୍ଗିବାକୁ କହିଲେ 'ଦିଅ ଛାଡ଼ିଦିଅ ମୁଁ ଯାଏଁ । ଅଜ ଅଫିସରେ ଟିଫିନ ପହଞ୍ଚିବା ଦରକାର ।'

ଶିଖି ଦେଈ ପୁଣି ଡେଉଁ ଉଠିଲେ । 'ମରଦମାନଙ୍କର ଅଖି ନ ଥାଏ । ସକାଳୁ ତ ଚାକର କଥା ବୁଝୁଁ ବୁଝୁଁ ଗଲା । ଚୁଲିରେ କଣ ହାଣ୍ଡି ଚଢ଼ିଛି ଯେ ମୁଁ କଣ କରିବ ?—ବାଧାରା ଆମକୁ କାହିଁକି ସ୍ତ୍ରୀ ଜନ୍ମ ଦେଲା କେଜାଣି ! ଜୀବନରେ ସୁଖ କଣ ଜାଣିବା ଆଗରୁ ଦିନ ରାତି ଗଧ ଖଟେଣି । ସବୁବେଳେ ଚୁଲିକି ଗୁହୁଁ ବସିଥା ! ବାବୁଙ୍କର ଅଫିସ କେଉଁଦିନ ବନ୍ଦ ନାହିଁ । ଦିନେ ଲେଟ୍ ହେଲେ ଦୋଷ ହେବ ମାଇପଙ୍କର । ହେଲେ ବାପ ମା ଦି ଅସର ପଢ଼େଇଥାନ୍ତେ !'

ବାବୁ ଗୁଲିଗଲେ ତାଙ୍କ ସାମନାରୁ । ପୋଷାକ ପିନ୍ଧି ଆସି ପାଣି ଗିଲାସେ ଗଡ଼େଇଲେ ପିଇବାକୁ । ଶିଖିଦେଈଙ୍କର ମନରେ ଦୁଃଖ ଆସିଲା । ସେ ଦଉଡ଼ିଆସି ବାବୁଙ୍କ ହାତ ଧରିପକାଇ ଅନୁନୟ

କହିଲେ 'ଘରେ ଚୁଡ଼ା ଜଳଖିଆ ଅଛି ଦଇଥା ଖାଇଦେଇ ଯାଅ । ଖାଲି ଉପାସରେ ଯାଅନା ।'

ବାବୁ ବସି ଜଳଖିଆ ଖାଇଲାବେଳେ ମନେ ମନେ ପ୍ରଶଂସା କରୁଥିଲେ ନିଜକୁ । ଶିବଦେଈଙ୍କ ପରି ବୋହୂଟିଏ ନ ଥିଲେ ନିଶ୍ଚେ ଉପାସରେ ଯିବାକୁ ପଡ଼ୁଥାନ୍ତା । ଗୃହର କଳିହର ଚେତେଇବାକୁ ଉପାସରେ ଅଫିସକୁ ଯାଆନ୍ତି । ସାଆନ୍ତାଣୀ ଆସି ବଳେଇଦେଇ କବାଟ ଦେଇ ଫେରିଲେ ।

ବାବୁ ଯିବାପରେ ରାଗ ଉଠିଲା ବାପ ମାଙ୍କ ଉପରେ, ଝିଅକୁ ମୂର୍ଖକରି ରଖିଥିଲେ ବୋଲି । ଝିଅ ମୂର୍ଖ ନ ହୋଇଥିଲେ କଣ ଏମିତି ବାବୁ ଅଫିସ କରୁଥାନ୍ତେ ! ଆଜି ଏଣେ କଏ ଖାଇଲା ନ ଖାଇଲା ସେଥିକି କଣ ଆଖିରେ ଚାହାନ୍ତେ ନାହିଁ ? ଅନେକ ଏଣୁ ତେଣୁ ଭାବିଲେ—ନିଜର ପାଠ ନ ପଢିଥିବା କଥା ଓ ନିଜର ସ୍ତ୍ରୀ ଜନ୍ମ କଥା ।

ଅଫିସ ଫେରନ୍ତି ବେଳକୁ ଶିବ ଦେଈଙ୍କର ଅଭିମାନ ହୋଇଛି କିନ୍ତୁ ରାଗ କମିଛି । ବହୁତ ସମୟ ଡାକିବା ପରେ କବାଟ ଫିଟିଲା । ସେଥିରୁ ଦିବାକରବାବୁ ଜାଣିଲେ ଯେ ନୂଆ ଗୃହର ଆସିବା ପର୍ଯ୍ୟନ୍ତ ଏମିତି କୁଷା ଧୋକା ଲାଗିଥିବ ।

ତଥାପି ପୋଷାକ ବଦଳାଇବାର ଡେରି କରି ସେ ଭାବୁଥାନ୍ତି କଣ କଲେ ଭଲ ହେବ । ନିଜେ ରୋଷେଇ କଲେ ଧରଣୀଙ୍କ ରାଗ କମିବ ନା ତାଙ୍କ ରାଗ କମାଇବାରେ ଚେଷ୍ଟାଯତ୍ନ କଲେ ରୋଷେଇ ସୁବିଧାରେ ହୋଇପାରିବ ।

ପୋଷାକ ବଦଳାଇ ଫେରିଲା ବେଳକୁ ଶିପ୍ରା ଦେଇ ମୁହଁମାଡ଼ି ଶୋଇଛନ୍ତି । କବାଟ ପାଖରୁ ଚାହିଁ ମନେ ମନେ ଭାବିଲେ ଅଫିସରୁ ଆସି ମଧ୍ୟ କର୍ତ୍ତବ୍ୟର ଛୁଟି ନାହିଁ । ଘରର ଘରଣୀ ରାଗିଛନ୍ତି । ଅଫିସରଙ୍କ ରାଗଠାରୁ ଏ ରାଗ ଗୁରୁତର । ଅଫିସରଙ୍କ ରାଗ କାଗଜ ପତ୍ର ଉପରେ । ଘରଣୀଙ୍କ ରାଗ ହାଣ୍ଡି ମାଠିଆ ଲୁଗାପଟା ଉପରେ ।

ଗାଧକର କଳରୁ ପାଣି ଛାଡ଼ିଲେ । ଘରଣୀଙ୍କୁ ଜଣାଇବା ପାଇଁ ବହୁତ ବେଳଯାଏ ଧୋଇଧାଇ ହେଲେ । ଶିପ୍ରା ଦେଇ ଅନ୍ଧାର କୋଠରେ ତକିଆରେ ମୁହଁ ପୋତି ମନେ ମନେ ଚିଡୁ ଥାଆନ୍ତି ବାବୁଙ୍କ ଉପରେ । ପୁରୁଷ ଲୋକେ ଅଫିସ ପ୍ରତି ଯେଉଁ ମମତା ଦେଖାନ୍ତି ଘରେ ତାହାର କାଣିଚାଏ ନାହିଁ । ତାହା ନ ହୋଇଥିଲେ ଏସବୁ କଥା ଜଣେ ଭାବିବାକୁ ପଡନ୍ତା ।

ହାତରୁ ପାଣିଲୋଟା ଦୂମକିନା ଖସିଲା । ଜାଣିକରି ବାବୁ ସେତକ କରି ଥାଆନ୍ତି, କାରଣ ଜିନିଷ ଉପରେ ଘରଣୀଙ୍କର ଭାରି ଆସ୍ଥା । ଦୁଆରଆଡ଼କୁ ମୁହଁ ବୁଲାଇଲେ । ବାବୁ ଦୋଷୀ ଲୋକପରି ଲୋଟାକୁ ଉଠାଇ, ଲୋଟାର ଦେହକୁ ଆଉଁସୁଛନ୍ତି ଆଉ ନିଜର ଗୋଡ ଆଙ୍ଗୁଠିକୁ ଦେଖୁଛନ୍ତି ।

ଶିପ୍ରା ଦେଇ ବରବର ହୋଇ କହିଲେ 'ଏତେ ଅଣହୁସିଆର । ଆଉ ଚାକରକୁ ଗାଳିଦେଇ କଣ ହେବ ? ଚାକର ଛଅଣାର ଜିନିଷ ଭାଙ୍ଗିଲେ ଆମବାବୁ ଛ'ଟଙ୍କାର ଜିନିଷ ଭାଙ୍ଗିବେ । ମୁଁ ନ ଥିଲେ ଏ ଘରର କାଉ ଡେଇଁଥାଆନ୍ତା ।'

ବାବୁ କୁଅମୁକ୍ତ ଭଣ୍ଡାରଘରକୁ ଚାଲିଲେ ଜଳଖିଆ ଦରାଣ୍ଡିବା ପାଇଁ । ଭୋକ ଟିକିଏ ଅଧିକ ହୋଇଛି । ବହୁତ ଖୁଟୁଖାଟ ଶୁଣି

ଶିସ୍ତ ବଦାଣ ଉଠିଲେ । କେଜାଣି କଣ ଭଙ୍ଗା ଛୁଟା ହେବ । ବାବୁ ବାଁ ହାତରେ କଦଳୀ ଓ କହୁଣୀ ମଝିରେ ଖନାଡ଼ବା, ଗୁଡ଼ପାଖରେ ରୁଡ଼ାଠୁଙ୍ଗା ଓ ଡାହାଣ ହାତରେ ଦହିହାଣ୍ଡି ଧରି ଭିତରୁ ବାହାରିଲା-ବେଳେ ଶିସ୍ତ ଦେଈଙ୍କି ଆଗରେ ଦେଖି ବଡ଼ ଗର୍ବରେ ହସିଲେ ଯେମିତକି ଆପଣା କାମ ପାଇଁ ନିର୍ଭର ନାହିଁ । ତାଙ୍କର ଖିଆଲ କାହୁ ଗୋଡ଼ ଝୁଣ୍ଟିଲା ମସଲା ଟିଣକୁ । ତଳଯାଇ ଚୁଣିହୋଇଗଲା ।

ଶିସ୍ତଦେଈ ଦୁଇ ଦୁଇ ଥର ଦୋଷ କାମ ଦେଖି ବାବୁଙ୍କଠାରୁ ଜିନିଷ ଛଡ଼ାଇ ନେଲେ । 'ହଉ ଦଅ ଦଅ ଜଣା ପଡ଼ୁଛି କାଲିକି ମାସକର ଦରମା ନଷ୍ଟରେ ଯାଇଥିବ । ଗୁଡ଼ର ଗଲା—ଘର ଉଜୁଡ଼ିବ ।'

ଜଳଖିଆ କରି ବାବୁଙ୍କ ପାଖକୁ ବଢ଼ାଇ ଦେବାରୁ ବାବୁ କଅଁଳ ଗଳାରେ କହିଲେ 'ତମେ ଖାଇ ନଥିବ ବୋଲି ମୁଁ ଉଆଉ କରୁଥିଲି ।' କଡ଼ା ଜବାବ ମିଳିଲା 'ହଉ ବହୁତ ଆମ ଖବର ବୁଝୁଛ । ନିଜେ ଖାଅ ।'

କଳି ଓ ଲୋଭ ଉଭୟ ବନ୍ଦ କରିବାକୁ ବାବୁ ଖାଇବସିଲେ । ସବୁଆଅନ୍ତି ଘର ନ କରି ହୋଟେଲରେ ଥିଲେ ଏଭଳି କୌତୁକ କାହୁଁ ମିଳନ୍ତା ?

ଗୁଜର ନାହିଁ । ମିଳାମିଶ ମଧ୍ୟ ଠିକଣା ନାହିଁ । ଘରର ନଜ କାମ ବାବୁ କରନ୍ତି ବୋଲି ତାଙ୍କ ପାଖକୁ ଆସିଥିବା ସବୁ ଭଦ୍ର-ଲୋକଙ୍କୁ ତାହାର ବଖାନ ଶୁଣାଆଏ । ଆସିଥିବା ଲୋକେ ବାବୁଙ୍କ ତାରିଫ କଲେ, ବାବୁ କଅଁଳେଇ ଘଟିଲୁ ପାନ ମଗାନ୍ତି । ଶିସ୍ତ ଦେଈ

ଟେଁ ଟେଁ ହୋଇ ପାନ ଭାଙ୍ଗିଲାବେଳେ କହୁଥାଆନ୍ତି 'ଦେଖ ମରଦଙ୍କ ତାରିଫ କଥା । ଆମେ ସବୁ କାମ କଲେ ବି ପଦେ ପ୍ରଶଂସା ନାହିଁ ଅଥଚ ବାବୁ ଜଣେ ଟିକିଏ ହାତ ହଲାଇ ଦେଲେ ହୁଅଥା ଯାକର ପ୍ରଶଂସା ।'

ପନ୍ ଥାଳିଆ ନେଇ ଦୁଆର ମୁହଁରେ ଠିଆ ହେଲାବେଳେ ଅସିଥିବା ଭଦ୍ରଲୋକଙ୍କର ଆଖି ଦୁଆରଆଡ଼କୁ ବଙ୍କାଇ ଯାଏ । ଶିଘ୍ର ଦେଇ ଭାବନ୍ତି ଚାକର ନ ଥିବାରୁ ଅନ୍ୟ ଘରୁ କୁଆଡ଼ୁ ଗୋଡ଼ ଭାଡ଼ି ହେଲାନାହିଁ । ଏଣେ ଭଦ୍ରଲୋକଙ୍କ ଚର୍ଚ୍ଚା ବଢୁଛି ।

ସାତଦିନ ଏମିତି କଟିଗଲା । ସବୁବେଳେ କଳି । ଚାକର ରହିଗଲେ ବାବୁଙ୍କର ଯଶ । ଛାଡ଼ି ଗଲେ ଘରଣୀଙ୍କ ଦୋଷ ।

ଘରକାମ ଏଡ଼ାଇବାକୁ ଘରଣୀଙ୍କ ଦୋହରା ଗୋଟିଏ ଲମ୍ବା ତାଲିକା ନେଇ ବାବୁ ଚାକର ଖୋଜିବା ବାହାନାରେ ବୈଠକ ମାରୁଥାଆନ୍ତି । ଯେଉଁଠି ବସନ୍ତି ସେଠି ଗୋଟିଏ ସମସ୍ୟା । ସେ ଏକା ହତଭାଗା ନା ସମସ୍ତେ ?

ଫେରିଆସିଲେ ମହାଭାରତ ଆରମ୍ଭ ହୁଏ । ଶିଘ୍ର ଦେଇ ତାଙ୍କ ଦୁଃଖ କହୁ ପଶୁରନ୍ତି 'ଗଲ ବୁଢ଼ୀଆସିବ ମୋ ଛଡ଼ା ଆଉ ହାନ କପାଳୀ କିଏ ଅଛି ? ଚାକର ନାହିଁ, ଘରେ କେହି ନାହିଁ । ତମେ ଖାଲି ଚାକର ଖୋଜିବାକୁ ଦିନରାତି ପଦାରେ । ବଡ଼ ଶଳା ଚାକରରେ ରଳବା । ତମେ ଏଣିକି ରହ ଘରେ '

ବାବୁ ଖୋଜି ଖୋଜି ଭାବନ୍ତି ସେ ମଲେ ଏଥର । ଘରେ ରହିଲେ ହୁଏତ ରାନ୍ଧିବାକୁ ପଡ଼ିବ । ଘରଣୀଙ୍କୁ ଟିକିଏ ଛୁଟି ମିଳିଲେ ତାଙ୍କ ହାକିମି ଚାଲିବ ବେପରୁଆ । ଯାହାତାହା ଗୋଟାଏ ଆଣିଦେଲେ ଛୁଟି ।

ତହୁଁ ଅରବିନ୍ଦ ବାବୁ ବୁଲି ବୁଲି ଗୋଟାଏ ହୋଟେଲ ହାଙ୍ଗରେ ଧରି ଅସିଲେ । ତେବେ ସେ ଟିକିଏ ଖାଇଲାବାଲା । ଖିଆ ଦେଇ ପଚାରିଲେ ସବୁ କଥା । ଘର କୋଉଠି, ପିଲାପିଲି କେଇଟି, କେଇ ଟଙ୍କା ଦରମା ନେବ, କେଇଖଣ୍ଡ ଲୁଗା ନେବ, କେତେମାସ ରହିବ ବୃତ୍ତିସ୍ଥ ର ପଚାରିଲେ ତାର ଝିଅ କଥା ।

ବାବୁଙ୍କୁ କହିଲେ 'ହେଲେ ଅସୁବିଧାଏ । ଥରେ ତା ଆଖିକୁ ଚାହିଁ ମ । ଏଇ ମହରରା ଧନେ ସେ କେତେ ଖାଇବ କେତେ ନବ ଟିକିଏ ଭାବିଲ ନାହିଁ ।' ବାବୁ କହିଲେ 'ଗୁଡ଼ର ସିନା ଖୋଜିବ । ତାର ଗୁଣ କୁଅଡ଼ୁ ତଆର କରିବ ? ଅଣିଛୁ ବୋଲି ତମେ କଣ ଚଳେଇ ନେଇ ପାରିବ ନାହିଁ ?'

ସେଇଦିନୁ ରହିଲା ପୁଣି ପାଟି । 'ଗୁଡ଼ର ଖାଲି ବୁଲି ପଳାଉଛି, ଖାଇଲାବେଳେ ଦେଖା ଦେଉଛି । ଖାଇଲାବେଳେ ଦାଣ୍ଡି ସଫା କରି ଦେଇ ଭଲ ଖାଉଛି ।...ଘର ବାସି ପଡ଼ିଲା । ଅଇଁଠା ବାସନରେ କୁଅଁ ମଉଜ କଲେ । ସଜନା ଗଛ ମାଙ୍କଡ଼ ଖାଇଲା । ପାଟି କରି କରି ମୋ ତଣ୍ଟି ବସିଲା ।'

ତେବେ ଅସିଲା ଖାଲି ଶୁଣେଇଲା କଥା । 'ଅମୁକ ବାବୁଙ୍କ ଘରେ ଏତେ ଟଙ୍କା ପାଉଥିଲି, ମତେ ଏତେ ଟଙ୍କା ଦିଅ । ରୋଷେଇ ସବୁ ଜାଣିଛି । ଅଠ ପ୍ରକାରର ମାଂସ, ଦଶ ପ୍ରକାରର ମାଛ ।' ଡାଲି ସିଝେଇ ଜାଣେନାହିଁ, ପୋଡ଼ା ରହେ । ରୁଟି ଖାଁଟେଇ ଜାଣେନାହିଁ ଗୋଡ଼ି ଦାନ୍ତ ଭାଙ୍ଗିବ । ହାଣ୍ଡି ଧୋଇଲେ ଭାଙ୍ଗିଲା । କଥା କଣ ନା

ସେମାନେ ମାଇପେ ନୁହନ୍ତି । ଖାଲି ମେସ ଖୋଜୁଛନ୍ତି ବହୁବାରୁ ।
ଏଠି କୁଅଡ଼େ ମାଇପଙ୍କ ଲଗା ଜାଣିବାକୁ ପଡ଼ୁଛି ।'

ଏହିସବୁ ଶୁଣି ଦିବାକର ବାବୁ ଭାବୁଥାଆନ୍ତି ପୁଣି କପାଳ ଫାଟିଲା । ଏ ଗୁଣ୍ଡର ବ ପଳେଇବ । ପୁଣି ଘରେ ଲଢ଼େଇ ଲାଗିବ ।

ଦିନେ ଗୁଣ୍ଡର ଆସି ମାଗିଲା 'ବାବୁ ମୋର ପଇଶ ଦିନର ଦରମା ଦେଇଦିଅ । ମାଆଙ୍କ ଗାଳିରେ ଆଉ ମୁଁ ରହି ପାରିବ ନାହିଁ । ଆପଣଙ୍କ ମୁହଁକୁ ଗୁହିଁ ଅସିଥିଲି ।

ନାନାର ଖାତିର ବଜାୟ ରଖିବାକୁ ଦିବାକର ବାବୁ ତାକୁ ବୁଝାଇଲେ । କିନ୍ତୁ ସେ ରହିବ ନାହିଁ । ସିଅଡ଼ୁ ସଅଡ଼ୁ ଅଫିସରେ ଦରମା ଦେଇ ବିଦାୟ କରିଦେଲେ ।

ଯେତେବେଳେ ଜଣାପଡ଼ିଲା ବାବୁ କହିଲେ 'ଗୁଣ୍ଡର ପଳାଇଛି ।

'ତାହାହେଲେ ତାକୁ ଗ୍ରେପ୍ତାରେ ଦିଅ ।'

ବାବୁ ମନାକରି ଗାଳି ଖାଇଲେ !

'କାହିଁକି ଦବନାହିଁ ଗ୍ରେପ୍ତାରେ ?'

'ଅରେ ଗ୍ରେପ୍ତ କରନାହିଁ । ମୁଁ ନିଜେ ଶାସ୍ତି ପାଇବ ନା କଅଣ ?'

ସେ ଗୁଣ୍ଡର ଯାଇ ଗୋଟିଏ ପଡ଼ୋଶୀ ଘରେ ରହିଲା । ସେଠୁ ଶିଖି ଦେଇଙ୍କର କାର୍ଯ୍ୟ ପ୍ରଗ୍ଚାର କରେ ଯେ ବାବୁଟି ଏତେ ଭଲ ଆଉ ବାବୁଆଣୀ ଗୋଟାଏ ରାଢ଼ ।

ଶିଶୁ ଦେଇଙ୍କର ଗର୍ଜ୍ଜନ ଚୂଟିଲେ ବାବୁଙ୍କ ଉପରେ । 'ଟଙ୍କା ଦବାକୁ କିଏ କହୁଛି ? କାମ କଲାରୁ ମୁହଁ ପଡ଼ିଯାଉଛି । ଭଲ କଥା ଯଦି ଅଛି ଗୋଟିଏ ଚାକର ଯୋଗାଡ଼ କରି ଆଣ । ଆମେ ଦି ଅକ୍ଷର ପଢ଼ିନାହୁଁ ବୋଲି ଏଇ ଦରବାର ମିଳୁଛି ।' କହି ବାନ୍ଧ ପକାନ୍ତି ।

ବାବୁ ଭାବନ୍ତି 'ପ୍ରଭୁହେ ମତେ ପୁରୁଷ ଜନ୍ମରୁ ମୁକ୍ତି ଦିଅ । ଆର ଥରକୁ ସ୍ତ୍ରୀ କରି ସଂସାରକୁ ପଠାଅ ।'

କପାଳ— ।

# ସକାଳ

ଦିନ ଓ ରାତି । ଅନ୍ଧାର ଓ ଆଲୁଅ । ଏ ସମସ୍ୟାର କଣ ସମାଧାନ ନାହିଁ ? ସକାଳୁ ଲାଲ୍‌ସୂର୍ଯ୍ୟ ଉଇଁ ଆସୁଛନ୍ତି । ଚଉଡ଼ା କାଳିରାସ୍ତା ଉପରେ ଲମ୍ବେଇ ହୋଇ ପଡ଼ିଥିବା ଜଳ ପିଣ୍ଡୁ ଓଟିଙ୍ଗେରି ତ ପୁଣି ଉଡ଼ ଉଡ଼ ହୋଇ ଦିଶୁଛି—କାଳାରାସ୍ତା ତେଜାସ୍ୱାନ୍ ହୋଇ ଉଠୁଛି ।

ବଞ୍ଚିବାର ସମସ୍ୟା—କାମ କରିବାର ଓ କାମରୁ ମୁକ୍ତି ତାହାର କରିବାର ସମସ୍ୟା । ଶତ୍ରୁସ୍ତ ଲୋକଙ୍କ ବାହାନା କରିବ ପାଇଁ ଚେଷ୍ଟାକରି କେଜାଣି କେତେଦିନ କଟାଇଲେଣି । ସୂର୍ଯ୍ୟ, ଚନ୍ଦ୍ର, ତାରା ବଡ଼ ସୁଖୀ । ତାଙ୍କର ଏ ସମସ୍ୟା ନାହିଁ । ସକାଳୁ କର୍ମରେ ବୋଲି ସଜବାଜ ହେଉଥାନ୍ତି । ପାହାନ୍ତି ପବନ ଉଡ଼ି ଦେଇଯାଏ । ଅନ୍ଧାର ଧୀରେ ଧୀରେ ପିଲ ଘଡ଼ିଆସେ । ମଣିଷ ପାଖରେ ଆଣି ପହଞ୍ଚାଏ ଲଂଘିବାର ପ୍ରୟୋଜନ । ନିଦଟା କି ସୁନ୍ଦର । ଅନ୍ତତଃ ସବୁ ଜଞ୍ଜାଳରୁ ଛୁଟି ।

ଅର୍ଥନୀତି ଓ ଅର୍ଥ ସମସ୍ୟା ମଣିଷ ଉପରେ ଅଡ଼ର ହାତେ । ମଣିଷର ତଳ ଉଠାରୁ ଅଡ଼ର ଗହ୍ୱରଅ । ସେଥିରେ ପନ୍ଦର ଯବା ପାଇଁ ଗୃହସ୍ଥପର ଖଣ୍ଡେ ଖଣ୍ଡେ ସୋଲ ନଇଲେ ପୁର୍ବରୁ ବାପଅଜା ସମ୍ପାଦିଥିବା ଧନ ଖଣ୍ଡେ ଖଣ୍ଡେ ଡଙ୍ଗାପର । ଏତକ ବାଦ ଦେଇ ଦେଲେ ପାଠଟା ଗୋଟାଏ ଗଡ଼ିମୂନା । ପଢ଼ିବାରେ କେଜାଣି କେତେ ସମସ୍ୟା ନ କଟିଛି । କେତେଟଙ୍କା ନ ଯାଉଛି । ପୃଥିବୀର ଜ୍ଞାନ କମ ବେଶି ହେଉନାହିଁ । କେତେଖଣ୍ଡ ଛାପାବହି, ପଡ଼ାର ଉତ୍ପାତରେ ନୁହେଁ, ହାତର ଉତ୍ପାତରେ ଖଣ୍ଡ କାଗଜର ଦୌର୍ଭାଗ୍ୟ ନେଇ କଲମ ପେନସିଲର ଆଘାତରେ ଯାହା ଭୋରହୋଇ ଯାଉଛି । ସେଗୁଡ଼ିକୁ ଲେଖିଥିବା ଲୋକେ ଏତିକି ଦଣ୍ଡଦେଇ ଯାଉଛନ୍ତି । ହେଲେ ବହୁ ଗୁଡ଼ା ନ ଆଣନ୍ତେ—ପଢ଼ିବାର ଝୁଙ୍କଥିଲେ ବି ପଣ୍ଡିତ ହାଜିବାର ପୁଞ୍ଜି ମିଳନ୍ତା ନାହିଁ ।

ଆଗେ ତ ରେଲ ମଟର ନ ଥିଲା । ବେପାର ବଣିଜ କରିବାକୁ ସମସ୍ତେ ତ ସୌଦାଗର ପାଲଟି ନଥିଲେ । ତୀର୍ଥବାସ କରିବାକୁ ସମସ୍ତେତ ଧାଇଁ ପାରୁ ନଥିଲେ । କାଗଜ, ଛାପାଖାନା ନଥିଲା । ବହି ଲେଖିବାକୁ ସମସ୍ତେ ସଜବାଜ ହେଉ ନଥିଲେ । ସେତେବେ ତ ସୁଖୀ ଭଳି ଅସୁଥିଲେ । ଦିନରାତି ସେମାନଙ୍କର ସମସ୍ୟା ଅଣି ଅଡ଼ାଡ଼ି ଦେଉଥିଲେ । କଅଁଳ ଘାସ ମାଟିରାସ୍ତା ପାଖ ଗଛଗୁଡ଼ିକୁ ତେଙ୍ଗାଯାନ ଉତ୍ସବଥିଲା । ରାସ୍ତାରେ ଗୁଳିଗୋଳା ଗୋଡ଼ଧୂଳି ହେଉଥିଲା ସିନା; କିନ୍ତୁ ବଂଶଧାର ଏ ସମସ୍ୟା ସେତେବେଳେ ବୋଧହୁଏ ଦେଖା ଦେଇନଥିଲା । ମନର ଅଭିଯୋଗ ମନଭିତରେ ମରିଯାଉଥିଲା । ଧଁ ଭୂତ ଅଖିରଲହ, ଧଁଏଦ ଅବଲ କଥାଭିତରେ ହୁଏତ ଶେଷ ହୋଇ ଯାଉଥିଲା । ଭଲ ମଲାଟଦିଆ ଝକ୍‌ଝକ୍ ବହି, ପଢ଼ିବାକୁ

ବିଜୁଳିଆଲୁଅ, ଖାତାରେ ଲେଖିବାକୁ ସବୁକଲମ୍, ସମୟଜାଣି ଯା' ଆସ କରିବାକୁ ଦାମିକା ଗାଡ଼ି, ଦେହକୁ ଢାଙ୍କିବାକୁ ଫଟାଲୁଗା ଆଦି ସରଞ୍ଜାମ ଯୋଗାଡ଼ିଲାର ଅଶ୍ୱ ନିଦା ହେଉନାହିଁ । କାରଣ ପଡ଼ିଶାର ଜଣେ ନବକାର ଲେଖକ ପାଲଟିଛି ।

ସୂର୍ଯ୍ୟ ଉଇଁଲେ । ଜଆଁଳ ପବନ ଦେହକୁ ଆଉଁସି ଦେଇ ଚାଲିଯାଉଛି । ପଶୁପକ୍ଷୀ ଆନନ୍ଦରେ ହସି ହସି ଚାଲିଯାଉଛନ୍ତି । ଲେଖକଙ୍କୁ ନିଦ ନାହିଁ । ବହୁତବେଳୁ ଆଖି ମେଲା ରହୁଛି । ଭାବନାର ଆଘାତରେ ଦେହଟା ଛଟପିଟି ହେଉଛି । ଭୋକରେ ହେଉ ମନରେ ହେଉ ପଢ଼ା ସରୁଛି । ପାଠର ମୂଲ୍ୟ କାହିଁ ? ବାହାରେ ବୋଲି ଆସି ଦୁଇବର୍ଷ ହେଲା ।

ସକାଳୁ ରାସ୍ତାକୁ ଯାଇ ପହଁରିଲେ ଏ କାମ ବହୁତ ହେବ ନିଶ୍ଚୟ । ଲୋକଙ୍କ ଦରକାରରେ ଲାଗିବ । କିନ୍ତୁ ଲେଖିଥିବା ଟଙ୍କା ତ ବାହାରିବ ନାହିଁ । ପଢ଼ିସାରିଲେ ଟଙ୍କା ଅପଣା ଛାଏଁ ଚାହୁଁଛୁ ନାହିଁ । ଲେଖିଲେ ଟଙ୍କା ବାହାରିବା ମଧ୍ୟ ସେହିପରି କଠିଣ । ତଥାପି ଲେଖକ ବଞ୍ଚିବ ।

ଅନେକ ବନ୍ଧନକୁ ଲେଖା ବନ୍ଦ ଅଛି । କାଉ, ଚଢ଼େଇ, ଗୋରୁ, କୁକୁର, ମଣିଷ, ସଇତାନ, ରଜା, ଦେଶ—କୋଉ ବିଷୟରେ ହାତ ଚାଲୁନାହିଁ । କିନ୍ତୁ ଶିରାପ୍ରଶିରାରେ ରକ୍ତ ବୋହୁଛି ଅନବରତ, ନିଶ୍ୱାସ ପ୍ରଶ୍ୱାସ ଚାଲିଛି । ପାକସ୍ଥଳୀ ଖାଦ୍ୟ ହଜମ କରୁଛି, ଘରଭଡ଼ା, ମ୍ୟୁନିସି-ପାଲିଟି ଟିକସ ଜମାଟ ବାନ୍ଧୁଛି । ନା—ଗୋଟିଏ କିଛି ଲେଖିବାକୁ ହେବ ।

ଦେହଟାକୁ ଧୋଇ ମାଜି ନ ଦେଲେ ଗତଦିନର ଜଞ୍ଜାଳିଆ ଭାବନା କଣ୍ଟା କଣ୍ଟା ପରି ଲାଗିବ । କଲମ ଚାଲିବ ନାହିଁ । ଟେବୁଲଟାକୁ ଝାଡ଼ଝୁଡ଼ି ନ ଦେଲେ ଧୂଳି ଗୁଡାକ କାଳି ପିଇଯିବେ । କଲମ ଚାଲିବ ନାହିଁ । ଭଲକରି ଜଳଖିଆ ନ ଖାଇଲେ ପେଟଟା ଦୁର୍ବଳ ହୋଇ ଆସିବ । ପେଟ ପାଟି କରିବ । କଲମ ଚାଲିବ ନାହିଁ ।

ସବୁ ସରିଲା । ମନେ ମନେ ଲେଖକ ବାବୁ ଭାବିଲେ ଠାକୁରଙ୍କୁ । ଗୋଟିଏ ଲେଖା ତିଆରି କରେଇ ଦେବ ପାଇଁ । ମଫସଲ ଲୋକଙ୍କ କଥା—ଜଣା ନାହିଁ । ଯାହା ଜଣାଥିଲା ସେତକ ସରିଲାଣି । ସହରର ବଜାର କଥା—ସବୁ ଏଠି ଭଳ ପରି । ପ୍ରେମ—ଏତେ ଲୋକ ତ ଲେଖି ଗଲେଣି ।

ପାଇଖାନାର କବାଟ ଧଡ଼ଧାଡ଼ ହେଲା । ମେହେନ୍ତାଣୀ ଡାକୁଛି ଫିଟେଇବା ପାଇଁ । ସେ ତାର ପରିଶ୍ରମର ମୂଲ୍ୟ ଯୋଗାଡ଼ କରି ସାରିଛି । ତାର କଥାରେ ଓଜନ ଅଛି । ଧଡ଼ ଧଡ଼ କରିବାର ଶବ୍ଦ ତାହାର ଜୋର ଜଣେଇ ଦେଉଛି । କବାଟ ଫିଟାହେଲା । ଗୁହରଟା ଯାଇ ବାଡ଼ିରେ ବୁଲୁଛି—ଶାଗ ପଟାଳି ପାଖରେ । ଏଣେ ଘର କାମ କରିବାକୁ ଲେଖକ ଉଠିବ ।

ଡରେ, ସବୁଙ୍କୁ ଉଠି ପାଣିତ ଦେଲୁନାହିଁ ଗାଧୋଇବା ପାଇଁ । ମେହେନ୍ତାଣୀ କବାଟ ଫିଟାଇବାକୁ ଅଉଜଣେ ଲୋକ ଦରକାର ହେଲା । ସେଠିବି କଟସା । ଗୁହର ତାହାର ପରିଶ୍ରମର ମୂଲ୍ୟ ଯୋଗାଡ଼ କରି ସାରିଛି । ତେଣୁ ତାହାର ଉତ୍ତର ବେଶ୍ ବଳୁଥି ।

ପେଟରୁ ବେଳକୁ କଲମରୁ କାଳି ଶୁଖିଯାଇଛି—ମେଲରରୁ ଯାଇଥିଲା । ମନେପଡିଲା ଯେ ଅଞ୍ଜପନ ବାହାରରୁ କାଳି ନ ଶୁଖିବା

କଲମର ପ୍ରଶସ୍ତି । ଦରିଦ୍ର ଲେଖକର କଲମ ଟିକିଏ ଶସ୍ତା । ତେଣୁ ସେ ଗୁଡ଼ିକ ପୁରୁଣା ମଡେଲ ମଟର ଗାଡ଼ିପରି । ଯେତିକି ଅଗ୍ରମଦିଏ, ତହିଁରୁ ଅଧିକ ଗୋଳମାଳ । 'ଦାମିକା କଲମ କିଏ କିଣିବ'?— ଦୋକାନି, ବେପାରି, ପଇସାବାଲା ମୂର୍ଖ । ଅଜସ୍ର ଦୁର୍ବଳ ଦରିଦ୍ର କଲମ ଧାରୀ ବେଚାରା ଲେଖକ । ଏଇ କଲମର ଲେଖାବନ୍ଧ ଛପାହୋଇ ବିକିହେଲେ ମୂର୍ଖମାନେ ତାକୁ କିଣି, ତାଙ୍କ ଦାମିକା କଲମରେ ତାଙ୍କ ନାଁ ଲେଖିବେ । ସେମାନେ ତାଙ୍କର ମୂଲ୍ୟ ଯୋଗାଡ଼ କରି ସାରିଛନ୍ତି । ଲେଖା ଅଚମ୍ଭ ହୋଇ ପାରିଲା ନାହିଁ ।

ମେହେନ୍ତାଣୀ ଉପରେ ଗଳ୍ପ ଲେଖାଯାଉ । ମଇଳା ଘାଣ୍ଟନ୍ତି, ମଣିଷର ସେବା କରନ୍ତି; ପାଇଖାନା ଯିବାକୁ ଅସଲ ଲାଗିବ ତୋର ସକାଳୁ ସକାଳୁ ବାବୁ ଭଦ୍ରଲୋକଙ୍କର ସ୍ୱାସ୍ଥ୍ୟ ରକ୍ଷାକରନ୍ତି । ସୃଷ୍ଟିର ଏକା ମଣିଷ—ଦୁଇଟି ହାତ ଦୁଇଟି ଆଖି ଏକା ଜୀବନ । ମନ କଣ ? ଭଲଗଳ୍ପ ବାହାରିବ । ସମସ୍ୟା ସହାନୁଭୂତି, ଅତ୍ୟାଗ୍ରହ ସଂସ୍କାର—ସବୁ ଏକାଠି ରହିପାରିବ ।

କଲମ ଗୁଲୁନାହିଁ । କୁକୁର ଭୁକୁଛି । ଖେଳବାଡ଼ୁଛି । ପାଖ ବାରଣ୍ଡାରେ କିଏ ଗୁଲିଚଳେ ଶବ୍ଦ ଲାଗୁଛି । ମେହେନ୍ତାଣୀର ମୁହଁ ଲୋଟହୋଇ ଲିଭି ଯାଉଛି । ଗଳ୍ପର ସୀମା କମି ଆସୁଛି ।

ମା—ମାଙ୍କ ମାଛବାଲାର ପାଞ୍ଚି ଅନେକ କଥା ମନକୁ ଆଣିଲା । ବଜାରରେ ମାଛ ମିଳୁନାହିଁ ବୋଲି ଗୁଜବ କହୁଥିଲା । ମାଛ ନ ଖାଇଲେ ମସ୍ତିଷ୍କର ଶକ୍ତି କମିଯାଉଛି ବୋଲି ଡାକ୍ତର କହୁଥିଲେ । ଧନୀଲୋକେ ମାଛ ଖାଇଯାଉଛନ୍ତି । ତାଙ୍କର ଏକମାତ୍ର ଭାବନା ଟଙ୍କା କେମିତି ରକ୍ଷିବେ । ସେଥିରେ ମାଛ ଖାଇ-

ଯାଉଛନ୍ତି । ଖେଳିବ ମାଛ ଖାଇପାରୁ ନାହିଁ । ସେ ପାଣିପିଇ ଲେଖିବ ।

'ଏ ରତା—ଯା ମାଛ ଦେଖିଲୁ । ଚଞ୍ଚଳ ଯା, ନଇଲେ ପଳାଇବ ।'

ମାଛବାଲି ଠିକ୍ ଲେଖକପରି ମାଛ ବିକିଲେ ପଇସା ହେବ । ଲେଖା ବିକିହେଲେ ଟଙ୍କା ବାହାରିବ । ତେବେ ସେ ମାଛ ଆଣିଛି । ଲେଖକର ଗଳ୍ପଟା ଆରମ୍ଭ ହୋଇ ପାରୁନାହିଁ । ଗଳ୍ପ ହୋଇଗଲେ ସେ ହେବ ଗୋଟିଏ ମାଛ—ତାକୁ ନେଇ ବିକିଲେ ହବ ପଇସା, ଲେଖକର କି ସୁନ୍ଦର ଭାଗ୍ୟ !

ରୁକର ଟୋକା ରତା ଫେରିଆସି କହିଲା 'ନୂଆ-ପାଣି ମାଛ । ସଢ଼ା ଗନ୍ଧଉଛି । ସେଗୁଡ଼ା ଆଣିଲେ ମା ଗାଳିଦେବେ ।'

ଗାଳିଦେଲେ 'ତୋ ମୁଣ୍ଡଟା ହବ ।'
'ହଉ ପଇସା ଦିଅ—କହୁଛି ସେର ଦଶ ଟଙ୍କା ।'

'ଏଁ—ଦଶ ଟଙ୍କା ?' ଗୋଟାଏ ଗଳ୍ପରୁ ଦଶଟଙ୍କା ବାହାରିବା କି ଅସମ୍ଭବ ବୋଲି ଦୋକାନି କହୁଛି···ହଁ, ଗଳ୍ପତ ମାଛ ନୁହେଁ । ମାଛ ଖାଇଲେ ମୁଣ୍ଡ ସରସ ହେବ । ଗଳ୍ପଟର କଣ ଅଛି ?

'ପଇସା ଦେଲ ନାହିଁ ?'
'ନା—ଥାଉ । ଭଲ ମାଛ ନୁହେଁ ।'

ଗଳ୍ପ ସରିଲା ପରେ ଏମିତି ରୁକର ଟୋକା ରତାପରି ଲୋକେ କହିବେ ଗଳ୍ପ ଭଲ ହୋଇନାହିଁ । ସେମାନେ ଖୋଜିବେ ଉତ୍କୃ-

ଟିଭ୍ ଉପନ୍ୟାସ । ତାଙ୍କ ଗ୍ରନ୍ଥଦ୍ୱାର ନମୁନା ଦେବେ ସେମାନଙ୍କର କଥାରେ । ଲେଖକପାଇଁ ଶେଷକଥା । ହୁଁଃ—ପଢ଼ିଲାରୁ ତ ବଡ଼ମୂନା ହେଲା । ପଣ୍ଡିତ ହେବାକୁ ସିନା ମୂର୍ଖଙ୍କ ସେବା କରିବା ଦରକାର ପଡ଼ୁଛି । ଅଉ ମୂର୍ଖ ପଣ୍ଡିତ ପାଲଟୁଛନ୍ତି ।

ଡାକବାଲାର ପାଟି । ପହିଲି ଦଫା ଚିଠି ବାଣ୍ଟିବାକୁ ଅସିଛି । ନ ଗଲେ ନ ଚଳେ । ଚିଠି କୋଉଠୁ ଅସିବା କଥା ଥିଲା ? କେଇଟା ବନ୍ଧୁ ଦୋକାନକୁ ଲେଖା ହୋଇଥିଲା । ତାଙ୍କର ଜବାବ ଅସିଥିବ । ଲେଖକଙ୍କୁ ପଣ୍ଡିତ କରିବାକୁ ଅଉ କେତେଟା ଦରକାର, ତାର ଫରମାସ ଦେଇଥିବେ । ପରର କେଇଖଣ୍ଡ ଚିଠି ବାଣ୍ଟିବାକୁ ବଡ଼ଗ ଡାକବାଲାର ଗୁଳ୍ପର ଟାଣ୍ଡିବ ହୋଇଯାଉଛି ।

‘ଅରେ, ମୋ ଚିଠି ନାହିଁ ?

‘ନା—

ସମସ୍ତଙ୍କ ଚିଠି ଅସିଛି ବୋଲି ଲେଖକଙ୍କୁ ଟେବୁଲ ଛାଡ଼ିବାକୁ ପଡ଼ିଲା । ଲେଖା ହୋଇନାହିଁ । ମାଛ ଗଳ୍ପ, ମେହେନ୍ତାଣୀ ଗଳ୍ପ, ଡାକବାଲା ଗଳ୍ପ । ପ୍ରତ୍ୟେକଙ୍କ ଉପରେ ଲେଖା ଯାଇପାରେ । କିନ୍ତୁ ଲେଖା ହୋଇ ପାରୁନାହିଁ ଖାଲି ଏଇ ଗୋଳମାଳରୁ । ଘରେ ରହୁଛି ବୋଲି ଲେଖକ ସବୁ କାମ କରିବ । ବାହାର ଲୋକେ, ଘରର ଲୋକେ କହୁଛନ୍ତି, ଲେଖକ ବେକାର—ଲେଖୁଛି । କଣ ଲେଖୁଛି ? —କେଜାଣି ।

ଟିକଏ ଛାଡ଼ ପୁଣି ଗୋଳମାଳ । ‘ବାବୁ ! ବାବୁ !!’

‘ଉଃ—ବାବୁ ନ ହେଲେ ସବୁଥିରୁ ଛୁଟି ମିଳନ୍ତା । ବାବୁ ହୋଇ ଗୁଳ୍ପର କାମ କରିବାକୁ ପଡ଼ୁଛି । ଏଣେ ଗୁଳପର ଖବୁର୍ଣ୍ଣିବାକୁ

ବସିଛୁ ଘରେ । ଚୌକିରେ ବସିବା ବଡ଼ ସୁଖ । ଖାଲି କହୁଛି ଫୁଲ ଆଣି ଫୁଲଦାନି ସଜେଇବା । ନିଜେ ଆଣିଲେ କଣ ହୁଅନ୍ତା ନାହିଁ ?

'ବାବୁ ! ବାବୁ !!

କିଏ ?

'ଆଜ୍ଞା ମୁଁ ମଶା ତେଲ ।'

'ମଶାତେଲ ଦରକାର ନାହିଁ ଆମର ।'

'ଲେଖି ଦିଅନ୍ତୁ କାଗଜରେ ।'

'ନାଃ—ଆଉ ବସିହେବ ନାହିଁ । ଘରର ବାବୁ ସ୍କୁଲ ଗଲେଣି ବୁଲିବାକୁ । ଯଦି ଟେବୁଲ ଛାଡ଼ିବାକୁ ପଡ଼ିବ, ତେବେ ମଶାତେଲ ଘଷିଲେ ଫଳ କଣ ? ମଶା କମିଲେ ରାତିରେ ଲେଖି ହେବ ।

'ଆ ଭିତରକୁ ଆ' ।

'କୁକୁରକୁ ବାନ୍ଧ ?

କୁକୁର ଭୁକିଲାଣି । ଛେଳିକୁ ଡରିବ, ଆଉ ମଣିଷ ଉପରେ ଉତ୍ପାତ । କୁକୁର ବନ୍ଧାହେଲା । ମଶାତେଲ ସରକାରବେଳକୁ ଆଉ ଲେଙ୍ଗିବାର ମସଲା ମାରିବାନ୍ତି; ମେହେନ୍ତାଣୀ ପାଖରୁ ଆସି ନିଜ ପାଖରେ ରହିଲାଣି—ନିଜ କଥା କେହି ହେଲେ ଲେଖନ୍ତା ! ସେଥିରେ ଥାଆନ୍ତା ଶିକ୍ଷା ଓ ସଭ୍ୟତାର ସମସ୍ୟା । ଟଙ୍କା ଖର୍ଚ୍ଚକର, ଧନୀରୁ ଦରିଦ୍ର ପାଲଟି ମଣିଷ କେମିତି ବେଳୁବ ପରି ହୁଏ ! ତଥାପି ଲେଖକଙ୍କୁ ଡକରା ଆସିଛି ସଭାକୁ । କିନ୍ତୁ ଲେଖକର ଚଟି ଛିଣ୍ଡି ଯାଇଛନ୍ତି । ମରାମତି ନ କଲେ ସଭାକୁ ଯାଇ ହେବନାହିଁ ।

'ରକ୍ତା ! ରକ୍ତା !!

ମୁଣ୍ଡରର ଗୁଁ ଗୁଁ ଶୁଭିଲା । ଘଡ଼ିର ଦାମ ବଢ଼େଇବ ଗଡ଼ୁଛି ତଥାପି ଖୁସାମତ କରି ତାକୁ ପଠାଇବାକୁ ହେଲା । ଲେଖକ ନ ହୋଇଥିଲେ ଏତକ କରିବାକୁ ସମୟର ଅଭାବ ପଡ଼ନ୍ତା ନାହିଁ ।

ଗୁଲ୍ କଲମ । କଲମ ଗଢ଼ା ହେଉନାହିଁ । ପଦାରେ ଗୋଟିଏ ଅନ୍ଧ ଭିକାରୀର ଘଣ୍ଟି, ଦଶଟା ବାଜିଲାଣି—ତାଙ୍କୁ କଅଁ ଖୋଜ ନକରିବ ? କଲଟା ବନ୍ଦ ହୋଇ ହଳଥିବା ଦୋପଲସିଟି ଖୋଲା ହେଲା । ବଟସ୍ ଅନ୍ଧ ହୋଇ ଯାଉଛି । ମାଗି ବୁଲୁଛି—ଏତେଦିନ ଜୀଇଁଲଣିତ ? ଭଗବାନ ନିଷ୍ଟୟ ସାହାଯ୍ୟ କରୁଅନ୍ତି । ଅବ ଯଦି ପାଠ ନ ପଢ଼ି ବଞ୍ଚିପାରେ, ଅନ୍ଧିଆଇ, ପାଠପଢ଼ି ଲେଖକ କଣ ମରିଯିବ ?

ଲେଖକକୁ ଲୋକେ ଖୋଜନ୍ତି ତାମସା କରିବାକୁ । କପେ ଚା, ଖଣ୍ଡେ ପାନ, ଦି'ପଦ ପ୍ରଶଂସା ଦେଇ ଦି'ଦି'ଘଣ୍ଟା ବସେଇ ରଖନ୍ତି । ସେ ସଂସାରରେ କଳ୍ପନା ଆଣେ ।

ହଁ ଅଣୁଥିବ । ଲୋକେ ମଜା ନ ଦେଖିଲେ କଳ୍ପନା କୁଆଡ଼ୁ ଆସିବ ? ଟଙ୍କା ପଇସା ଉପରେ ତିଆରି ହୋଇଥିବା ସମାଜ ଉପରେ, ପଇସା ନ ଥିବା ଲେଖକ କଳ୍ପନା ନ ହେଲେ ଆଉ କଏ ହେବ ?—ଭୋକ ହେଲାଣି । ଗୋଟିଏ ଖୋରାକର ଦାମ ଟଙ୍କାଏ । ଛ' ପଇସିଆ ଖୋରାକ ଛ' ମାସିଆ ପିଲାପାଇଁ ବି ନୁହେଁ ।

ଲେଖା ହୋଇନାହିଁ । ଗଳ୍ପ ହେଉ ନାହିଁ । ଯାହା ହେଉଛି ତାକୁ ଲୋକେ କହୁଛେ ସତ୍ୟ ମାତ୍ର ।

'ବାବୁ, ହାଣ୍ଡି…'

'ଏ, ଗୋଳମାଳ କରନା—ଦିନଯାକ ଗୋଳମାଳ ।

'ଗୁରୁମାସ ହେଲା ହାଣ୍ଡି ଦେଇନାହୁଁ । ମୁଁ ଆସିବନାହିଁ କେଇଦିନ ।

ଓଃ—ନବାନାଇଁ ପର୍ବ ।

'ଭଲହାଣ୍ଡି...'

ହାଣ୍ଡି ଆସିଲା । ମେହେନ୍ତାଣୀ ଆସିଥିଲେ, ମାଛବାଲି ଆସିଥିଲେ, ଡାକବାଲା ଆସିଥିଲେ, ମଣାତେଲବାଲା ଆସିଥିଲେ—ହାଣ୍ଡିବାଲା ମଧ୍ୟ ଆସିଥିଲେ । ସମସ୍ତଙ୍କର ଅଧିକାର ଅଛି କେବଳ କାଳମର ନାହିଁ । ଦିନ ଗଲାଲଣି ଅତର ଅଡକୁ ।

# ନୀଳ କାଚ

ସ୍କୁଲ୍ ବେଳ । ରାସ୍ତାରେ ଗୋଟିଏ ବଡ ମଟର ଗାଢ଼ ଧୂଳି ଉଡାଇ ଚାଲିଗଲା । ତାହାରି ପଛେ ପଛେ ମଟରର ତେଲ ପୋଡା ଗନ୍ଧ ଶୁଙ୍ଘି ଶୁଙ୍ଘି ଗୋଟିଏ ପିଲା ବଡ ବଡ ଖୋଜ ପକାଇ ଚାଲିଛି । ପିଲାଟିର ବୟସ ଆଠ ଦଶ । ପଢ଼ାପିଲାଙ୍କ ପରି ବେଶ । ଗୋଟିଏ ହାତରେ ସୁତୁଲିରେ ବନ୍ଧା ହୋଇଥିବା ବହି ଖଣ୍ଡ ଭାରି ଖଣ୍ଡାଏ, ଆର ହାତରେ ଗୋଟିଏ ଫ୍ଳୁଟ୍ ।

ହଠାତ୍ ଦୂରରେ ତାର ସାଙ୍ଗ ପିଲାଦଳଙ୍କୁ ଦେଖିଲା । ସେମାନେ ସ୍କୁଲ ଗଲାବେଳେ ଅଟକି ଯାଇ ରାସ୍ତାରେ ଗୋଟ ଗୋଟ ଇଟା ବାଛି ଖୋଜା ରଖିଥିଲେ । ମଟର କି ସାଇକେଲ ଆସିଲେ ସେମାନେ ନ ଜାଣିବାର ପେଖନା କରି ଚାହିଁ ରହୁଥାନ୍ତି । ମନେ ମନେ ଠାକୁରଙ୍କୁ ଡାକନ୍ତି କି ଗାଡିଟା ପଥର ଉପରେ ଚଢ଼ି ଲେଉଟି ଯାଉ । ଗୋଟିଏ ମଟର ଟିକ୍କରେ ଖସିଗଲା । ଶଗଡଗାଡ଼ିର ବଳଦ ଜାଣି ଶୁଣି ଛୁଁଟିଲା ନାହିଁ । ସ୍କୁଲବେଳ ହୋଇ ଯାଉଛି—ଅଗଲୁ ଚାଲିଲେ ଦଳର ସମସ୍ତେ ।

ମୋଟରେ ଆଗଦିନର ସ୍କୁଲ ଛୁଟିଠାରୁ ସେହିଯିବା ବେଳଯାଏ ଯେତେ ଯେତେ ନୂଆ ଅଦ୍ଭୁତ ଓ ମଜାର କଥା ହୋଇଥିଲା ପରସ୍ପର କୁହାକୁହି ହେଲେ । ଜଣେ ତାର ପ୍ୟାଣ୍ଟ ପକେଟରୁ ଗୋଟେ ଛ' କୋଣିଆ ମୋଟା ନୀଳ କାଚ ବାହାର କରି ଆଖି ଆଗରେ ଧରିଲା । ସମସ୍ତଙ୍କର ଆଖି ତାରି ଆଡ଼େ । ପିଲାଟି ବାଁ ଆଖି ବନ୍ଦକରି ଡାହାଣ ଆଖି ଆଗରେ କାଚ ଖଣ୍ଡିକ ରଖି କହିଲା 'ଇସ୍—ପୃଥିବୀଟା କେଡ଼େ ନୀ—ଳ ଦିଶୁଛି ।'

ସାଙ୍ଗେ ସାଙ୍ଗେ ଚାରି ପାଞ୍ଚୋଟି ହାତ ସେହି ଜିନିଷଟି ଟିକିଏ ପରୀକ୍ଷା କରିବାକୁ ଯେମିତି ଡେଇଁ ପଡ଼ିଲେ ରାସ୍ତା ଉପରେ ଗୋଟିଏ ଛୋଟ ଧରଣର ହାତାହାତି ହୋଇଗଲା ।

ସ୍କୁଲ ପାଖରେ ହଠାତ୍ ଦଳେ କୁକୁଡ଼ାଙ୍କ ଉପରେ ନଜର ପଡ଼ିଗଲା । ସେମାନେ ଚରୁଛନ୍ତି । ଗୋଟିଏ ପିଲା କହିଲା 'ହେଇ, ଟିକିଏ କାଚ ଦେଲୁ ମୁଁ ଦେଖେଁ କୁକୁଡ଼ା କେମିତି ଦିଶୁଛି ।' କଳି କରି କରି କାଚର ମାଲିକ ଓ ଅନ୍ୟମାନେ ସ୍କୁଲରେ ପଶିଲେ ।

ପଢ଼ା ଚାଲିଛି । ଗୋଟିଏ ପିଲା ଉଠି କହିଲା 'ସାର୍' ଟିକିଏ ପାସ ଯିବି'। ମାଷ୍ଟ୍ର ଛାଡ଼ିଦେଲେ । ସେ ନଇଁପଡ଼ି ପାଖ ପିଲାକୁ କହିଲା 'ସୁରି' ଦେ ତୋ କାଚଟା ଟିକିଏ ଦେଲୁ । ମୁଁ ବାଟ ଦେଖି ଦେଖି ଯିବି । ପେଡ଼ା କେମିତି ଦିଶେ ଦେଖି ଫେରି ଆସିବି' । ପିଲାଟି କାଚ ଖଣ୍ଡିକ ନେଇ ଦେଖି ଦେଖି ଚାଲିଗଲା ।

ଫେରି ଆସିଲା । ତାର ଖାଲି ହାତ ଦେଖି ସୁରିର ଆଖି ଦୁଇଟି ଆଶଙ୍କାରେ ଯେପରି ଫୁଟି ଉଠିଲା । 'କାଚ କାହିଁ' ?

ପିଲାଟି ନିଜ ଜାଗାରେ ବସିପଡ଼ି କହିଲା 'ସୁରିରେ, ହଜିଗଲା' ।

'ହଜିଗଲା ? କୋଉଠି ହଜେଇଲୁ ?

'ଯାଉ ଯାଉ ବାଟରେ କୋଉଠି ପଡ଼ିଗଲା ତ ।

'କୋଉଠି ପଡ଼ିଲା ? ନା ରଖିଛୁ କୋଉଠି ?

' ନାଇଁମ୍, ବାଟରେ ପଡ଼ିଛି । ଚାଲନ୍ତୁ ଖୋଜିବା କେଉଠି ଥିବ ତ । ମାଷ୍ଟ୍ରଙ୍କ ଆଖି ଏ ଦୁହିଙ୍କ ଉପରେ ପଡ଼ିଲା । ଦୁହିଙ୍କୁ କ୍ଲାସରୁ ବାହାର କରିଦେଲେ । ପଦାକୁ ଆସି ଦୁଇଜଣ କିଛି ସମୟ ପାଇଁ ଠିଆ ହୋଇ ରହିଲେ । ତା ପରେ ଅସ୍ତେ ଅସ୍ତେ ଚାଲିଲେ ମାଳକାଠ ଖୋଜିବାକୁ । କାଠର ମାଲିକ ପୁର ଥରକୁ ଥର ଲାଲୁକୁ ପଚାରୁଥାଏ 'ଲାଲୁ' କହ କୋଉଠି ପକେଇଛୁ ମୁଁ ଖୋଜିବି ।' ଲାଲୁ କହୁଛି ମୋର କଣ ମନେ ଅଛି ? ଚାରିଆଡ଼ ଖୋଜି ଖୋଜି ଆସିଲେଣି । ଏଇଠି କୋଉଠି ପଡ଼ିଗଲା ତ ।'

ଖୋଜା ଚାଲିଲା । ଲାଲୁ ଅଣ୍ଟାରେ ହାତ ଦଉଥାଏ ଆଉ କାଢ଼ି ନଉଥାଏ । ଘଣ୍ଟା ପଡ଼ିଗଲା । ମାଷ୍ଟ୍ର ଆସି ଦେଖିଲେ ଯେ ଦୁହେଁଯାକ ଫେରାର । ଧରାହୋଇ ଆସିଲେ । ଦଣ୍ଡମିଳିଲା ଯେ ସ୍କୁଲ ସରିଲେ ଘଣ୍ଟାଏ ଅଟକି ରହିବ ।

ଭାତ ହଜିଲା । ତା ଉପରେ ଶାସ୍ତି । ପୁର ଲାଲୁକୁ କହୁଛି 'ଆଜି ସକାଳେ କାହା ମୁହଁ ଚାହିଁ ଉଠିଥିଲୁ କାଠଟା ଚୋରିଗଲା । ଖୋରାଟା ମଲା ।

ଲାଲୁ ରାଗିଉଠି କହିଲା 'ମତେ ଚୋର କହୁଲୁ ? ତୁ କୋଉଠୁ ଚୋରିକରି ଆଣିଥିଲୁ କି କଣ ହଜିଗଲା' । ଦୁଇଟି ପିଲାଙ୍କର ବନ୍ଧୁତା ସେମିତ ଫାଟି ଦୁରଗାମୀ ହୋଇଗଲା ।

ତହିଁ ଆରଦିନ । ଦୁଇଜଣ ଯାଇ ଏହିକଥା ସାଙ୍ଗମାନଙ୍କ ଭିତରେ କହି ବୁଲିଲେ । ସୁର କହିଲା 'ଲାଲ୍ ଗ୍ରେଟ୍' । ଲାଲି କହିଲା 'ସୁରର ଗ୍ରେଟ୍ ଦରବ ହଜିଗଲା' । ସୁର ଦୁଃଖରେ ଲାଲିଆଡ଼େ ଚାହେଁ ଆଉ ଭାବେ 'କେତେ ବଡ଼ ଭାଗ୍ୟ ଲାଲିର । ମୋ କାଚ ନେଇ କେତେକଥା ଦେଖି ସାରିଲାଣି' । ପିଲାମାନେ କୁହାକୁହି ହୁଅନ୍ତି 'ଉଭୟେ ଗ୍ରେଟ୍' ।

ମିଳାମିଶା ହେଲା । ଉଭୟେ ଭୁଲିଗଲେ । ସୁରର ମନେନାହିଁ କାଚକଥା । ଲାଲିର ମଧ୍ୟ ମନେ ନାହିଁ । ବୟସ ବଢ଼ିବା ସଙ୍ଗେ ସଙ୍ଗେ କାଚର ପ୍ରୟୋଜନ ଉଭୟଙ୍କର ନଥିଲା । କିନ୍ତୁ ଲାଲି ସେଇଟିକୁ ତା ପେଡ଼ିରେ ପକାଇ ଦେଇଥାଏ । ଫୋପାଡ଼ି ଦିଏନାହିଁ ।

ତା ପରଠାରୁ ଲାଲିକୁ ଦେଖିଲେ ସୁରର ମନ ଭିତରେ ଗୋଟାଏ ଅଭିମାନ ଆସେ । ତା'ର ଦରକାରି ଜିନିଷ, ଖେଳର ଜିନିଷ ଲାଲି ଚୋରାଇ ନେଇଛି । କେବେ କେବେ ସ୍ୱପ୍ନ ଦେଖିଛି ଲାଲି କାଚ ଖଣ୍ଡିକ ଆଣି ସୁର ହାତକୁ ବଢ଼ାଇ ଦେଉଛି । ସୁର ନବାକୁ ହାତ ବଢ଼ାଇଲେ ଲାଲି ପୁଣି କାଚ ଖଣ୍ଡିକ ଟାଣି ନେଇ ଯାଉଛି ।

ପରୀକ୍ଷାରେ ଲାଲି ଭଲ କରେ । କେଉଁ ମାଷ୍ଟ୍ର କେଉଁ ପ୍ରକାରର ଉତ୍ତର ଖୋଜନ୍ତି ଲାଲି ବୁଝିପାରେ । କେଉଁ ମାଷ୍ଟ୍ର କଣ ସୁଖ ପାଆନ୍ତି ଲାଲି ଜାଣି ସେହି ଅନୁସାରେ କାମକରେ । ପିଲାଙ୍କ ସାଙ୍ଗରେ ଭଲ ମିଶିପାରେ । ତାହାର ବସ୍ତ୍ର, ନୋଟ୍‌ଖାତା, ମଉଜ ମଜଲିସ୍, ଖିଆପିଆ—କେଉଁଥିରେ ଅଭାବ ରହେ ନାହିଁ । ସମସ୍ତଙ୍କଠାରୁ ଟିକିଏ ଅଧେ ନେଇ ଲାଲି ତାର ଭଣ୍ଡାରକୁ ପୂର୍ଣ୍ଣକରେ ।

ସୁର ଏହାର ଓଲଟା । ନେଇ ଜାଣେ ନାହିଁ । ସେଥିପାଇଁ ତାର ଯେତିକି ଥାଏ ସେଥିରୁ କିଛି ପଛେ ଦିଶା ପଡ଼ିଯାଏ; ଅଧିକ ହୁଏ ନାହିଁ । ସୁର ପଢ଼େ । କିନ୍ତୁ ମାଷ୍ଟରଙ୍କ ମନଜାଣି କାରବାର କରିବା, ଉତ୍ତର ଲେଖିବା ଜାଣି ନ ଥିବାରୁ ପରିଶ୍ରମର ମୂଲ୍ୟ ପାଏନାହିଁ । ସାଙ୍ଗ କମ ହୁଅନ୍ତି । ସ୍କୁଲରେ ଲାଲୁ ହୁଏ ବଡ଼ । ସୁର ହୁଏ ଛୋଟ । ସୁର ମନେକରେ ଯେ ସଂସାରଟା ହୋଇଛି ଠକଙ୍କର ।

ନୀଳକାଚ ଭିତରେ ଦେଇ ଗଛ, ରାସ୍ତା, କୁକୁଡ଼ା, ଗୋରୁଙ୍କୁ ଦେଖିଲେ ପିଲାମାନେ ଯେମିତି ଖୁସି ହୁଅନ୍ତି, ସଂସାରର ସାଧାରଣ ଲୋକେ ଠିକ୍ ପିଲାଙ୍କପରି ଠକାମିର ରଙ୍ଗକାଚ ଭିତରେ ସବୁ ଦେଖି ଖୁସି ହୁଅନ୍ତି । ଯାହାର ନଥାଏ ସେ ବି ଟିକେ ସେହି ରଙ୍ଗିଆ କାଚ ପିନ୍ଧିବା ଅଭ୍ୟାସ କରିଦିଏ ।

ଦେଖାଗଲା ପଢ଼ିସାରି ଏକାଠି ଦୁହେଁ କିରାଣୀ ହେଲେ । ଲାଲୁ ଚତୁର ଲୋକ । ସେ କାମ ଯାହା କରୁ ନ କରୁ ଉପର ହାକିମଙ୍କୁ ସନ୍ତୁଷ୍ଟ କରି ରଖିଥାଏ । ହାକିମ ଅଫିସରେ ଥିବାଯାଏ ଲାଲୁ ଭାରି ଜୋରରେ କାମରେ ଲାଗିଥାଏ । ହାକିମଙ୍କର ଆଦେଶ ପାଇଲେ, ସେହି ଆଦେଶକୁ ମୁଣ୍ଡେଇ ବଡ ଧାଁ ଦଉଡ଼ କରେ । କାମ ଯାହା ନକରେ ତହିଁରୁ ଅଧିକ କରିବାର ଛଳନା କରେ ।

ସୁର ଦେଖେଇ ହୁଏନାହିଁ । ଠକାଇ ଜାଣେ ନାହିଁ । ତାହାର କାମ କାହାର ପସନ୍ଦକୁ ଆସେନାହିଁ । ଲାଲୁ ଚୁଗୁଲି କରେ କିନ୍ତୁ ତାକୁ ସମସ୍ତେ ସୁଖ ପାଆନ୍ତି । ଠକାଇ ପାଞ୍ଚକଥା ବୁଝନ୍ତି । ସୁରକୁ କେହି ପଚାରେ ନାହିଁ ।

ସୁର ହୁଏ ବଳଦ । ଲାଲୁ ହୁଏ ମଣିଷ । ସୁର ଖାଇବେ ଯେଉଁ ଲାଲୁ ପିଲାଦିନୁ ଭାରତଖଣ୍ଡେ, ବହୁଖଣ୍ଡେ, ଟଙ୍କାଟିଏ ଲେଖାଏ ନେଇ ପାଉଥିଲା, ସେଇଥି ହେଲା ବଡଲୋକ—ଭଲଲୋକ ।

ତାହାର ବେଳେବେଳେ ସେଇ ନୀଳ କାଚ ଖଣ୍ଡକ କଥା ମନେ ପଡ଼େ । ପ୍ରଥମେ ସେଇଠି ଯେ ଠକି ଥିଲା । ସାଙ୍ଗଟିଏ ପ୍ରଥମ ଭଲ ବିଶ୍ୱାସ ଭାଙ୍ଗି ଥିଲା ।

ଏକାପର ବୟସ ହୋଇଥିଲେ ବି ଜଣେ ବଢ଼ିଛି ବରଗଛ ପରି । ଅଉଟି ଯେ ଗୋଟିଏ ଗଛ ଦେଖିଲେ ବି ପ୍ରତ୍ୟୟକୁ ଅପୂର୍ଣ୍ଣାହୁଁ । ଲାଲୁ ଅଧୀନରେ ସୁରର ଚାକିରି । ସୁରକୁ ଲାଲୁ ଭାରି କରିଦ ଦଏ । ହାକିମାତ ଦେଖାଏ । ଲାଲଆଖି, ଚଢ଼ା କଥା, ନାକ ଫୁଙ୍ଗଡ଼ା, କାଗଜ ଫିଙ୍ଗା ଆଦି ସବୁ କରେ । ଲାଲୁ ମନେକରେ ସୁର ଗୋଟିଏ ଅପଦାର୍ଥ । ବର୍ଷିକିଆ ରିପୋର୍ଟରେ ସେଇ ମତ ଲେଖିଦଏ । ବେଳେ ବେଳେ ସୁର ଭାବେ ଠକଙ୍କର ଗଛକୁ ବାହାର ହୋଇଗଲା । ଭାଗ୍ୟ ଏତେ ଶ୍ରେଷ୍ଠ ଯେ ଲାଲୁ ଅଧୀନରେ ପେଟପାଇଁ ଖଟିବାକୁ ପଡ଼ିଲା ।

ହାକିମ ଲାଲୁବାବୁଙ୍କ ବଦଳି । ତାଙ୍କ ଜିନିଷପତ୍ର ସଜାଡ଼ିବାକୁ ସୁରକୁ ବରାଦ ହେଲା । ଅନେକ ଦିନପରେ ପ୍ରଥମେ ବଦଳି ହେଉ-ଥିବାରୁ ତାଙ୍କର ଆଲମାରିଟା ଖୋଲି ସଜାଡ଼ିବାକୁ ଯାଇ ସୁର ଗୋଟିଏ ମଇଳା କାଗଜ ବାକ୍ସ ପାଇଲା ।

ସେଥିରେ ଥାଏ ଦୁଇଖଣ୍ଡ କଳଙ୍କି ଲଗା ବ୍ଲେଡ଼ । କେଇଖଣ୍ଡ କାଲିଭ ନେଳି ରଙ୍ଗ ଖଡ଼ି । ପୁରୁଣା ସାଙ୍ଗଙ୍କ ଅମଳର କେଇଟା

ଟଙ୍କା, ଅଣା, ପଇସା । କଲେଜ ଲାବୋରେଟୋରିର କାନ୍ଥ ସେଇ ଜିନିଷ । ସାଙ୍ଗ ପିଲାଙ୍କ ଭିଡ଼ । ଭିଡ଼ରେ ତାଙ୍କ ପଢ଼ା ପିଲାଙ୍କର କଳରବ ମଗ୍ନ ହୋଇଛନ୍ତି । ଖଣ୍ଡେ କାଗଜରେ ଗୁଡ଼ା ହୋଇ ଖଣ୍ଡ ଛି ଛୋଣିଆ ମୋଟା ନୀଳ କାଚ । ସୁରଭ ଦେହରେ କିଏ ଯେମିତି ଖଣ୍ଡେ ବିଜୁଳିତାର ଛୁଆଁଇ ଦେଲା ।

ସୁର ଭାବିଲା ହାକିମ ଲାଲୁବାବୁ ଭୁଲିଗଲେଣି ଯେ ସେ ହିଁ ଦିନେ ସ୍ନେହ କରୁଥିଲେ । ଏବେ ତ ପଦଠାରୁ ମାହିଙ୍ଗିଆ ଭର ନିଜର ଦୁଇପଣ୍ଡି ଓ ପୁଞ୍ଜି ବଢ଼ାଇବାରେ ଲାଗିଛନ୍ତି । ସାଙ୍ଗରେ ସେହି ଜିନିଷଗୁଡ଼ିକ ଧରି ଫୋପାଡ଼ି ଦେବେ କି ନାହିଁ ବୋଲି ବୁଝିବାକୁ ଆସିଲେ । ଲାଲୁବାବୁ ଜାଣି ପାରିଲେ । ଅଜାତର ଗୋଟିଏ ପରଦା ଆଖି ଆଗରେ ଭାସିଗଲା । କେତେଥର ସେ ଭାବିଛନ୍ତି କାଚଟା ସୁରଥଙ୍କୁ ଫେରାଇଦେବେ । ହାତ ଅଟକି ଯାଇଛି । ଆଜି ଏତେବର୍ଷ ପରେ ସେହି ଜିନିଷ ପୁଣି ତାଙ୍କର ଆଖି ଆଗରେ ମାଲିକ ଆଣି ଥୋଇଛି—ବୋଧହୁଏ ତାଙ୍କୁ ଟେଷ୍ଟ କରିବା ପାଇଁ ।

ଏବଗୁଡ଼ିକ ଭଲ କାମ ନ କଲେ କଣ ହୁଏନାହିଁ ? ସତେ କିଏ କଣ ରଖି ଯାଇଛି ସେ ଦ୍ରବ୍ୟଙ୍କର ବୈଜ୍ଞାନିକ କଣ ମାଲିକ ଜାଣିଥିବ ? ଉଠିଯାଇ ସୁରକୁ କହିଲେ 'ନେଇଯାଅ, ତମ ପିଲାଙ୍କୁ ଦେବ ଦେଲେବେ' ।

ସୁରଭ ମୁହଁ ଗମ୍ଭୀର ହୋଇ ଆସିଲା । କାଚ ଖଣ୍ଡିକ ଅଟେ ଆଖି ଆଗରେ ରଖି ଗବର ଧଲା । ଲାଲୁଙ୍କୁ ମୁହଁ କହିଲା 'ନାଃ— ଏସବୁଡ଼ାକ ପିଲାଙ୍କୁ ଖରାପ କରିଦେବ । ପ୍ରତ୍ୟେକ ଜିନିଷକୁ ଠିକ୍ ସାବଧାନ ଦେଖି ପାରିବେ ନାହିଁ । ଅଭ୍ୟାସ ଖରାପ ହୋଇଯିବ ବନ୍ଧୁ

ପାଖ ବୁଢ଼ାଆଡ଼କୁ କାଚ ଖଣ୍ଡିକ ଫୋପାଡ଼ି ଦେଲା । ହାକମ ଲାଲବାବୁଙ୍କ ଆଖି ଓ ମୁହଁ ଗମ୍ଭୀର ହୋଇ ଉଠି ସତେ ଯେମିତି କହୁଥିଲା—ସୁରଭଙ୍ଗ ଲୋକେ ସଂସାରରେ ଜୀଇଁବେ ସିନା, ମଣିଷରେ ଗଣିତା ହୋଇ ପାରିବେ ନାହିଁ ।

# ଭରଣା

ବାପମାଆଙ୍କ ଧାରଣା, ଝିଅ ଥିଲେ ତାକୁ ଭଲ କରିଦେବ । ଶାଶୂ ଶଶୁରଙ୍କର ଧାରଣା,ବୋହୂ କୋଳରେ ପିଲା ଶୋଭା ପାଉଥିବେ । ଶାନ୍ତା ଦେବୀଙ୍କର ତିନୋଟି ପିଲା—ଯୋଡ଼ିଏ ସ୍କୁଲକୁ ଯାଆନ୍ତି ଆଉ ଦୁଇବର୍ଷର ସାନ ପୁଅ ନାନୁ ଘରର ଶୋଭା ବଢ଼ାଏ ।

'ମାଆଲୋ' 'ବାପଲୋ' ହୋଇ ନାନୁ ତଳେ ଗଡୁଛି । କେହି ବୁଝାଇଲେ ବୁଝୁନାହିଁ । ବାପା ମାଆ ଆଉ ଭଉଣୀ ଓ ଜଣେ ଡାକ୍ତର ନାନୁର ଚାରିଆଡ଼େ ଘେରି ଛିଡ଼ାହୋଇଛନ୍ତି । ଡାକ୍ତର ଔଷଧ ଲେଖି ନାନୁକୁ କହିଲେ ବଡ଼ପାଟିରେ, 'ଏ ବଡ଼ ଗୁଳିଟା ଖାଇଲେ ଭଲ ଏତେବେଳକୁ ଆଉ ବଥ ନ ଥିବ' । ନାନୁ ବେକ ବୁଲାଇ ଅନେଇଲା ।

ତା'ପରେ ଶୁଣିଲି, 'ବାପା ବଡ଼ିଦିଅ—ମା ବଡ଼ି କାହିଁ?' ବଡ଼ି ଆସିଲା । ନିତୁ ଗୋଟିଏ ବଡ଼ି ପାଟିକି ପକେଇ ପାଣି ପିଇଲା । ବଡ଼ିଟା ତଣ୍ଟି ଆଉ ପାଖକୁ ଯାଇଥିବ କି ନାହିଁ ନିତୁ ବଥରେ ହାଉମାଉ ଚିତ୍କାର ହୋଇ କହିଲା, 'କାହିଁ, ବଢ଼ୁ ନାହିଁ ତ?' ସେମାନେ ହସିଦେଲେ ।

ନିତୁ ଧରିନେଲା ଯେ ତାକୁ ଠକାଇ ଦେଇଛନ୍ତି । କାନ୍ଦି କହିଲା, 'ମୋ ପେଟରୁ ବଡ଼ି କାଢ଼ । ମୁଁ ଆଉ ବଡ଼ି ଖାଇବି ନାହିଁ ।' ବାପା ବୁଝାଇଲେ କି, ସଞ୍ଜବେଳକୁ ଯଦି ବଥା ଅଧା ନ ବଢ଼େ, ତାହେଲେ ସେ ବଡ଼ି କାଢ଼ି ଆଣିବେ । ବଡ଼ି ଗୁଣ କରିବାକୁ ପେଟଭିତରେ ରହିବା ଦରକାର ।

ସେ ବଥକୁ ଚାହିଁ ବସିଥାଏ । ବେଶି ଡେରିଲେ ତଳେ ଗଡ଼ି-ଯାଏ । ପାଟିକରେ । ପାଖଘର ଦେବୀ ଖୁଡ଼ୀ କହୁ ହେଉଥାନ୍ତି, 'ଏତେ ସାନ ପିଲାକୁ ଏତେବଡ଼ ବଥ ଦେଇ ଠାକୁରେ କାହିଁକି ଜନ୍ମକଲେ କେଜାଣି ? ଦିନ ତିନିଟାରେ ପିଲାଟା ଅସି ରହି ଗଲାଣି—କେବେ ସହିବ ?'

ସଂଧ୍ୟା ହେଲା । ନିତୁ ଚାହିଁ ବସିଥାଏ ? ମଝିରେ ମଝିରେ ପାଟିକରି ମାପୁଥାଏ, ବଥ କାହିଁକି ବଢ଼ୁନାହିଁ । ସମସ୍ତେ କହୁଥାନ୍ତି ସଞ୍ଜକୁ ଅଧା ବଢ଼ିଯିବ । ମା ନେଇ ସଞ୍ଜବତୀ ଦେଲାବେଳେ ନିତୁ ପଚାରିଲା, 'ଭାଉ ଏଥର ବଢ଼ିଛି ?' ନ ହେଲେ ସେ ମରିଯିବ ।

ଚାହିଁଲା ସଞ୍ଜ ଦେଇସାରି ମା ଖଣ୍ଡେ ସୂତା ଆଣି ବାପାଙ୍କ ଆଗରେ ମାପି ଦେଖାଇଦେଲେ ଯେ ଠିକ୍ ଠିକ ବଥ ଅଧା ବଢ଼ିଛି । ବାପା ହଁ କଲେ । ନିତୁ ବିଶ୍ୱାସ ନ କରି ଗୁରୁବାଣୀକି ପଚାରିଲା ।

ସେ ତ ହସିଦେଲା । ଭାଇ ଭଉଣୀ ହସିଉଠିଲେ ଓ ଭଉଣୀ କହିଲା, 'କାନ୍ଦି କାନ୍ଦି ନିତୁ ବୋଧହୁଏ ଅନ୍ଧ ହୋଇଗଲାଣି । ଜାଣିପାରୁ ନାହିଁ ।'

ମା କହିଲା 'ହୋଇଥିବ ବୋଧହୁଏ ।'

ବାପା କହିଲେ, 'ହୋଇପାରେ । ଆମ ଆଖିକୁ ଦିଶୁଛି ତ ଅଛି ଅଧା ଦେଖାଯାଉଛି । ଆଉ ନିତୁ ଭଳିଆ ଚତୁର ଥିଲା ନିଜ ଦୁଃଖ କଥା କେମିତି ଜାଣିପାରୁନାହିଁ ।"

ଅନ୍ଧ ନାଁ ଶୁଣି ନିତୁକୁ ଖରାପ ଲାଗିଲା । ତାଙ୍କ ଘରକୁ ଗୋଟାଏ ଅନ୍ଧ ଭିକ ମାଗିଆସେ । ତାର ଆଖିରୁ ସବୁବେଳେ ପାଣି ଲେଞ୍ଜେରି ବହୁଥାଏ । ମୁହଁଟା ବଡ଼ ଅସନା ଦିଶେ । 'ନିତୁର ମୁହଁ ତାହାହେଲେ ସେମିତି ଅସନା ଦିଶିବ । ସେ ପୁଣି ସମସ୍ତଙ୍କ ଘରେ ଭିକ ମାଗିବ । ନା—ସେ କଥା କେବେ ହୋଇ ପାରିବ ନାହିଁ ! ନିତୁ ଅନ୍ଧ ନୁହେଁ ।'

ଗୁଡ଼ୁରାଣୀଙ୍କ ମୁହଁ ରାଗଯାଇ କହିଲା, 'ମୁଁ କାହିଁକି ଅନ୍ଧ ହେବ ? ମୁଁ ତ ଖରାବେଳେ ଦେଖିଲି ତ ଦେଖିଲି । କେତେ ଦିନରୁ ଜାଣିବାକୁ ଅପାକୁ କହୁଥିଲି ନା ?'

ସମସ୍ତେ ଖୁସି ହୋଇ ଯେଝା କାମରେ ଲାଗିଲେ । ନିତୁ ଆଗପରି ଫୁର୍ତ୍ତିହୋଇଗଲା, ତେବେ ଟିକେ ଚିନ୍ତିତ ଥାଏ । ଶେଷକୁ ଭଲ ହୋଇଗଲା । ସମସ୍ତେ ନିଶ୍ୱାସ ମାରିଲେ ।

ଆଜି ଏକ ନୂଆ ସମସ୍ୟା—ଖରାବେଳ । ବାପା ମାଆନ୍ତି ଅଫିସ, ଭାଇ ଭଉଣୀ ସ୍କୁଲକୁ ଯାଆନ୍ତି । ନିତୁ ରହୁଥାଏ ମା'ର ଯୋଡ଼େ ଗୋଡ଼େ । ମା' ପୁଅଙ୍କର ଖରାବେଳଯାକ କଳି ।

ଘର ବାଟଦେଇ ଯେ ଜିନିଷ ବିକିଯାନ୍ତି ନିତୁ ତାଙ୍କୁ ଅଣି ଠୁଣ୍ଡ କରଏ ଘରେ—ଚିନାବାଦାମ, ଆଇସକ୍ରିମ, ଫଳ, ଶୁଖୁଆ, ଫେରିବାଲା । ଏମିତି କି ମାଟି ବିକିଗଲେ, ନିତୁ ଡାକିଅଣେ । ମାଟିବାଲୀ ଅସି ଦୁଆର ଭିତରେ ପଚାରନ୍ତି 'ମା—ମାଟି ?'

'ଏ ଟୋକାକୁ ଶନି ଗ୍ରାସିଛି'—ନିତୁ ବସି କାନ୍ଦେ । ଆଉ ମା ଗଲା ଆଇଲା ବେଳେ ତା ପିନ୍ଧା ଲୁଗାକୁ ଟାଣେ ଓ ମାଡ଼ ଖାଉଥାଏ ।

ଥରେ ନିତୁ ଡାକିଆଣିଥିବା ଗୋଟାଏ ଫେରିବାଲାଠାରୁ ମାଇପି ଲୋଭରେ ପାର୍ବତୀ ଦେବୀ ଗୋଟିଏ ପନ୍ଦର ଟଙ୍କିଆ ଶାଢ଼ୀ କିଣିଲେ । ରଙ୍ଗ ନୀଳ । କେମିତି ହୋଇଛି ବୋଲି ତାଙ୍କ ଘରକୁ ବୁଲିଅସିଥିବା ଜଣେ ପଡ଼ୋଶୀଙ୍କ ପାଖରେ ପଚାରି ହେଲେ । ମତ ହେଲା ଯେ ଦାମ ଦଶଟଙ୍କାରୁ ବେଶି ହେବ ନାହିଁ । ପାର୍ବତୀ ଦେବୀ ଠକିଲରେ ପଡ଼ିଯାଇଛନ୍ତି । ନିତୁ ବସି ଶୁଣୁଥିଲା । ପାର୍ବତୀ ଦେବୀଙ୍କୁ ଭୟହେଲା ଯେ ନିତୁଙ୍କ ବାପା ଜାଣିଲେ ବିରକ୍ତ ହେବେ । ନିତୁର ଦୋଷ ନ ହୋଇ ତାଙ୍କର ଭୁଲ ଧରାଯିବ ।

'ନିତୁ—ଲୁଗା କିଣିଛୁ ବୋଲି ବାପାଙ୍କୁ କହିବୁ ନାହିଁ । ତତେ କେତେ ଜିନିଷ ଦେବି ?'

'ଦେ—' କହି ନିତୁ ଚିନା, ମିଶ୍ରି, ଚେନାଗୁଲ, ବିସ୍କୁଟ, ଖରପାଗଲା କଦଳୀ ସବୁ ଖାଇଲା । ପାର୍ବତୀ ଦେବୀ ମନେମନେ ଭାବୁଥାଆନ୍ତି ଯେ ନିତୁକୁ ପରେ ସାଧି କରିବେ ।

ଅଭୟ ବାବୁ ଅଫିସରୁ ଫେରିଲେ । ନିତୁ ଧାଇଁଯାଇ ବାପାଙ୍କ ହାତ ଧରି ଘର ଭିତରକୁ ନେଇ ଆସିଲା । ପ୍ରତିଦିନ ଖେଳବେଳର ସବୁ ଘଟଣାର ତାଲିକା ନିତୁ ବାପାଙ୍କୁ ଦିଏ ।

ସେ ଦିନ ନିତୁ ସବୁଦିନ ପରି ତା ଛୋଟ ହାତ ଦୁଇଟାରେ ବାପାର ହାତକୁ ଧରି ଟେକିକୁ ଯଥା ସମ୍ଭବ ପଛକୁ ଝୁଲି କହୁଥାଏ, 'ବାପା ସତ କହୁଛି ମା ଆଜି ନେଳିଆ ଲୁଗା କିଣି ନାହିଁ ମ । ଅସୁନା ଆସ, ବାକ୍ସ ଦେଖିବ ଆସ । ମୁଁ ସତ କହୁଛି ପରା, ସେ ନେଳିଆ ଲୁଗା ଜମା କିଣିନାହିଁ ।' ପାର୍ବତୀ ଦେବୀ ଦୂରରେ ଦାନ୍ତ ଚାମୁଡ଼ି ଥାଅନ୍ତି । ବାଘ ହୋଇ କହିଲେ ଓ ଗାଳି ଗାଇଲେ ।

ତାହାଘରକୁ ବୁଲିଗଲେ, ସବୁପିଲା କୁକୁର ପଛରେ କୁଆଁ ଧାଇଁଲା ପରି ଗୋଡ଼ାନ୍ତି । ପାର୍ବତୀ ଦେବୀ ଉଠିବାକୁ ବାହାରିଲେ କେହି କେହି ଜଳଖିଆ କଥା ଉଠାନ୍ତି । ମା ଉଠେ । ବଡ଼ ପିଲା ଦିହେଁ ଉଠନ୍ତି; କିନ୍ତୁ ଟିକା ପକେଇ ନିତୁ ମା'କୁ କହେ 'କହୁଥା ଛାଇର କୁଅଟେ ? ଜଳଖିଆ ଆସୁଛି ପରା ।'

ପାର୍ବତୀ ଦେବୀଙ୍କ ମୁହଁ ରଙ୍ଗ ବଦଳେ । ନିତୁ ଘରେ ମାଡ଼ ଖାଏ । କିନ୍ତୁ ପୁଣି ଯୋଉକଥାକୁ ସେଇ କଥା ।

ଏବେ ପଡ଼ଶା ଘରେ ଯେଉଁଏ ପିଲାଙ୍କୁ ହାତ ଫୁଟି ହେଲା । ଅଭୟବାବୁ ଘରେ ତାଗିଦ କଲେ ଯେମିତି ତାଙ୍କ ପିଲାମାନେ ପଡ଼ଶାଘରର ଲୋକଙ୍କ ସାଙ୍ଗରେ ବେଶି ନ ମିଶନ୍ତି । ନିତୁ ଭାଇ ଭଉଣୀଙ୍କି ସେମାନେ ସ୍କୁଲ ଗଲାବେଳେ ଓ ଅନ୍ୟସମୟରେ ନିତୁକୁ ଘଣ୍ଟେଥର କରି ତାଗିଦ କରିବାରେ ଲାଗିଥାଏ ।

ପାଞ୍ଚଦିନ ପରେ ପଡ଼ଶା ଘର ଗୁଢର ଆସି କହିଲେ ଖଣ୍ଡେ କଦଳୀ ପତ୍ର ପାଇଁ । ପାର୍ବତୀ ଦେବୀ ତାଙ୍କ ଘର ପିଲାଙ୍କ ଦେହ କଥା ପଚାରୁଥିଲେ । ତାଙ୍କ ପିଲାଙ୍କ ନାଁ ଶୁଣି ନନ୍ତୁ ଗାତରୁ ବାହାରିଲା ପରି କଟେଇ ବାଟେ ମୁଣ୍ଡ କାଢ଼ିଲା । ମା ପାଖକୁ ଗୁଳିଯାଇ ସ୍ୱର କମେଇ କହିଲା, 'ମା ତାଙ୍କ ଘରେ ପରା ହାଡ଼ଫୁଟି ହୋଇଛି । ତୁ କଥା କହୁଛୁ ? ତତେ ହାଡ଼ଫୁଟି ହେଲେ ମତେ ଦୋଷ ଦବୁନାହିଁ ।' ମା ଯେତେ ଆଖି ଦେଖେଇଲେ ନନ୍ତୁ ଡରୁ ନ ଥାଏ । ସେ କହୁଥାଏ ଯେ ତାକୁ ଯେମିତି ଶେଷରେ କେହି ଦୋଷ ନ ଦଅନ୍ତି ।

ବାପଙ୍କୁ କହି ନିଜ ଦୋଷ କଟେଇ ଦେଲା ।

ଏମିତି ନନ୍ତୁ ଖରାବେଳଯାକ ଘରେ ମୁରବି ହୋଇ ମା'କୁ ମନ୍ଦ କରିବାରେ ଲାଗିଥାଏ । ମା ଆଉ ନନ୍ତୁ ସାଙ୍ଗରେ ଲଢ଼ି ଲଢ଼ି ବାପାଙ୍କ ଆଗରେ ପ୍ରତିଦିନ ଫେରାଦ ହୁଏ ।

ନନ୍ତୁର ଦୁଇଟି ସାଙ୍ଗ—ଗୋଟିଏ ଗାଈ, ଆରଟି କୁକୁର । କୁକୁର ଉପରେ ବେଳେବେଳେ ଶୋଇଥାଏ ନ ହେଲେ ବସିଥାଏ । ତା ଲାଙ୍ଗୁଡ଼ ଟାଣିବା, ଟିକି ବାନ୍ଧିବା ନ ହେଲେ ତା ନାକରେ ହାତ ମାରିବା ତାର କାମ । ବେଳେବେଳେ କୁକୁର ରାଗେ । କାମୁଡ଼ିବାକୁ ଉଡ଼ି ଆସେ । କିନ୍ତୁ ପ୍ରାୟ ଦିନଯାକ କୁକୁର ଆଉ ନନ୍ତୁ ଧାଉଁଥାନ୍ତି । ମଝିରେ ମଝିରେ ମାଡ଼ ଗାଳି ଉଭୟଙ୍କ ଉପରେ ଚାଲେ ।

ଶୀତଦିନ ସକାଳେ ନନ୍ତୁର ବହୁତ କାମ । କଥା କହିଲେ ପାଟିରୁ ଧୂଆଁ ବାହାରୁଛି । ନନ୍ତୁ ସକାଳୁ ଉଠି ସମସ୍ତଙ୍କ ସାଙ୍ଗରେ

ବଡ ପାଟିରେ ବହୁତ କଥା କହେ । ନଜର ରଖିଥାଏ ପାଟିରୁ ବାହାରୁଥିବା ଧୂଆଁ ଉପରେ । ଗାଈ ଗୋବର ଦେଖିଲେ ନିତୁ ଚାଲେ 'ଦେଖ, ଦେଖ, ଗୋବରରୁ ଧୂଆଁ ବାହାରୁଛି ।' କୁକୁର ପାଟିରୁ ଧୂଆଁ ବାହାରେ କି ନାହିଁ ଜାଣିବାକୁ ଖାଲି ଚେଷ୍ଟା ।

ଗାଈର ନାକ ନିତୁର ଗୋଟିଏ ଲକ୍ଷ୍ୟ । କେତେ ବଡ଼ ବଡ଼ ନାକପୁଡ଼ା । ଗାଈ ଖଟ ପିଠିଆ ଢୋକ ଶୋଇଥାଏ । ନିତୁ ଦହାଡ଼ କୂଳରେ ବସି ତା' ନାକପୁଡ଼ା ଭିତରକୁ ଚାହିଁଥାଏ ।

ସକାଳେ ନିତୁ ଦେଖିଲା ମା ପଇସା ପଦାରେ ପଡ଼ିଛି । ଗୋଟିଏ ଦୋ'ପଇସି ଓ ଛକୋଟି ପନି ନେଇ ଗାଈ ପାଖରେ ପହଞ୍ଚିଲା । ଗାଈ ଶୋଇଥାଏ । ପନି ଖାଇବାକୁ ଯେମିତି ଉପରକୁ ମୁହଁଟେକି ଜିଭ କାଢ଼ିଲା, ନିତୁ ପନିଗୁଡ଼ାକ ତା ପାଟିରେ ଛାଡ଼ିଦେଇ ଦୋପଇସିଟି ତା ନାକ ପୁଡ଼ାରେ ଗଳାଇଦେଲା । ଗାଈ ପନି ଖାଇଦେଇ ପୁଣି ତା' ଆଡ଼େ ଚାହିଁଲା । ନିତୁ ଭାବିଲା, ଗାଈ ଆଉ ପଇସା ମାଗୁଛି । ଖୁସିହୋଇ କହିଲା 'ଆଜି ରହ ଆଉ ଗୋଟାଏ ପଣା ଦେବ ।'

ଗୋଟିଏ ଅଣି ଆଉ କିଛି ପନି ସେହି ପ୍ରକାରେ ପାଟି ଆଉ ନାକ ପୁଡ଼ାରେ ଦେଇ ସାରିଲାପରେ ଗାଈ ପୁଣି ଚାହିଁଲା । ନିତୁ ଘର ଭିତରକୁ ଧାଇଁଯାଇ ଷ୍ଟୋଟ ସୁଉକି, ଅଣି, ଦୋ'ପଇସି ଯାହା ପାଇଲା ନେଇ, ପୁଳାଏ ପନି ଛୁଣ୍ଡାଇ ଗାଈ ପାଖରେ ହାଜର ।

ଏଣେ ମା ପଇସା ଖୋଜିଲା ବେଳକୁ ନିତୁ ଆଉ ପଇସା ଉଭୟେ ମିଳୁ ନାହାନ୍ତି । ଦେଖିଲାବେଳକୁ ଗାଈ ପଇସା ଛିଙ୍କୁଛି,

ଆଜି ନିତ୍ରୁ ତାଙ୍କୁ ଗୋଟେଇ ସେଇ ପଇସାକୁ ଗାଣ୍ଡି ନାକରେ ମାଡ଼ୁଛି ।

ଜଃ ଆଜି ଯ୍ୟାଙ୍କୁ ପାରିବେହବ ନାହିଁ ।—

ହବୁଥିରେ ଉତ୍ପାତ । ଅଣଦିନ ସନ୍ଧରେ ନିତ୍ରୁ ମା ସାଙ୍ଗରେ ନିମନ୍ତ୍ରଣ ଖାଇ ଯାଇଥିଲା । ସେଠି ସ ଉତ୍ପାତ । ପରସୁଟାଙ୍କୁ ପାଟିକରି କହେ, ତାଙ୍କୁ ମା ସାଙ୍ଗରେ ସମାନକରି ଖାଇବାକୁ ଦେବାକୁ । ସେମାନେ ଦେଲେ ନାହିଁ । ନିତ୍ରୁ କେଁ କରି ଲାଗେଇଥାଏ । ନ ପାରି ପାଣି ପରସିବା ଲୋକଟାକୁ ସମାନ ପାଣି ଆଦାୟ କଲା । ମୁହଁର ହସ ଥିଲା ତା' ଗିଲାସରେ ସମସ୍ତଙ୍କଠାରୁ ବେଶି ପାଣି । ଗର୍ବରେ ସମସ୍ତଙ୍କ ମୁହଁକୁ ଚାହୁଁଥାଏ ।

ପାର୍ବତୀ ଦେବୀଙ୍କ ଭାଇର ପିଲାନାହିଁ । ଏଣେ ମା' ପୁଅଙ୍କ କଥା ପାମୁଙ୍କ ପାଖରେ ଅନେକ ଥର ପଡ଼େ । ଭଉଣୀ କହେ, ନିତ୍ରୁ ପାଇଁ ବଡ଼ ଦୁଃଖସ୍ତା ହେଲାଣି । ମାମୁଁ ମାଗିଲେ, ନିତ୍ରୁକୁ ପୁଅ କରିବାକୁ ।

'ନିତ୍ରୁ ଗୁଲିଗିଟ'—ପାର୍ବତୀ ଦେବୀ ନିତ୍ରୁକୁ କୋଳକୁ ଆଉଜାଇ ଭାଇଙ୍କି କହୁଥିଲେ, 'ନିତ୍ରୁ ବଡ଼ ଦୁଷ୍ଟ ଯେ—ତେବେ ସେ ନଥିଲେ, କି ଜୀବନରେ ଶୋଇଥିଲେ ମୋ ଦିନ କଟେ ନାହିଁ । ଘର ଖାଇ ଗୋଡ଼ାଏ ।'

# ସପନ

ରଜା ମହାରାଜା ଆସିଲେ ତୋପ ଫୁଟେ । ମୁଁ କିନ୍ତୁ ନକୁଳ-ରାବୁଙ୍କର ପୁଅ ହେଲାବେଳେ କେବଳ କେଇଜଣ ନିଜ ଲୋକଙ୍କର ଆନନ୍ଦ କୋଳାହଳକୁ ବାଦ ଦେଲେ ଆଉ କୌଣସି ଆଡ଼ମ୍ବର ହୋଇନାହିଁ । ବୁଢ଼ା ବୟସରେ ପୁଅ—ଜଷ୍ଟୁନା ଧନ ଗଜା ହୋଇଛି ।

ସେହି ପିଲାଟିର ନାଁ ଦିଆଗଲା ଦୀନବନ୍ଧୁ । ବଡ଼ ହୋଇ ଯିବାକୁ ତାର ସବୁବେଳେ ଇଚ୍ଛା । ଭଣ୍ଡାର ଘରର ଝରକାର ସିକୁଳି ଅଟପ ଫିଟାଇ ପାରିବ, ପିଜୁଳି ଗଛରୁ ଫଳ ପାରିପାରିବ, ଇଚ୍ଛା ଅନୁସାରେ କାମ କରିପାରିବ; ଠିକ ବାପାଙ୍କ ପରି ଅଫିସ ଯାଇପାରିବ, ଚୌକିରେ ବସି ପାରିବ, ଚଷମା ଦେଇ ଖବର କାଗଜ ପଢ଼ିପାରିବ; ଲୋକ ଆସି ଅଜ୍ଞା 'ଅଜ୍ଞା', 'ବାବୁ' 'ବାବୁ' କରି ପାରିବେ । ସେ କିନ୍ତୁ ବଡ଼ ହେଉନାହିଁ ।

ବାପା ଗାଧୋଇ ଗଲାବେଳେ ତାଙ୍କର ଚଷମାଟାକୁ ଉଠାଇଆଣି କାନରେ ଲଗାଏ । ବଡ଼ ଚଷମାଟା ପ୍ରାୟ ନାକ ଅଗଯାଏ ଖସି ଆସେ । ଠିକ୍ ବାପା ପରି ଟେବୁଲ ଉପରେ ଦୁଇଗୋଡ଼କୁ ରଖି ଖବର କାଗଜଟା ଓଲଟା କରି ଧରି ବସେ । ଗୁଣୁଗୁଣୁ ହୋଇ କହେ 'ଆଃ, ବାପା କେତେ ମଜାରେ ଅଛୁ । ବାପାର କ୍ଲାସ ଛୁଆଇଁ ଦେଉନାହିଁ ।'

ଗାଧୋଇସାରି ନକୁଳବାବୁ ଘର ଭିତରକୁ ପଶି ଆସନ୍ତି । ଚଷମାକୁ ଦେଖି ଚମକି ପଡନ୍ତି । ଚଷମା ନ ଥିଲେ ଆଜି କଣ ଅଫିସ କାମ କରିହବ ? କେତେଥର ବିରକ୍ତ ହୋଇ ସାନୁ ବୋଉଠାରୁ ଗାଳି ଶୁଣିଛନ୍ତି, ଏମିତି ସାନ ପିଲାଟି ଉପରେ ରାଗିଥିବାରୁ । ସାନୁ ଆଖିରେ ଲୁହ ଦେଖିଲେ ବୋଉର ଛାତି ଫାଟିଯାଏ । ଘରେ ହୁଏ ପ୍ରଳୟ ।

ସହଜ ଗଳାରେ ଦୃଢ଼ କରି ଚଷମାଟିକୁ ଜୋରରେ ଟାଣିଆଣନ୍ତି ସାନୁ ମୁହଁରୁ । କହନ୍ତି " ବାବୁ, ବଡ ହେଲେ ଚଷମା ପିନ୍ଧିବୁ ।'

ଅଫିସ ଗଲାବେଳେ ସାନୁ କାନ୍ଦେ ବାପା ସାଥିରେ ଯିବାପାଇଁ । ଅଭ ସେହି ଉତ୍ତର ଶୁଣେ । ଦୁଆର ଫାଙ୍କା ଭିତରୁ ରାସ୍ତାକୁ ଚାହିଁ ଥାଏ । ଡେଙ୍ଗା ଘୋଡା, ଡେଙ୍ଗା ମଣିଷ, ଦୂରର ତାଳଗଛ । ଆଖିରେ ତାର ଯେମିତି ଗୋଟିଏ ସ୍ୱପ୍ନରେଖା ଅଙ୍କିଯାଏ—ସେ ବଡ଼ ହେବ । କବାଟରେ ନିଜକୁ ମାପି ହୁଏ । ମା ପାଖରେ ଠିଆ ହୋଇ ମଧ୍ୟ ନିଜକୁ ଗଣ୍ଠାଏ । କେତେ ଦୁଃଖ ଯେ ଭାବିଲେ ବି ବଡ଼ ହୋଇ ଯାଉନାହିଁ । ସ୍ୱପ୍ନ କୁହୁଡ଼ି କାଚରି ପରି ହୋଇ ମିଳାଇଯାଏ ।

ପଢ଼ା ନ ସରଣୁ ବାପା ମରିଗଲେ । ବାପା ମଲାପରେ ଧାନବନ୍ଧୁ ଜାଣିଲା ଯେ ସେ କେତେ ଛୋଟିଆ ହୋଇ ରହିଛି । ବାପାଙ୍କ ସହପାଠୀମାନେ ଯେତେ ପଢ଼ିଥିଲେ, ସେ ତାହାଁରୁ ବେଶି ପଢ଼ିନାହିଁ । ବାପା ଯାହା ରଖି ଯାଇଥିଲେ ସେଥିରେ କେତେଦୂର ଯାଇହେବ ଠିକ୍ ଜାଣେନାହିଁ ।

କଲେଜ ଗଲାବେଳେ ବୃତ୍ତି ପାଇଲା । ଅଭାବ ମାଡ଼ି ଆସୁଥାଏ । ଅଭାବର ଆଘାତରେ ଧାନବନ୍ଧୁର ପ୍ରତିଭା ସିଝି ଯାଉଥାଏ । ମାଆର ଦେହ ଭାଙ୍ଗି ପଡ଼ୁଛି ବିଧବା ହେଲାଦିନୁ । ସେହି ଭଙ୍ଗା ଦେହଟାକୁ ବଞ୍ଚାଇ ରଖିବାକୁ ହେଲେ ଧାନବନ୍ଧୁର ଅର୍ଜନ ଦରକାର ।

ତାର ଘର ଆଗଦେଇ ଡେଙ୍ଗା ମଣିଷ, ଡେଙ୍ଗା ଘୋଡ଼ା, କୁକୁର ଡେଙ୍ଗା ତାଳଗଛ ସୂତାର ଖେଳ ଉଠେଇ ଚାଲି ଯାଆନ୍ତି । ଚିହ୍ନାଦିନର ପରିଚିତ କବାଟ ବାଟେ ଯା'ଆସ କଲାବେଳେ ତାହାର ମୁଣ୍ଡ ଚଉକାଠକୁ ବାଜେ ନାହିଁ । ସେ ଘର ଭିତରକୁ ବାହାରକୁ ଚାଲି ଆଇଲାବେଳେ ଗୋଟିଏ ବୋଝ ମୁଣ୍ଡରେ ମୁଣ୍ଡାଇ ଯାଏ । ସେ ହେଉଛି ତାର ସ୍ୱପ୍ନର ବୋଝ ।

ଆଇ, ଏ. ପାଶ କଲା । ଅନେକ ପିଲା ଆଗରୁ ବାହାରି ଚାଲିଗଲେ । ଧାନବନ୍ଧୁ ସ୍ୱପ୍ନ ଦେଖିଲା ଯେ ତାହାର ଉଚ୍ଚତା କମି ଯାଉଛି । ଯାହାଙ୍କଠାରୁ ବଡ଼ ଥିଲା ଠିକ୍ ସେହିମାନଙ୍କଠାରୁ ଛୋଟ ହୋଇ ଆସୁଛି । କଲେଜରେ ପଢ଼ିବା ସ୍ୱପ୍ନ ଭାଙ୍ଗି ଗଲା । ସେ ହେଲା ଗୋଟିଏ କିରାଣି । ଦରମା ଓ ଭତ୍ତା ମିଶି ମାସରେ ଷାଠିଏ ଟଙ୍କା ।

ଚଷମା ହୋଇ ନାହିଁ । ବାପାପରି ତୁଣ୍ଡ ଭରା ହେଉଛି । ଦର୍ପଣରେ ଦେଖିଲେ ବାପାର ମୁହଁପରି ମୁହଁ ଦିଶିଯାଏ । ଦେହ

ଶୁଖିଲା ପଡ଼ଶ । ଯେମିତି ଖାଇ ଖାଇ ଅଜବ ତାଙ୍କୁ ଗୋଡ଼ରୁ ମୁଣ୍ଡଯାଏ ଦାଗେଇ ଦେଇ ଯାଉଛି ।

ଅଫିସ ଫାଇଲର ଦାୟିତ୍ୱ ମୁଣ୍ଡେଇ, ମାଆକୁ ଭଲରେ ରଖିବାର ବୋଝ ମୁଣ୍ଡେଇ ସେ ତାହାର କପାଳ ଉପରେ ଦାଗ ଛାଆଁ ଭରିଛି । ଟିକିଏ ନଇଁ ଶୁଣିଲେ କପାଳ କୁଞ୍ଚି ହୋଇ ଆସେ । ଚମ କଅଁଳ, ଲୋମ କଅଁଳ, ତଳର ମାଂସ କଅଁଳ, ଭିତରର ମନ ମଧ୍ୟ କଅଁଳ । କିନ୍ତୁ ତାହାର ମୁଣ୍ଡ ଦାୟିତ୍ୱର ଭାରରେ ଚିପି ହୋଇ ଯେମିତି ସେହି ପିତା ରସକୁ ତଳକୁ ଗଡ଼ାଇ ଆଣୁଛି । ଅତୀତକୁ ଫେରି ଗୁହାଁଲେ ସେହି ପୁରୁଣା କଥା ତାହାର ମନେ ପଡ଼ି ଯାଉଛି 'ସେ ବାପାଘର ହବ' ।

ହୁଁ, ବାପାଘର ନ ହୋଇ ପୁଅଘର ରହିପାରିଥିଲେ ଆଜି କେତେ କଥା କରି ହୁଅନ୍ତା । କେହି ହେଲେ କଟକଣା କରନ୍ତା କଡ଼ ସିଗାରେଟ ନ ଖାଇବାକୁ । ଇଚ୍ଛା ଅନୁସାରେ କାମ କଲାବେଳେ କେହି ହେଲେ ମନା କରନ୍ତା, ନିଜର ପିଲାଟା ବୋକଟ ହୋଇ ଯାଉଛି ବୋଲି କେହି ହେଲେ ଆକଟି କହନ୍ତା । ଘରର ଚୌକାଠ ବାପାଙ୍କର ମଲାଖାଇ ଶକଟା ହୋଇ ଯାଇଥିଲା । ସେତକ ପ୍ରାଣବନ୍ଧୁର ହାଲ ଓ ମଲାରେ କଳାପଡ଼ି ଆସୁଛି । ଦର ଚଟାଣ ଦଦରା ହୋଇ ସନ୍ତସନ୍ତିଆ ହେଲାଣି । ସେହି ଘରଟିରେ ତାର ଦୀର୍ଘ ନିଃଶ୍ୱାସ ମିଳେଇ ଯାଏ । ସ୍ୱପ୍ନ ନାହିଁ ବୋଲି ଏଡ଼େ ଲମ୍ବା ନିଃଶ୍ୱାସ ।

ଅଜି ପେଟ—କିରାଣି ଗୁଡ଼ିକ ଷାଠିଏ ଟଙ୍କା ଦେଇ ପେଟ ଭିତରୁ ଭୋକ ଶୋଷ କାଢ଼ି ନେଉଛି । ତାହାବଦଳରେ ଦେହରେ ଖଟିବାପାଇଁ ସ୍ୱପ୍ନାତୀତ ଶକ୍ତି ଆଣି ଦେଉଛି । ଖାତାର ବଢ଼ିଛି, ସେ ମାଗିଲେ କାଳିବାପି ବି ମିଳିଲାଣି ।

ବାପାଙ୍କ କାଳ ହେବାପରେ ମାଆର ଘରର ଲାଗିଲା ବୋଝ ଟାଣିବାକୁ । ବାପା ଭେଳରେ ବଞ୍ଚିହୋଇ ଆଜିର ଭେଳରେ ପିଲା ହେବାକୁ ଅଳ୍ପ ଦୀନବନ୍ଧୁ ହତଭାଗ୍ୟ । ସେଥିପାଇଁ ବେଳ ଥାଉଣୁ ବେଳ ନ ହେଉଣୁ ଦୀନବନ୍ଧୁକୁ ଶକ୍ତ କରି ଦେଇଛନ୍ତି । ବେଳେ ବେଳେ ଦୀନବନ୍ଧୁଙ୍କୁ ଲାଗେ ଏଇଟି ଗୋଟିଏ ଆଶୀର୍ବାଦ ।

ନିରାଶା ଭିତରେ ଆଶାବତୀ ଜଳାଇ ଦୀନବନ୍ଧୁର ପ୍ରତିଟି ହେଉଛି । ସେଇଟି ବୁଢ଼ୀ ମାଆର, ପିଲା ବୋଉର ଓ ଦୀନବନ୍ଧୁର ଏକମାତ୍ର ଆଶା । ସେହି ପିଲାଟି ଆସିଲା ବେଳକୁ ଅଭାବର ଦାୟିତ୍ୱରେ ସ୍ତ୍ରୀର କାନ ଫୁଲ ବିକ୍ରି ହୋଇ ଯାଇଥିଲା । ପିଲା ଆସିଛି କିନ୍ତୁ କାନ ଫୁଲ ଫେରି ନାହିଁ ।

'କିଣି ଗୋଟିଏ ଦିଅ,—ଦୀନବନ୍ଧୁ କାନଫୁଲ କଥା ମନେ ପକାଏ । କହେ 'ଏଇ ମାସରେ ଦରମା ପାଇଲେ ଆଣିଦେବି ।' ମାସପରେ ମାସ ଗଡ଼ି ଯାଇଛି । ଦରମା ଆସିଛି । ହାତରେ ଧରିଥିବା ମୁଠାଏ ପାଣି ପରି ଶୀଘ୍ର ସରିଯାଇଛି ।

ସ୍ତ୍ରୀର ଗହଣା ବା ଶାଢ଼ୀ କିଛି ଆସିପାରି ନାହିଁ । ଦରମା ସରିଯିବାପରେ ସ୍ତ୍ରୀର ମୁହଁଟା ଶୁଖିଲା ପରି ହୋଇ ପ୍ରାୟ ମାସ ଶେଷଯାଏ ରହିଥାଏ । ମାସ ସରିଲାବେଳକୁ ମୁହଁରେ ହସ ଫୁଟେ । ଦରମା ଧରିଲା ବେଳକୁ ଦୀନବନ୍ଧୁର ଗାଲରେ ରଙ୍ଗ ଉଠେ । ସ୍ତ୍ରୀର ପ୍ରଫୁଲ୍ଲିତ ମୁହଁଟି ଆଖି ଆଗରେ ନାଚିଯାଏ । ତାହାର ପ୍ରଶ୍ନଟି କାନରେ ବାଜିଯାଏ । ଆଜି କେତେ ତାରିଖ ?

ଚମକିଲା ପରି ଦୀନବନ୍ଧୁ ନୋଟଗୁଡ଼ିକ ପକେଟ ଭିତରକୁ ଗଳେଇଦିଏ । ସହରରେ ଗୃହସ୍ଥ ପ୍ରାଣୀଙ୍କର ଜୀବନ । ମଣିଷର

ପେଣ୍ଟ, ବଜାର ଦର, କି ଟଙ୍କାର ସଂଖ୍ୟା ସୁମାର କରେ ନାହିଁ । ରଙ୍ଗ ଜଗି ଖାଉ ଖାଉ ବ ସରିଯାଏ । "ସରକାରଙ୍କର ସିନା ଥରେ ଥରେ ନିଅଣ୍ଟିଆ ବଜେଟ—ମୋର କିନ୍ତୁ ପ୍ରତିମାସରେ ସେହି ପ୍ରକାରର । ଏତିକି ଯେ କଥା ଖବର କାଗଜକୁ ଯାଏନାହିଁ । ସ୍ତ୍ରୀ ଭାବେ ମୁଁ ଗୋଟିଏ ନିକମା ।'

ଆସିଲାବେଳେ ତାହାର ଦୁଇଆଖି ଆଗରେ ଦୁଇଟି କଳ୍ପନା ବିଶେଷ । ଗୋଟିଏ ସ୍ତ୍ରୀର ମୁହଁ, ଆରଟି ସଂସାରର ଅଭାବ । ମୁଣ୍ଡ କହେ ସଂସାର ବଡ଼ । ଚିତ୍ତ କହେ ସ୍ତ୍ରୀ ବଡ଼ ।

ତଥାପି ଦୀନବନ୍ଧୁ ଗହଣା ଦୋକାନ ଭିତରକୁ ପଶିଯାଏ । ଦୋକାନର ପାହାଚରେ ଗୋଡ଼ଖୋଇ ଅଟକେ । ଦୋକାନି ମନେକରେ ନୂଆଲୋକ ବୋଲି ପାହାଚ ଝୁଣ୍ଟୁଛି । ଦୀନବନ୍ଧୁର ବରାଦ ଅତି ସାଧାରଣ—ଧଳା ପଥରବସା ହଳେ କାନଫୁଲ ।

ଦୋକାନୀ ଖୋଲି କାନଫୁଲର ବାକ୍ସଟିଏ ଆଣି ପ୍ରତ୍ୟେକଟିର ତାରିଫ କରେ । ଏଇ ପଥର ନେଇ ଅନ୍ୟ ଦୋକାନୀମାନେ କେମିତି ଠକାନ୍ତି ଓ ସେ ନିଜେ କେମିତି ସଚ୍ଚୋଟ ବୁଝାଇ ଦିଏ । ଦୀନବନ୍ଧୁ ଗୋଟିକୁ ବାଛି ଦୋକାନୀ ସାଙ୍ଗରେ ଗୁରୁଅଣି କଲାବେଳକୁ ଶୁଣେ ଦାମ ଅଶୀଟଙ୍କା । ଝଣୁ ଝଣୁ ଗହଣା ଖସିପଡ଼େ ହାତରୁ । ଦୋକାନିକୁ ଲାଗେ ଗରାଖ ଖସିପଡ଼ିଲା ଦୋକାନରୁ ରାସ୍ତାକୁ । ଆଉ ଗୋଟିଏ ହଠାତ୍ ସାଙ୍ଗେ ସାଙ୍ଗେ କହେ 'ଏଇଟି ପାଞ୍ଚଟଙ୍କା ଜୋଡ଼ା' । ଦୀନବନ୍ଧୁ ଠିଆ ହୋଇଯାଏ ।

ଆଉ ଗୋଟିଏ ଯୋଡ଼ିଏ ସେହିପରି ସେ ଯଚେଇ ନିଏ । କାନଫୁଲ ଗୁଡ଼ିକ ତାର ପକେଟ ଆଗରେ ପାହାଡ଼ ପରି ଠିଆ ହୋଇ

ଅଛୁ। କିନ୍ତୁ ତାର ମାସଯାକର ଟଙ୍କଣିକ । ସ୍ୱାମୀଙ୍କ ମୁଣ୍ଡ ବୁଲେଇ-ଗଲା । କାନଫୁଲ ନ ହେଲେ ପଛେ ଚଳିବ, ସ୍ତ୍ରୀ ସ୍ତ୍ରୀ ହୋଇ ରହିବ, କିନ୍ତୁ ଟଙ୍କା ଶାଠିଏଟି ସରିଗଲେ କାନଫୁଲ ରହିବ ନାହିଁ। ସୁଲକ୍ଷଣା ଦୋକାନ ଟଙ୍କା ନ ଶୁଝି ପାରିଲେ ତାଙ୍କ ଗୃହୀଲ ବି ମାସକର ମିଳିବ ନାହିଁ ।

ମନ ଭିତରେ ଆଶାର ଆଲୋକ ଲିଭିଯାଏ । ଧାନବନ୍ଧୁ ରକ୍ତଳା ବଣ୍ଟାରେ ଉଦାସ ହୋଇଥିବା ରାସ୍ତାକୁ ଦେଖିପକେ । ଧନୀ ଘାଟରେ ପରସ୍ତ ହୋଇ ଦାରିଦ୍ର୍ୟ ଧାନବନ୍ଧୁ ପଳାଇଲାବେଳେ ଧନୀର ରେଡିଓ ଚଳିଲା ଶୁଭେ 'ଦାଗୁର ଦାନରେ ଜୁନ୍ ଅଲଡ଼ାମର ସୁନ୍ଦର କାନଫୁଲ ଅଛୁଟି ।'

ଅଜ ଲୁଗା ଦୋକାନକୁ ଯାଇ କଣ କହିବ ? ଲୁଗା ଆଣିଲେ ଫୁଲକୁ ତ ନାହିଁ ନାହିଁ । ଘରେ ଗୋଳମାଳ ହେଉଛି ହେବ । ପକେଟଟା ମୁଠେଇଧରି ସେ ବୁଲିବୁଲି ସାରା ରାସ୍ତା । ଭୋକରେ ପେଟ ଜାଳି ହୋଇଯାଉଛି । ହୃଦୟ କାହିଁ ଯେ ସେଥିରେ ସ୍ତ୍ରୀର ପ୍ରେମ ଆସି ଉପୁଜିବ ।

ଦୋକାନୀ ଧାର ଶୁଝି ଧାନବନ୍ଧୁ ଘରକୁ ଫେରିଲେ । ହାତରେ ସଉଦା ।

ସ୍ତ୍ରୀ ଦେଖିଲା ତାହାର କାନଫୁଲ ନାହିଁ, ଶାଢ଼ୀ ନାହିଁ । ପୁଣି ଅଭମାସ ପଡ଼ିଲା । ଏତେ ପଡ଼ିଲା ଯାଉଛି ସେମିତ ଆଉ ଗୋଟିଏ ଯିବ ।

ତହିଁ ଆରଦିନ ଧାନବନ୍ଧୁ ଅଫିସକୁ ଗଲେ । ଅଫିସରେ କିଛି କାମ କରନାହିଁ । ମାସଯାକ କାମ କରୁ, ଯାଦ ଘରେ ଗୋଟିଏ

ପଣ୍ଡିତ ହୋଇ ନ ପାରିଲା ତାହାହେଲେ ଅନ୍ୟ ଯାହାକିଛି ହେଲେ ବ କ୍ଷ ଯଣ ? ଖାଟିରୁ ଅଣିଛୁ ଟିବାପାଇଁ ପରୀକ୍ଷା ଦେଇଥିଲା । ଫଳ ବାହାରି ନାହିଁ ।

ପରୀକ୍ଷାରେ ବା କଅଣ ହେବ । ପ୍ରବନ୍ଧଟିର ଭୁଲ ହେଇଛି । ଷଟର ହୋଇଥିଲା 'ଲକ୍ଷେ ଟଙ୍କା ପାଇଲେ କଣ କରିବ ?' ସେ ଲେଖିଛି ମୋ ସ୍ତ୍ରୀର ଅଭାବ ମେଣ୍ଟାଇବାକୁ ଲକ୍ଷେ ଟଙ୍କା ବି ନିଅଣ୍ଟ । ଗହଣା, ଶାଢ଼ୀ, ମଟର, କୋଠା ଜରସାର ନାନାଦ କିଛି ପୋଷାକ ତିଆରି କରିବ । ପ୍ରଅଟିର ଭବିଷ୍ୟତ ପାଇଁ କିଛି ରଖିବ । ଦୋକାନରୁ ଅଭ ଯେପରି ବାକିଟୋପି ନ ହୁଏ ତାର ଚୋଟାଏ ସ୍ଥାୟୀ ସମାଧାନ କରି ପାରିଲେ ଅଉ କଅଣ ବା ରହୁବ ?

ଏହି ଉତ୍ତର ଶୁଣି ସମସ୍ତେ ହସିଥିଲେ । ଦୀନବନ୍ଧୁ ନିଜର ବୃତ୍ତି ପରୀକ୍ଷା କଥା ଭାବିଥିଲା । ବାପାଙ୍କ ପୁରୁଣା ଚୌକିରେ ବସି ବାପା ହେବାର ସ୍ୱପ୍ନ ମନେ ପଡ଼ିଥିଲା ।

ଅଭ୍ କୋଡ଼ିଏ ଟଙ୍କା ତା'ହେଲେ ମିଳିବ ନାହିଁ । ହଁ, ଏମାନେ କୋଡ଼ି କୋଡ଼ିଏ ଟଙ୍କା ଦେବେ ? ଲକ୍ଷେ ଟଙ୍କାର ହିସାବ । ଷାଠଏ ଟଙ୍କା କରି ଜୀବନଯାକ ପାଇଲେ ବି ଲକ୍ଷେ ହେବନାହିଁ । ଯାହା ହେବ ସେ ଲକ୍ଷେର ପଣନାତି ପରି ।

ସଞ୍ଜବେଳର ଜଳଖିଆ ବଢ଼ ଚଢ଼ିବାକୁ ଓ ରାତିର କରାପନ୍ନ ଟଙ୍କ କମେଇବାକୁ ସଞ୍ଜବେଳୁ ଖାଇ ଦେଇ କାମ ସାରିଦିଅ ହୁଏ । ଘରକୁ ସେଦିନ ଫେରି ଦେଖିଲା ସ୍ତ୍ରୀ ନାହିଁ—ମା ଉହୁଲ ପଡ଼ଶା ଘରକୁ ବୁଲି ଯାଇଛି ଖବରିବାକୁ । ଦୀନବନ୍ଧୁ ଭାବିଥିଲା ତାକୁ ସବୁ କଥା

ବୁଝାଇ କହିବ । ନିଜର ଦୋଷ ନାହିଁ ବୋଲି ପ୍ରମାଣ କରିଦେବ । ସେଟିଣୀ ବୁଢ଼ୀ ମା'ଟା ଉପରେ ସେସବୁ ପକେଇ ଦେଇ ଭୁଲିଛି ।

ଖାଇଲାବେଳେ ମା' କତରେ ବସି କେତେ କଥା ପଚାରିଲେ । କଅଣ ପାଇଁ ଚିନ୍ତା କରି ଦୀନବନ୍ଧୁ ଶୁଖିଯାଉଛି, ପରୀକ୍ଷା ଫଳ କେଣି ହେଲା, ଗୁଣ୍ଡିଆର ଉନ୍ନତି ପାଇଁ କାଲି ଠାକୁରାଣୀଙ୍କ କତରେ କଳା ଶାଢ଼ୀ ମାନସିକ ଅଛି ଆଦି କେତେ ଶଙ୍କରତତ୍ତ୍ୱ, ଅସିଂଶକ୍ତି, ଓ ମନସ୍ତତ୍ତ୍ୱ । ସବୁ 'ହଁ' 'ନା' କରିଦେଇ ଦୀନବନ୍ଧୁ ହାତ ଧୋଇଲେ ।

ସ୍ତ୍ରୀ ଫେରିନାହିଁ । ଦୀନବନ୍ଧୁଙ୍କୁ ହାଲିଆ ଲାଗୁଥାଏ । ଯାଯା ମଲ୍ଲପରେ ଭାରି ଭାରି ବେଦନା ହୋଇଗଲା । ବିଛଣାରେ ପଡ଼ି ସେ ଚାହିଁଥାଏ ଝରକା ଆଡ଼କୁ । ଜହ୍ନ ଆଲୁଅରେ ଦୂରର ତାଳଗଛଟି ଛୋଟ ଦିଶୁଥାଏ, ଦୁର୍ବଳିଆ ଦିଶୁଥାଏ । ତାଳଗଛ ବୋଧହୁଏ ଉଚ୍ଚ ନାହିଁ । ପିଲାଦିନେ ରାସ୍ତାର କାଲୁଲିବାଲା, ଦୂରର ତାଳଗଛ ତାହାର ମନରେ କେତେ ସ୍ୱପ୍ନ ଉଠେଇଥିଲେ । ବୋଧହୁଏ ଲକ୍ଷପତିର ସ୍ୱପ୍ନ—ଅଙ୍କ ଲକ୍ଷେ ଟଙ୍କା ବାଣ୍ଟି ଅସୁନାହିଁ ।

ନିଦ ଲାଗିଯାଇଛି । କ୍ଳାନ୍ତ ଦେହ ଓ ଶୋଷିଲା ପେଟରେ ଭାତ ପଡ଼ିଲା ଆଖିପତାକୁ ବନ୍ଦ କରିଦିଏ । ସ୍ୱପ୍ନ ଦେଖୁଛି ସେପୁଣି ଦରମା ପାଉଛି । ଚିହ୍ନା ଦୋକାନୀ ବାକି ଟଙ୍କା ମାଗି ଆସିଛି··· ସ୍ତ୍ରୀ ବାପଘରକୁ ଚାଲିଯିବା ଧମକ ଦେଉଛି···ଗହଣା ଦୋକାନର ପାର୍ସଲ ଆସିଛି । କିନ୍ତୁ ଦରମା ବଢ଼ିନାହିଁ । ଦରମାକୁ ଅତିକ୍ରମ କରିବାକୁ ଥାଇଁ ଆସୁଥିବା ସମସ୍ୟା ଅଧିକରୁ ଅଧିକ ଜଟିଳ ହୋଇ ଠିଆ ହୋଇଛନ୍ତି ।

# ଗାଉଁଲୀ

ଗାଁରେ ଘର । ଘରକୁ ଯିବାକୁ ହେଲେ କଟକ ଷ୍ଟେସନରୁ
ମଟରେ ଯିବାକୁ ହୁଏ । ମଟର ଛାଡ଼ିଲେ ଗୋରୁଗାଡ଼ି ଓ ଚରଣ-
ଦାସଙ୍କ ଗାଡ଼ି, ଉଭୟଙ୍କର ଦରକାର ହୁଏ । ଗାଁର ବଡଲୋକେ ଏହି
ଭିନ୍ନପ୍ରକାର ରାସ୍ତାକୁ ଭିନ୍ନ ପ୍ରକାରର ବାହନ ଲଗାନ୍ତି; କିନ୍ତୁ ସମସ୍ତ-
ଙ୍କର ବଳକୁ ପାଏ ନାହିଁ ।

ଯେତେବେଳେ କେତେଗୁଡ଼ିଏ ଧଣିଙ୍କର ସେହି ଗାଁ ପ୍ରତି
ମମତା ଥିଲା । ବିଦେଶରେ କୁଲି ହୋଇ ଥିଲାବେଳେ ଗାଁକୁ ମନେ
ପକାଇ ଚିଠି ପତ୍ର ଲେଖନ୍ତି । ବାବୁଭୟା, ମହାଜନ ସାହୁକାରମାନେ
ଗାଁକୁ ମନେ ରଖିଥାନ୍ତି—ସେଠି ତାଙ୍କର ଦାଦନ ଲାଗିଛି ଘିଅ, ଅଖା,
ଚାଉଳ, ହେଁଟପାଇଁ । ଗାଁଲୋକେ କରଜ ନେଉଛନ୍ତି । କରଜନେଇ

କେଉଁଦିନ ଚାଲିଗଲେ ଭଗବାନ ଜାଣନ୍ତି । ଖଣ୍ଡିଏ ଖଣ୍ଡିଏ ହୋଇ ଭିଟା ମାଟି ... ଯେ ହାତ ହେଉଛି । ଗୋଟିଏ ଗୋଟିଏ ପରିବାର ଟେକ୍ସାଇଲ୍, ତୁଳା, ଚୂଡ଼ର ଓ ଖାନକା ଧାଳିଟି ସହର ଆଡ଼କୁ ଛୁଟି ଆସୁଛନ୍ତି । ଗାଁ ଘର ନଈ ପୋଖରୀ ପୁଳାଏ ପୁଳାଏ ଖାଲି ପଡ଼ୁଛି ଗାଁରୁ । ଗାଁ କହିବାର ଅଧିକା ଶୁର ପୁରୁଷ ଚଢ଼ୁଛି ହେଲାଣି । ଫି ବର୍ଷ ବେମାରି, ମଡ଼କ ଗାଁରୁ ପୁଳାଏ ଲୋକଙ୍କୁ ନେଇ ଯାଉଛି । ଷଠୀ ଦୁର୍ଭିକ୍ଷ ପୁଳାଏ ପୁଳାଏ ଫେରାଇ ଦେଉଥାଏ ।

ଗାଁକୁ ଆସେ ଖଣ୍ଡିଏ ଖବରକାଗଜ । ଗ୍ରାମ୍ୟାଳୀର ଅବଧାନ ପ୍ରତିଦିନ ପଢ଼ି ଗାଁବାଲାଙ୍କୁ ଶୁଣାଇ ଦିଏ । ଗାଁର ମୂର୍ଖ ଲୋକେ ସେଇଥିରୁ ଜାଣନ୍ତି, ସହର ବଜାର କଥା—ସହରରେ ଟ୍ରେନ୍ ହେଉଛି, ସହରରେ ବସନ୍ତ ଲାଗିଛି, ନେତା ଆସିଲେ, ସର୍କସ ଆସିଲା, ପ୍ରଦର୍ଶନୀ ମେଳା ହେଉଛି । ଗାଁ ଦାଣ୍ଡରେ ଏଇ ସହରର ଲୋକେ ମୂର୍ତ୍ତି ଦେଖାଇ ଆଣେ । ବର୍ଷକୁ ଥରେ ଅଧେ ମଟର ଖଣ୍ଡେ ଗାଁ ବାଟେ ଦେଇ ଗଲେ ଅପୂର୍ବ କଥା ପରି ଲୋକେ ଦୌଡ଼ି ଚୁହୁଁ ଦେଇ ଯାନ୍ତି । ଲଢ଼େଇ ଲାଗିଥିଲାବେଳେ ଚାଲି ପରି କେଇଟା ଉଡ଼ାଜାହାଜ ଘାଉଁ ଘାଉଁ ହୋଇ ଉଡ଼ି ଯାଉଥିଲେ । ଅବଧାନ ବୁଝାଇ ଦେଉଥିଲେ ଯେ, କଟକରୁ ଉଡ଼ି ଆସନ୍ତି ଏସବୁ ଅପୂର୍ବ ପଦାର୍ଥ । ଗାଁକୁ ଫେରୁଥିବା ଚାକର ଟୋକା ଦି' ଅଣିଆ ମୁଣ୍ଡତେଲ, ଚାରିଣିଆ ଅତର, ଛ ପଇସିଆ ଆରସି, ନାଲିଆ ଟୋପି ଆଦି ପଦାର୍ଥ ଦେଖାଇ କାହିଁକିରେ ଜାଣି ଜଣାଇ ଦିଅନ୍ତି —ସହର ବହୁତ ଦୂର ।

ଖବରକାଗଜରେ ବାହାରୁଛି ଭାରତ ଦେଶର କଥା — ମଣିଷ କେମିତି ଚାଲିବ, ଗାଡ଼ି କେମିତି ଚାଲିବ, ଏକମୁହାଁ ରାସ୍ତା ହେଉଛି ।

ଘୋଷାଏ ବାଟରେ ଯିବ, ଗୋଟାଏ ବାଟରେ ବାହାରିବ । ସହରଯାକ ଖାଲି ଗଳି କନ୍ଦି । ମେଢ଼ କେତେବେଳେ ଉଠିବ, କେଉଁ ବାଟ ଦେଇ ଯିବ ; ଅବଧାନ ଘର ପିଲାଏ ଆସି ଅଟ୍ଟ ହେଲେ କଟକ ଯିବେ ବୋଲି । ଖବରକାଗଜ ଖଣ୍ଡକ ଚାହିଁ ପାହିଁ ପଢ଼ିଦେଲେ । ଭାଇ ଭଉଣୀକି କହିଲା । ପିଲାମାନେ ମାଆକୁ କହିଲେ । ବୋଉ ବାପାଙ୍କୁ କହିଲା । ବାପା ବସି ବସି ଭାବିଲେ କଟକକୁ ମୁଣ୍ଡପିଛା ଭଡ଼ା ତେର ଟଙ୍କା ।

ବୋଉର ଆଖି ଯୋଡ଼ାକ କୋରଡ଼ରେ ପଶିଯାଇଛି । ଦେହ ଧଡ଼ ଧଡ଼ ହେଉଛି । ତଳେତଳେ ଅଛି ଶିଶୁର ଲୁଅ । ବାପାଙ୍କର ମୁଣ୍ଡ କୁଣ୍ଡ ହେଇ ରହୁଥାଏ ଦିନମାନ । ପଢ଼ାଶୁଣା ଲୋକ—ଦିନଯାକ ଭାବୁଥାନ୍ତି ଜଗତଟାକର କଥା । ସେ ବର୍ଷକୁ ଥରେ ଅଧେ କଟକ ଯାନ୍ତି —ମକଦ୍ଦମାରେ ସାକ୍ଷୀ ଦବାପାଇଁ । ସେ କଟକ ଦଶହରା ଦେଖିଛନ୍ତି । କଟକରେ ତାଙ୍କର ଚିହ୍ନା ଲୋକ ବି ଅଛନ୍ତି ।

ପିଲାଗୁଡ଼ାକ ମଣିଷ ବୋଲି ତ କୁହାଯିବ; କିନ୍ତୁ ଦଶନ୍ତି ଓଡ଼ିଆ ପାଞ୍ଜିରେ ଦିଆ ହୋଇଥିବା ନକଲକୁ 'ସାବଧାନ' ବିଜ୍ଞାପନ ପରି । ବଡ଼ ବଡ଼ ପେଟ, ଛୋଟ ଛୋଟ ମୁହଁ, ଆଖି ହୁଳହୁଳିଆ, ଦେହରେ ମାଛି ଭରିଥିବ ତଥାପି ମନର ଆଶା—ନୂଆ କଥା ଦେଖିବ । ପିଲାଙ୍କର ଇଚ୍ଛା କଟକ ଦଶହରା ଦେଖିବେ । ଦେଖି ଫେରିଥିବା ଲୋକେ କେତେ ମଜା ମଜା କଥା କହନ୍ତି । କଟକରେ ବାଜା ବାଜେ । ଖୁବ ଜାକଜମକ ହୁଏ । ଅନେକ ଜିନିଷ ବିକାକିଣା ହୁଏ । ଅନ୍ଧମାର ଟଙ୍କା ଉଡ଼ିଯାଏ ।

ବୋଉର ଖୁବ ଇଚ୍ଛା ଦଶହରା ଦେଖିବା ପାଇଁ । ବଞ୍ଚିଥିଲେ ଆଉ ବର୍ଷେ । ସତରବର୍ଷ ତଳେ ବାହା ହୋଇ ଗଲାଦିନୁ

ଆସିଥିଲା । ସେଇ ଡଲଡାଟିରେ ପଡ଼ୁଛି । ଗରିବ ଘରୁ ଆସି ସେହି ଗରିବ ଘରେ ପଡ଼ୁଛି । ଶାଗ ପେଜରେ ମଣିଷ ହୋଇଥିଲା, ସେହି ଶାଗପେଜରେ ରହୁଛି । ପେଜ୍ ଗରକୁ ଆସିଥିଲା; ସେ ଘର ବି ଟପଟେଇ ନଇଁ ଗଲାଣି । ଭଙ୍ଗା ମଥାନ ନୂଆଣିଆ ହୋଇ ଗଲାଣି । ଭଲ ଗୁହାଳ କବାଟ ଚଉକାଠ ଝୁଣି ଦେଲେଣି । କ୍ଷେତରେ ବାଲି ମାଡ଼ିଯାଉଛି । ଗୋରୁଗାଈ ଉଧାଉ ନାହାନ୍ତି । ଖାଲି ନାଲି ମାଛି ଆସୁଛି, ବଳଦ ଟାଳ ହୋଇ ଚରୁମୀସ୍ୟାରେ । ବାବୁ କହୁଥିଲେ, କଟକରେ ନଈ ବନ୍ଧା ହେଉଛି ବୋଲି ତାଙ୍କ ଗାଁ ଉପରେ ଏମିତି ହୋଉ ।

ଗରିବ ଗାଁ । ଗରିବ ମଣିଷଙ୍କର ଦୁନିଆ । ତାଙ୍କର ଉପରେ ତ ସମସ୍ତଙ୍କର ଆଖି —ମଝିର ଦେଶ । ଶୁକର ଶୁକରାଣୀ ଆଦି ସବୁ ପ୍ରକାରର ବ୍ୟବହାରରେ ମଣିଷଙ୍କୁ ଠକିବାପାଇଁ ବଡ଼ଲୋକମାନଙ୍କର ଏହି ଗରିବଙ୍କ ଉପରେ ଆଖି । ଶୁକରକୁ ଛୁଟି ଦଅନ୍ତି ବର୍ଷକୁ ପନ୍ଦର ଦିନ—ସେ ଯାଇ ସେଥିରେ ତାର ପରିବାର ଗଢ଼ି, ପରିବାରକୁ ରଖି, ଜମିବାଡ଼ି ମଞ୍ଜାଡ଼ି ଶୁକରି କରିବ । ପଳେଇଗଲେ ଅପବାଦ ଦଅନ୍ତି—ଗାଁ ଲୋକେ ଚୋର । କେତେଥର ବାପା ବୋଉଙ୍କୁ ସେ କଥା କହନ୍ତି । କଟକର ମଣିଷମାନେ ବଡ଼ ନିଷ୍ଠୁର । କଟକର ଲୋକେ ବାଘ । ଦୟାମାୟା ନ ରଖି ରକ୍ତ ଶୋଷିନିଅନ୍ତି । ଆଗେ ଯେମିତି ଲୋକ ଦେଶ ଦେଖି କରି, ଦେଶର ଭଲ ଭଲ ଜିନିଷ ଓ ମଣିଷ ନେଉଥିଲେ, ଏମାନେ ସେମିତି କରନ୍ତି । ତାଙ୍କୁ ଗାଉଁଲି ଲୋକେ ଡରନ୍ତି । ସେଇଠି ଦଶହରା ବଡ଼ ଜାକଜମକ ।

ପିଲାଙ୍କ ଭିତରେ ପାଁଚି —ଦଶହରା ଦେଖିଯିବେ । ଥାଁ ଥଇଡ଼ ଲାଗିଛି । ଦାଣ୍ଡପିଣ୍ଡାରୁ ଗେଞ୍ଚାଇଣାକଲୁ, ବୋଝଠୁ ବାପା ପାଖକୁ । ଦୁଇଜଣଙ୍କ ଭଙ୍କାଳ—ଦାଦାଙ୍କର ପଞ୍ଜରାହାଡ଼ ଗଣି ହେଉଛି । ଦାଦାଙ୍କର ମୁଣ୍ଡବାଳ ଫୁରୁଫୁରୁ ହେଉଛି । ଗୁହ୍ମଁଳେ ଦାଦେଁ ଦାଶନ୍ତ ଥରଙ୍କଠାରୁ ବେଶି ବୟସର ବୋଲି । ଜଣେ ଚିନ୍ତାରେ, ଅନ୍ୟ ଜଣେ ଅପନ୍ତରେ ବୁଢ଼ା ହୋଇଛି । ବାପା ଭାବନ୍ତି, ମରିଗଲେ ଛୁଟି । ବୋଉ ଜାଭ୍ ଭାମୁଡ଼ ଭାବେ, ପିଲାଗୁଡ଼ାକ ଅନାଥ ହୋଇଯିବେ । ତାଙ୍କୁ କିଏ ଆଶ୍ରା ହେବ ? ମଣିଷ ପିଲାଠ ଅଣ୍ଟି କୁଜୁକୁଜୁ ହୋଇ ମଣିଷର ଆଶା ଆକାଂକ୍ଷା ସବୁ କହୁଯାଏ ।

କଟକ ସହର ବଢ଼ି ଚାଲିଛି, ଏମ୍ଭ ଗାଁ ଗୁଡ଼ାକର ଧନ ନେଇ । କଟକ ସହରକୁ ତିଆର କରିବାପାଇଁ ଅଜସ୍ର ଟଙ୍କା ଟୋପଡ଼ା ହେଉଛି । ମନ୍ତ୍ରୀ, ମାମଲତକାର, ଇଂଜିନିୟର, କାନଟ୍ରାକ୍ଟର ମୋଟା ମୋଟା ଥଳୀ ମାରି ନେଉଛନ୍ତି । କଟକରେ ରାସ୍ତା । ରୋଡ଼ ଟିଆ ହୋଇଛି । ରୋଡ଼ରେ ଆଲକାତରା ବନ୍ଧା ହେଉଛି । ପାଣିକଳ ବସୁଛି । କୋଠାବାଡ଼ି ଚାଲିଛି । ସରକାରୀ ଟଙ୍କାରେ କଟକ ରାଜଧାନୀ କଟକରେ ପକ୍କା ଟଙ୍କା ଦିଆ ହୋଇ ତିଆରି ହେଉଛି । ଅଭଦୋଟ୍ରେ ଚାଲିଛି— ଭୁବନେଶ୍ୱରରେ । କଟକରେ ଲାଟ ଓ ମନ୍ତ୍ରୀ, ଉକିଲ ଓ ବାରିଷ୍ଟର, ଅମଲା ଓ ଦପ୍ତରଖାନା । କଟକ କଥା ଶୁଣୁ ଶୁଣୁ ଦାଦାଙ୍କ ବଡ଼ଲା । ସେଠି ହରତାଳ ଲାଗିଲେ ଗାଁରେ ଚହଳ ପଡ଼େ । ସେଠି ବସନ୍ତ ଲାଗିଲେ ରାଜଧାନୀରେ ଭୂମିକମ୍ପ ହୁଏ ; ଆଉ ସେଥିରେ ଗାଁ ବି ଦୋହଲି ଯାଏ । କଟକ ଦଶହରା ପାଇଁ ଖବରକାଗଜ ନୋଟିସ୍ ଦିଏ । ତାକୁ ପଢ଼ି ଦେଇ ପଡ଼ନ୍ତି ଗାଁରେ—ଦାନକପାଇଁ ହେଲେ ସେ ଗାଁ ଖବର ବାହାରେ ନାହିଁ । ସେମିତିକା ଗାଁ ଅଛି ବୋଲି କଟକରେ କେଇଜଣ ଲୋକ ଅବା ଜାଣିଥିବେ ।

ବାପା ନଈଅଡକୁ ଚାହିଁଥିଲେ । ବାପଗୋସାଇଁ ଚିପ ଜାଗା ଦେଖି ଗାଁ ବସାଇଥିଲେ । ମଣିଷର ଜନ୍ମମୃତ୍ୟୁ ପରି ଗାଁର ଜନ୍ମ ମରଣ ଅଛି । ଯେଉଁ ନଈ କାଠକୁ ଖାଇ ପାରିଲା ନାହିଁ, ସେ ଦୁର୍ବଳ ଗାଉଁଲିଙ୍କର ଗାଁଟାକୁ ଖାଇବାକୁ ତିଆର ! ବର୍ଷା ନ କରିବାକୁ ଠାକୁରଙ୍କୁ ଡାକିଲେ ଯେତେ ଡାକ ଛାଡ଼ିଲା । ବର୍ଷା ହେଲା ନଈ ଖାଇଲା । କେଇଟା ବର୍ଷତଳେ ଯେଉଁ ଅବଧାନ, ସାମନ୍ତ ନାଇ ଖଣ୍ଡକ ପରି ଏପାଖ ସେପାଖ ହେଉଥିଲେ, ସେ ଆଜି ଚୁଲିକିର ହେଉଛନ୍ତି ବାଟ ଗଲେ ଅଣାନଶ୍ୱାସୀ ହୋଇ ମାଗୁଛି । ବେମାରିର ଇଲାଜ କରିବାକୁ ପଇସା ନାହିଁ । କଟକରେ ଡାକ୍ତର ଦେଖା ପଡନ୍ତି—ଅସାଧ୍ୟ ରୋଗକୁ ସାଧ୍ୟ କରାଇବ ଲୋକ । ଇଏ ତ ସାମାନ୍ୟ ବେମାରି—ତେବେ ତାଙ୍କ ପାଖରେ କଥା କହିବାକୁ ପଇସା ଲୋଡା ହୁଏ । ସରକାର ସେମାନଙ୍କୁ ବୃତ୍ତି ଦେଇ ପଢ଼ାଇଛି । ପଢ଼ାଇବାର ମୋଟା ଟଙ୍କାରେ ଚୁକିସି ଦେଲା—ତାଙ୍କ ପି ଏବେ ଗୁଣ୍ଡୁଣୀ ହେଇଗଲା—ଗୁରିଗୁଣା ଲୋକଙ୍କୁ ଶୋଷିଲେ । ଏଇ ହେଲା ସହରର ନିଶାପ । ଯାହାକୁ ବଳୁଆ କଲା, ସେଇ ଖାଇବ—ଆଉ ଖାଇବ ଚାଁଉଳକୁ । କିଏ ଦେଖିବା କଟକରେ ?

ମିଠା ଏମିତା ସଞ୍ଜ ହୋଇଗଲା । ଆକାଶରେ ବାଦୁଡ଼ି ଉଡ଼ିଲା ପରି ପିଲାଙ୍କ ମନରେ କଟକର ଦଶହରା ପଡ ପଡ ହେଉଛି । ବାପା ଭାବୁଛି ନିଜ ଭାଗ୍ୟ କଥା । ଯେତିକି ଧନ ବଢ଼ିଲେ ସହରରେ ଜଣେ ଲୋକ ଧନୀ କି ପଣ୍ଡିତ ହୋଇଯାଏ, ସେତିକି ଧନ ବଢ଼ି ସେ ନିଜେ ଗରିବ ଓ ମୂର୍ଖ ହୋଇଗଲେ ।

'ବାପା, କହୁନ ? ଆମେ ଯିବା ଏଥର କଟକ ।' ପରେ ପରେ ସେଇ କଥା ଜଣକ ପରେ ଜଣେ ପିଲା କହୁଛନ୍ତି । ଦୂର ଆକାଶରେ

ଗୋଟିଏ ଉଲ୍କା ଖସି ଆସିଲା ଗାଁ ଆଡକୁ । ପିଲାମାନେ 'ଢସ୍ ଢସ୍' ବୋଲି ପାଟି କରି ଉଠିଲେ । କିଏ ଆଗ ଦେଖିଛି ବୋଲି ଦ୍ୱନ୍ଦ୍ୱ ଆରମ୍ଭ ହେଲା । ବାପା କହିଲେ, 'ଇଏ କିଛି ନୁହେଁ । କଟକର ବାଣ ଦେଖିଲେ ଲୋକ ତାଟକା ହୋଇଯିବ । ଅନ୍ଧାର ଲୁଚିଯାଏ । ଆକାଶଟା ଆଲୋକିତ ହୋଇଯାଏ ।' ପିଲାମାନେ ଚାହିଁ ରହିଲେ, ବାପାଙ୍କ ମୁହଁକୁ । ବାପା ଚାହିଁଲେ ପିଲାଙ୍କ ମୁହଁକୁ । ସାତଜଣଙ୍କୁ ଶହେ ଟଙ୍କା ଖରଚ । ଶହେ ଟଙ୍କା ଥିଲେ କେତେ କାମକୁ ପାଇବ ।

କଟକରେ ଶହକର ମୂଲ୍ୟ କିଛି ନୁହେଁ । ମହେର ହେଲାଣି ହଜାରେ । ତାଙ୍କ ଡ୍ରାଇଭର ବାବୁ ପାଆନ୍ତି ମାସକୁ ଶହେ କରି । ଠିକଣା ଦିଅନ୍ତି ବର୍ଷକୁ ଶହେ କରି । ମଠର ସରଞ୍ଜାମ କିଣନ୍ତି ବର୍ଷକୁ ଶହେ କରି । ସିଗାରେଟ୍ ଖାନ୍ତି ମାସକୁ ଶହେ କରି । ସିନେମା ଦେଖନ୍ତି ବର୍ଷକୁ ଶହେ କରି । ଆଉ ଏଠି ଗାଁରେ ଶହେଟି ଟଙ୍କା ପାଇଁ ଗୋଟିଏ ପରିବାରର ଚେନାଏ ଆନନ୍ଦ ମିଳିବ କି ନାହିଁ, ଜାଣିବାକୁ ଦାହଢ଼ କରିଗଲି ।

ଲୁଗା ମିଳୁ ନାହିଁ । ଗୁଡ଼ିଏ ମହଙ୍ଗା ହୋଇଛି । କଟକରେ ହେଉଛି କଣ୍ଟ୍ରୋଲ । ସହରର ବୋଲି ବାବୁ ଭାଇଙ୍କ ପାଇଁ ମଫସଲ ପଡ଼ି ଦିଆ ହେଉଛି । ଯାହାକୁ ଯେତେ ଅଦ୍ଭୁତ ଗ୍ରେସ-ବଜାରରେ । ଗାଁରେ ମାପଚୁପ ନାହିଁ । ସେଥିପାଇଁ ଏଠି କନ୍ଟ୍ରୋଲରର ମୂଲହୁଆ ପଡ଼ିଲେ ବି ଗୁଣ ରହିଲା ସହରରେ । ସହରରୁ ଆସୁ ଆସୁ, ସହରକୁ ଯାଉଯାଉ ମାରୱାଡ଼ିଆ ଲୋକେ ହାମି ନେଇ ଯାଉଛନ୍ତି । ସବୁଥିରେ ଉଣ୍ଡୁ ଉଣ୍ଡୁ ସେଠାର ଧାନ ଅମଳ କରି ଉଡ଼େଇ ନେଉଛନ୍ତି ବୁଦ୍ଧିର ଜମକରେ । ଗାଁ କଥା ସହରକୁ ଶୁଭୁନାହିଁ ।

ସହରର ହାଓ୍ୱା ନେଇ ଗାଁରେ ଅନ୍ଦୋଳନ ହେଉଛି । ପିଲା ଗୁଡ଼ାକ ବି ଅଙ୍ଗ ଢଢେଇଲେଣି ।

ପୁରୁଣା କଥା । ଏଇ ଘରର ବାପଗୋସାଁପେ ଯେବେ ତାଳ ଭରିବାର ଧନ ଯାଉଥିଲେ, ଧନ ଦଉଲତ ବୋହୁ ଆଣୁଥିଲେ, ସେ ଅଳ୍ପ ଇତିହାସ । ଇତିହାସ କହୁ ଗାଁ ଲୋକଙ୍କୁ ଭବିଷ୍ୟତ ଦେଖାଉ ନାହିଁ । ଏଇ ପିଲାଙ୍କୁ କଟକ ଦେଖାଇବା ଭାଗ୍ୟ ତ ବାଉଁଳା ବାପର ହେଲା ନାହିଁ । ରାଜ୍ୟ ତ ଗଲାଣି । ରାଜା ସିନା ବଦଳିଛନ୍ତି । ରେଳ, ଡାକ, ମଟର, ଟେବୁଲ, ଗାଡ଼ି, ଟିକସ—ସବୁ ବୋହିନେଲା ଗାଁରୁ ସହରକୁ । ସିପାହୀର ରକ୍ତରେ ସର୍ଦ୍ଦାର ଜମିଦାରୀ ଯେମିତି ପରି, ଏଇ ଗାଁ ଲୋକଙ୍କ ରକ୍ତରେ ସହରର ବେପାରୀଙ୍କର ରାଜତ୍ୱ ଚାଲିଛି । ପିଲାଙ୍କ ଚୋଡ଼ ଦରମରା ହୋଇ ପଡ଼ିଲାଣି । ସହରରେ ଲୋକଙ୍କର ଚିକ୍କଣ ଖସି ପଡ଼ୁଛି । ବେପାରୀର ପେଟ ମୋଟା ହେଉଛି । ଦୋକାନୀ ଭାରିଆ ନଟଖି ବହଳରେ ସେ ନ ବୋଲିଲେ ପଦାକୁ ବାହାରୁନାହିଁ । କଥା ଥିଲା-ବଣିକର ଅଧେ ଗୃହରେ, ଗୃହର ଅଧେ ଗୃହିଣୀରେ । କଟକ ଗୁଜରଅଙ୍କର ତେଜ ଆଗରେ ଗାଁର ଗୃହ ତାର ପୂର୍ବପୁରୁଷଙ୍କୁ ସ୍ମରଣ କରୁଛି ।

କଙ୍କାଳର ପରିବାର । ଜନ୍ମ ଦିନ୍ତାଙ୍କୁ ବି ଖାଇବାକୁ ଲୁଚିବ ନାହିଁ । ଘୃଣା କରିବେ—ରସ ନାହିଁ ବୋଲି । ଜାଂଲ ଡାକ୍ତରଙ୍କ ପ୍ରଧାନ ଚିକିତ୍ସା ହେଲା ଧନୀ ଲୋକଙ୍କୁ କମ ଖାଇବାକୁ ଉପଦେଶ ଦେବା ।

ପିଲାଙ୍କର କଲି । ବୋଡ଼ ବାହେଉଇଲାଣି । ରାଗଣ୍ଡା ବାଘ ଉପରେ । 'ଦଶହରା' 'ଦଶହରା' ହୋଇ ଏତେ ଦଶହରା ଗଲା ।

ଏଣିକି ଦଶହରାକୁ ଅଧାର ବସି ପାରିବ କି ନାହିଁ ; ସେତକ ଘ ଭାବିବାକୁ ପଡ଼ିବ । ଗୁଡ଼ୁଲ ଶିକାର କରିବାକୁ ଆସୁଛନ୍ତି ଲାଞ୍ଜୁଆ, ଟେଣ୍ଟିଗୀବନାଥ ଲୋକେ । ଛଣା ହୋଇ ଗ୍ଲାଲି ଯାଉଛି ବର୍ଷ କର ଅମଳ । ଲୋକେ ଚାଲିବେ ବାହନରେ । ଗିଅଯାଇ ଫେରାଇ ଆଣୁଛି ଭେଙ୍କଟେବୁଲକୁ । ସହର ଦେଖା ଏ ଜୀବନରେ ନୁହେଁ ।

ବାଘା ଭାବୁଥିଲେ ମହାଜନ ଦାଉ । ସବୁତ ବନ୍ଧା ପଡ଼ିଛି । ବୋହଁ ଉପରେ ନାଲିତାବିଡା ପର ସୁଧ ମାଡ଼ି ଆସୁଛି । ଦାନାପାଇଁ ଘରଣିହୁ ବନ୍ଧା ପଡ଼ିଲା—ସାହୁକାର ବାଡ଼େଇ ବାଡେଇ ନବ । ଘରବାଡ଼ିର ସନ୍ଧୁଟିକକ କଚେରୀରେ ଏ ହାତରୁ ସେ ହାତ କରିବ । ଘରବାରଟା ଯିବେ ଭଙ୍ଗ । ପିଲେ ପଙ୍ଗା ଟାଣିବେ । ହିଏ କାହୁଅକୁ ଯିବେ । କାହୁଅରୁ ବାହାରିଲେ ଭିକ ମାଗିବେ । ବାପା ବୋଉ ଗୁଳର ଗୁଳବାଣୀ ହେବେ । ସବୁ ସରିଲେ ମରିବେ ସଡ଼କ ଉପରେ ।

ନଈ ନେଉ କି ସାହୁକାର ନେଉ, କଟକ ଯିବା ପାଖେଇ ଆସିଲା । ଦିନକୁ ଦିନ କଟକର ଜମକ ବଢ଼ୁଛି । ଦଆଲୀ, ଦଶହରା ଯି ବର୍ଷ ଆସିବ; କର୍ଷକରେ ସହୁନାହିଁ । ବେଳଖଣ୍ଡି ଖିଅ ଲାଗିଛି ବୋଲି ଭାବିବାକୁ ସିନା ପଡ଼ୁଛି ।

‘ନାଇଁରେ ପିଲେ—କଟକ ଯିବା ସମସ୍ତେ ।’

# ଭଙ୍ଗାଡ଼ାଳ

ବାବୁଙ୍କ ବଦଳି ହୁକୁମ ଆସିଛି । ବରଗଡ଼ ଛାଡ଼ିବେ ଅଠଦିନ ପରେ । ବରଗଡ଼ର ଗୋଟିଏ ଭଡ଼ାଘରେ ଗୋଟିଏ ଛୋଟ ଚହଳ ପଡ଼ିଛି । ଆଉ ବରଗଡ଼ ଭଳି ଅପନ୍ତରିଆ ଜାଗାରେ ରହିବାକୁ ପଡ଼ିବ ନାହିଁ ବୋଲି ସ୍ତ୍ରୀ ବିନୋଦିନୀ ଖୁସି । ବଡ଼ପୁଅ ଗୋବିନ୍ଦ ତା ସାଙ୍ଗମାନଙ୍କୁ ଖବର କରିଦେଲା । ସାନଭାଇ ଗୋବିନ୍ଦର ଖୁସି ଦେଖି ନିଜେ ବି ଖୁସି ହେଲା । ସାନଝିଅ ମାଳା ଯିବାକୁ ମଙ୍ଗିଲା ନାହିଁ । ସମସ୍ତଙ୍କ ପାଖରେ ଫଟେଇ ହୋଇ ଖାଲି ବୁଝିଲା ଯେ, ସେମାନେ ଘର ଛାଡ଼ିବେ, ଆଉ ସେ ତାର ସାଙ୍ଗମାନଙ୍କୁ ଛାଡ଼ିବ । ତାର କଅଁଳ ଆଖିରେ ଲୁହ ।

ଟିକି ଗୃହିଣୀ ରତନୀ ମନରେ ସୁହାନ୍ତି । ବୟସ ବୁଢ଼ି ଢୋକ୍ରୀ ପାଖେ ଫାଙ୍କି କାନ୍ଦୁ ଅଣ୍ଟା ଲାଇଁଛି । ମୁଣ୍ଡର ଚମଗୁଡାକ ବୟସର ଭୋଡ଼ ସହ୍ୟ ନ ପାରି ଲୋଚ୍ଚୁ ଲୋଚ୍ଚୁ ହୋଇ ଯାଉଛି । ମୁଣ୍ଡର ଝୋଟିଆବାଳ ସଙ୍ଗରେ ମଝେଇ ଥମ୍ବଦାନ୍ତ ଦୁଇଟା ଧଳାହୋଇ ଆଗକୁ ବାହାରି ପଡ଼ିଛି ଓଠ ଭିତରୁ, ଗୃହବର୍ଷ୍ଭାଳ ବାବୁଙ୍କ ଘରେ ଚଳି ରୋଷାଏ ମାସ୍ଟା ଲାଗି ଯାଇଥିଲା । ସାନବୋଉ ମାଳି ରତନୀକୁ ଯେମିତି ଆଦର ପାଇଥିଲା, ରତନୀର ମାୟା ବି ଲାଗି ଆସିଥିଲା । ବଦଳି କଥା ସେ ବୁଝେ କଣ ? ବାବୁଆଣୀ ରତନୀର ମନ ଚାହୁଁଥିଲେ,—ସେ ବି ଯିବ ।

ମା ପଚାରନ୍ତି ‘କଣ ଭାବୁଛୁ କିଲୋ ରତନୀ ? ଆମ ସାଙ୍ଗରେ ଯିବୁ ? ତୋର ତ ହିଁଆ ବ୍ୟାଲି ଏଠି ଅଛନ୍ତି । ତେବେ ନଥିଲେ ଅବା ନେଇ ଯା ଆମ୍ଭ ସାଙ୍ଗରେ । ହଁ, ତୋର ବି ତ ଡର ଭାର ବଡ଼ଦେଶକୁ, ବଡ଼ଦେଶରେ ରୁ ମଲେ ଭୂତ ଖାଇ ତଳେ ଦେବ ସାରିବାକୁ ବସିଛି । ଯିବୁ ?” ରତନୀ କିଛି କହିଲା ନାହିଁ ।

ସାଆନ୍ତାଣୀ ସିନା ସାଙ୍ଗରେ ସମସ୍ତଙ୍କୁ ନେଇ ଉଠିବେ । ତାଙ୍କ ସାଙ୍ଗରେ ସେ ଭୋକିଲି ସମସ୍ତ ହେବ । ଜାନଯାନ ସଜାଡ଼ାରେ ଲାଗିଥାଏ । ଶିଳଚକି ବି ଯିବ ବୋଲି ଅଝା ଗୁଡ଼ା ହେଉଥାଏ । ରତନୀ ନିଜ ହାତରେ ଯେମିତି ସମସ୍ତଙ୍କୁ ବିଦାୟ କରିବାରେ ଲାଗିଥାଏ । ବେଳେ ବେଳେ ଛିଡ଼ା ହୋଇ ଲୁହ ଗଡ଼ାଏ । ମାଳିକୁ କାଖରେ ନେଇ ତାହାର ଖେଳସାଥି ଭଳି ପଚାରେ, ‘ଦେଇ, ଗୁଲିଯିବୁ ରତନୀକୁ ଛାଡ଼ି ? ମାଳି କହେ, ‘ନା’ ।

ଜଙ୍ଗଲ ସଙ୍ଗତା ନେଉଥିବେଳେ ଗୋଟାଏ ଭଙ୍ଗା ଦାନ୍ତୁଆ ଖଟ ରତନୀକୁ ମିଳିଲା । ତାହାର ଗୋଟିଏ ଗୋଡ଼ ଭଙ୍ଗା । ସେଥିରୁ ଭଙ୍ଗା ଗୋଡ଼ଟିକୁ ଉଠା ଦେଇ ହୋଇ ସେଇଟା ଗୋଟାଏ ବାଡ଼େ ପାଖରୁ ଖଟ ପରି ପଡ଼ିଥାଏ । ହେଇତ 'ଗୁରଣୀ ପଇସା ନେ, ଗୋଡଟା ଠିକ୍ କରେଇ ଦେବୁ, ଦରକାରବେଳେ କାମରେ ଲାଗିବ ।

'ନୂଆ ଲୁଗା ଖଣ୍ଡେ ମାଗିଥିଲୁ ଯେ, ଏ ଯେଉଁ କାଳ ହେଲା କିଣି ହେଉ ନାହିଁ । ଏ ପୁରୁଣା ଖଣ୍ଡକ ନେ, ମୁଁ ମୋଟେ ତିନିଥର ପିନ୍ଧିଛି ।'

ଗଲାବେଳେ ରତନୀ ଗାଡ଼ିଠାରୁ ଦୁଇହାତ ଦୂରରେ ଠିଆ ହୋଇଥାଏ । ତାହାର କୋଡ଼ିଆ ଆଖି ଦୁଇଟା ପାଣିରେ ପୂରିଯାଇ ଗୋଟିଏ ଗ୍ଲେଟ ଗାଡ଼ିଆ ପରି ଦିଶୁଥାଏ । ତାକୁ ଟଙ୍କାଟିଏ ବଢ଼େଇ ଦେଇ କହିଲେ, ଆମେ ଯାଉଛୁ ଲୋ ରତନୀ, ମନେ ପକାଉ ଥିବୁ ।'

ରତନୀର ଓଠ ଓ ସେଥିରୁ ବାହାରିବା ଦାନ୍ତ ଦୁଇଟା ଭିତରର କୋହରେ ଥରିଗଲା । ଗାଡ଼ି ଚାଲିଗଲା । ଗାଡ଼ି ଦିଶୁଥିବା ଯାଏ ରତନୀ ସେମିତି ଅଚଳ ଠିଆ ହୋଇଥାଏ । ଘରବାଲା ଆସି ରତନୀକୁ କହିଲା, ଘରଦ୍ୱାର ଝାଡ଼ି ଧୋଇଦେବାକୁ । ରତନୀ ମଜୁରି ପାଇବ ।

ରତନୀ ଘର ଭିତରକୁ ପଶିଲା । ଏ କଡ଼ ସେ କଡ଼ ବୁଲି କିଛି ପାଇଲା ନାହିଁ । ସେସବୁ ଘରୁ ଦାନ୍ତା ଫିଅଳ ଓ ହାଣ୍ଡିରେ ମୁଠାଏ ପଖାଳ ପାଇଲା । ସେତକ ଦ ରେଗଣାରେ ମାରିଦେଇ ଲଗାଇ ଝାଳକୁ ପୋଛି ବାଡ଼ ଆଡ଼କୁ ରତନୀ ଗଲା ।

ତାହାରେ କଷ୍ଟ ନାହିଁ । ସାଆନ୍ତାଣୀଙ୍କ ଉଦ୍ୟମରେ ସେଥିରୁ ରତନୀ ଧୋତିରେ ଶାଗ ପଠାଇ, ଯାହାରୁ ତାଙ୍କ ସବୁ ଅଣା ହୋଇ ଯୋଗେଇ ଦେଉଛି । ଟୋକେଇଟା ଟୁଙ୍ଗୁଙ୍ଗ ଲଟା ଉପରେ ଝୁଲେଇ ହୋଇ ପଡ଼ିଥା । ରତନୀ ତାକୁ ଓହ୍ଲାଇ ପକାଇ ଗୁଡ଼ ଛଞ୍ଚୁଙ୍ଗା ଛୁଇଁ ଅଣ୍ଟିରେ ପୂରାଇଲା । ପାଖ ଜଙ୍ଗଲରୁ ଗଛ ଡାଙ୍ଗାରୁ ସବୁ ସବୁ ବଡ଼ା ବେଇଖଣ୍ଡକୁ ଏକାଠି ଗୋଟିଏ ଶଡ଼ା କଲା ।

ସେଥିକି ରଖି ଦେଇ ଘରଦ୍ୱାର ସଫା କରି ବାବୁକୁ ଭାତ ଦେଖାଇଲା । ତା ପରେ ରତନୀ ଦାଣ୍ଡଞ୍ଚ ଶଠେ, ପୁରୁଣା ବଡ଼ାର ଶଡ଼ା, ଟୁଙ୍ଗୁଙ୍ଗ ଛୁଇଁ ଓ ଦୁଇଟି ହାଣ୍ଡି ସାଙ୍ଗରେ ସେଥିରୁ ଘରୁ ପାଇଥିବା କଡ଼ାଦାଣ୍ଡି ଦଶ ହାତ ନେଇ ନିଜ ଘରକୁ ଗୁଲିଲା ।

ଘରର ଦୁଆର ଫାଶ ଖୋଲି ରତନୀ ଭିତରକୁ ଗଲା । ତାହାର କିଛି ସମ୍ପତ୍ତି ବଞ୍ଚିଥିଲା ପରି ତାକୁ ଲାଗିଲା । ଭାବ ଫୁର୍ତ୍ତି ଥାଏ ।

ସେଦିନ ରତନୀକୁ ନିଦ ହେଲା ନାହିଁ । କେତେବେଳେ ଲୋକ ମନେପଡ଼ିଲେ । ତାକୁ ଭାରି ଏକୁଟିଆ ଲାଗିଲା—ତାର କେହି ନାହିଁ । କେବେ ଦିନେ ସେ ପିଲାପିଲି ନେଇ ଘର କରି ରହିଥିଲା । ତାହାର ପିଲାଙ୍କ ବାପା ତାକୁ ବଡ଼ ଯତ୍ନରେ ରଖିଥିଲେ । ରତନୀ ପରଘରେ ପାଇଟି କରିବା କଥା ମୋଟେ ଭାବୁ ନ ଥିଲା । ଏତେ ବଡ଼ ମରଦଟା ଲାଗି ଲାଗି ବରଷକରେ ଗୁଲିଗଲା । ରଖିଗଲା ଯୋଡ଼ିଏ ଛିଲା ।

କେଇ ମାସ ଯାଇ ପୁଅଟି ବି ତାହାରି ଯୋଡ଼ା ନିହାଇଗଲା । ବାପର ଜାଗ ପୁଅକୁ ହେଲା । ଅବଧାନ ଦେଇ କହୁଥିଲେ, ଅଞ୍ଜ ମୁଣ୍ଡେ ଯିବ । ଝିଅଟି ନେଇ ରତନୀର ସଂସାର । ପରର ଝିଦ୍‌ମତ୍

କେମିତି କହିବାକୁ ହୁଏ ରତନୀ ବୁଝି ନ ଥିଲା । ଧକ୍କା ଗାଲି ଖାଇ ଖାଇ ସେତକ ବୁଝିଲା । ଦରକାସୀ ଗୃହସ୍ଥଣୀ ହେବାକୁ ତାକୁ ଲାଗିଲା ତିନିବର୍ଷ । ଏଥିରେ ଯାହା ଅଟଣେ ମାଅ ଝିଅ ପଦେହେଁ ଚାଲି ଯାଆନ୍ତି । ସେଥିରୁ ବଞ୍ଚାଇ ଝିଅକୁ ଦେଇ କୋଡ଼ି ଟଙ୍କାର ଯାନ ଯଉତୁକ ଦେଲା । ରବ ରତନୀ ମନକୁ ବେଶ ପାଇଥିଲା । ମାସକୁ ଟଙ୍କାଏ ମପାଏ ଝିଅପିଲ୍ଲା ଖର୍ଚ୍ଚ କରେ ।

ଝିଅ ଜୋଇଁ ଏକାଠି ରହୁଥିଲେ । ପନ୍ଦରକର ଦୂର ବାଟ, ରତନୀ ଗଲେ ବଡ଼ ଆଦର ପାଏ । ଗ୍ଲେଟିଆ ନାତୁଣୀଟି ଅଣ୍ଟାବରେ ଅଣ୍ଟ ପାଖରେ,—ଭୂଜା ପାଇଁ, ଖଜା ପାଇଁ । କାମ ନ ଥିଲେ କି ଗୃହସ୍ଥି ନ ଥିଲେ ରତନୀ ଯାଇ ଝିଅଘରେ ଦିନେ ଓଳିଏ ରହୁ-ଅଛେ । ଘରକୁ ଏକା ସମୁଦୁଣୀ । ଦିହେଁ କେତେ ଗପ କରନ୍ତି । ଦନ୍ଦ୍ରର ସେତକ ସଙ୍ଖାଳି ।

ଠାକୁରାଣୀ ମାଡ଼ି ଆସିଲେ । ଗରିବ ଲୋକଙ୍କ ଉପରେ ତାଙ୍କର ବଡ଼ ଦୟା । ଆଗ ଗୋଟିଏ ନାତୁଣୀଟିକୁ ଉଠେଇ ନେଲେ । ତାକୁ ଖୋଜିବାକୁ ସମୁଦୁଣୀ ଗଲା ଯେ ଆଉ ଫେରିଲା ନାହିଁ । ରତନୀ ବଞ୍ଚି ରହିଲା ।

ରତନୀର ଝିଅ ଓ ଜୋଇଁ ତାଙ୍କର ଘରେ ରହିଲେ । କିନ୍ତୁ ରତନୀର ସବୁ ଭାଙ୍ଗି ଗଲା । ଖାଲି ସେଇ ପରଦାସୀ ଝିଅଟିକୁ ଲୁଞ୍ଚ । 'ଠାକୁରେ ତାକୁ ପରମାୟୁ ଦିଅନ୍ତୁ ।'

କି ଯୋଗରେ ରତନୀ ଏଠୁ ମାଟିକୁ ଆସିଥିଲା । ଯେଉଁ ଡାଳ ଧରିଛି ସେ ଡାଳ ଭାଙ୍ଗିଛି । କେତେ ବାଲୁ ଖର ଲୁଣ୍ଡୁଛି । ବୋହି

ବୋଧୁ ବୋଧୁ ରଜନୀର ଅଣ୍ଟା ଲଇଁଛି । ହିଁ ଅପାଇଁ ଭାବେ—ସବାଖାଲି ମାଙ୍କୁ କଣ ସଂଙ୍କୁଳା ଅଟେ ?

ସ୍ୱାମୀ ମରିବା ପରେ ରଜନୀ ଭାଇର ମୁହଁ ଖୋର ଥିଲା । ପରେ କହୁଥିଲେ ଫେଡ ଶୁଣାଏ । କେତେ ଜାଗାରେ ମୁହଁ ମାର ମାର ଭଲ ବାବୁ ଘରଟିଏ ପାଇଥିଲା ଶେଷକୁ ।

ସେ ବାବୁଙ୍କ ମା ବାତ୍ୟାରେ ପଡ଼ିଥିଲାବେଳେ ରଜନୀ ତାଙ୍କର ବହୁତ ସେବା କରିଛି ବୋଲି ସେ କହୁଥିଲେ । ରଜନୀର ଦୁଃଖ ବୁଝୁଥିଲେ, ରଜନୀ ପାଇଁ କାନ୍ଦୁଥିଲେ । ସେ ବି କେବେଠୁଁ ବରଗଡ଼କୁ ଗଲେଣି ।

ମାଲ ଦେଇ—ଲେଖାଣି କୋଉଁଠି ହେବେଣି ସାଆନ୍ତାଣୀଙ୍କ କୋଳରେ ଶୋଇ ପଡ଼ୁଥିବେ । ସାଆନ୍ତାଣୀ ବି ଶୋଇବେଣି । ଅବୁଝ ପିଲା କେତେ କଥା ଜିଜ୍ଞାସା କରୁଥିବେ । ରଜନୀ ଉପରେ ବଡ଼ ବାବୁଙ୍କର କେତେ ଭୋଡ଼ । ଗୃହିଣୀ ହେଲେ ବି ସେ କଣ ମିଠାକଥା ଖୋଜୁ ନ ଥିଲେ ? ସାଆନ୍ତାଣୀ କେଡ଼େ ଭଲ ମଣିଷ !

ଦରାଣ୍ଡି ଦରାଣ୍ଡି ଖଟଟିକୁ ଧରିଲା । ଦାଉଡ଼ି ପୋଡ଼ିଲା ହୋଇଯାଇ ଏଠି ସେଠି ଗାଡ଼ି ହୋଇ ଯାଇଛି । ପାଁସୁଡ଼ା ଦେଇ ଯାଇଛନ୍ତି । ଘରବାଲା ମନରେ ଟିକିଏ ବି ଦୁଃଖ ନାହିଁ । କେତେ ଟଙ୍କା ଭଡ଼ା ନେଇଥିବ । କହୁଥିଲା ବେଶି ଦାମରେ ଘରଭଡ଼ା ଲାଗିବ—ନୂଆ ବାବୁ କଣ ରଜନୀକୁ ଗୃହରେ ରଖିବେ ?

ରଜନୀ ସବୁ କାମ ଜାଣେ । ଜାଣିଛି ବୋଲି ଯେତେ କାମ ଶିଖିଛି ସେତେ ବିପଦ ବଢ଼ୁଛି । ଏକୁଟିଆ ରଜନୀ କାନ୍ଦୁଛି । ନିଦ ହୋଇ ଯାଉଛି ଜାଣି ନାହିଁ ।

ତହିଁ ଆରଦିନ ରତନୀ ସାଙ୍ଗେ ଯାଇ ବୁଲିଲି ଚାକିରୀ ଖୋଜି । ଚାକିରୀ ମିଳି ନାହିଁ । ସବୁଠେଇଁ ସେଇ ମ୍ଳେଚ୍ଛ କଳାପର ଭଡ଼େ ମୁଁ ସବୁ କାମ ଜାଣେ ବାବୁ—ପିଲାଙ୍କ କାମ, ଘରଓଳା, ବାସନ-ମଜା, ଗୁହାଳ ପୋଛା । ବଦଳି ବାବୁଙ୍କ ଘରେ ଥିଲି ତିନିବର୍ଷ । ବାବୁ ବଦଳି ହୋଇ ଗଲେ—ମତେ ରଖିବ ବାବୁ ଗୃହସ୍ଥରେ ?

# ସଂସାରର ସତ

ସମସ୍ତଙ୍କର ସେ ଓସ୍ତାଦ୍‌ଜୀ । ମାଷ୍ଟ୍ରପଣ ଗୀତ ଶିଖାଇବା ଲୋକର ଗୋଟିଏ ଶ୍ରେଷ୍ଠ ବିବରଣୀ । ତାଙ୍କର ଲେଖାପଢ଼ା ବେଶୀ ଏଣୁ ଗାଉଣା ବାଜଣାରେ । ସୁହବୋଲ ବର୍ଷ ବୟସ ମଧ୍ୟରୁ ସାଢ଼େ ତିନିକୋଡ଼ି ଏଇ ଗୀତ ଓ ବାଦ୍ୟ ଯନ୍ତ୍ର ଉପରେ ସେ କଟାଇ ଦେଇଥିଲେ । ତେଣୁ ବୁଢ଼ା ହେଲେ ବି ସେଇୟା ତାଙ୍କର ଖାଦ୍ୟ, ଜୀବିକା ଓ ଚିତ୍ତ-ବିନୋଦନ । ସେ କହନ୍ତି ତାଙ୍କର ବ୍ୟବସାୟ ଆନନ୍ଦ ମଜଲିସ୍‌ର ବ୍ୟବସାୟ, କିନ୍ତୁ ବ୍ୟବସାୟ କଲେ ସେଥିରୁ ଆନନ୍ଦ ମିଳେ କି ନାହିଁ, ଏକଥା ଜାଣିବା ଲୋକେ କହିବେ ।

ତାଙ୍କର ସବୁ ଧଳା । ମୁଣ୍ଡଅଡ଼ୁ ଗୃହୁଁଲେ ମୁଣ୍ଡର ବାଳ, ମୁହଁର ନିଶ-ଦାଢ଼ି, ଲୁଗା କୁର୍ତ୍ତାରୁ ଗୋଡ଼ର ଧଳା ରବର ଯୋତା-ଯାଏ ସବୁ ଧଳା । ଦେଖିଲେ ମନେହୁଏ ଗଛଟିଏ ଧଳା ଫୁଲରେ ପୂରି ରହିଛି । ଫୁଲଗୁଡ଼ାକ ଝଡ଼ିବେ ବୋଲି ପାଚି କରୁଛନ୍ତି । ସେ ନିଜେ କହନ୍ତି 'ବୁଢ଼ାହେଲି, ଆଜିକାଲି ଝଡ଼ି ପଡ଼ିବି' । ଅନେକ ଦାନ ବହିଁଲେଣି ପରା । ଦେଖିଲେ ଦୃଷ୍ଟି ଯେପରି ହଜିଯାଏ । କେବେ ବେସ କରୁ ହୋଇଥିଲେ କେଜାଣି ।

ପୃଥିବୀ ତାହାର ଇତିହାସ ଲେଖେ । ମଣିଷ ମଧ୍ୟ ଲେଖେ । ସେ ସେତାର, ହାରମୋନିୟମ୍, ବେହେଲା, ତୁଳ ତବଲା ଉପରେ ତାଙ୍କର ଶ୍ରେଷ୍ଠ ଜୀବନର ଇତିହାସ ଲେଖିଥିଲେ । ଦେହରେ ଯୋଉମାର ଘାତ ଚିହ୍ନପରି ଅନେକ ଚିହ୍ନ ସେ ଭୂଷଣ ପରି ରଖୁଥିଲେ । ଡାହାଣ ହାତର ଚାରି ଆଙ୍ଗୁଠିର ବଣ୍ଡିକ ଚାହିଁଲେ ଯେ କେହି କହିବ ଯେ ସେ ଜଣେ ଓସ୍ତାଦ୍ ।

ସେତାର ବଜାଇ ବସିଲେ ଘଣ୍ଟାଘଣ୍ଟା ଧରି ନିଜକୁ ପାସୋରି ଯାଆନ୍ତି । ଆଜି ଦୁଇଟା ସ୍ୱପ୍ନ ରାଜ୍ୟରେ ସେ ତାଙ୍କୁ ଖୋଜୁଥାଏ । ବାଁ ହାତ ଯନ୍ତ୍ର ଉପରେ ଆଙ୍ଗୁଳି ଚଢେରେ ଚାଲେ । ନିର୍ଜୀବ ତାରଗୁଡ଼ାକ ଜୀଇଁ ଉଠେ । ଶୁଣିବା ଲୋକ ଦଙ୍ଗହୁଏ ବସିଯାଏ । ଓସ୍ତାଦ୍‌ଜୀ କହନ୍ତି ଯେ, ପିଲାଦିନେ ସେତାରରେ ପଦ୍ମତାଳା ରାଗିଣୀ ବଜାଇଲେ ସାପ ଆସି ଶୁଣୁଥିଲା । ଏବେ ନିଷ୍ଠା କମିଯିବାରୁ ସେ ସବୁ ସମ୍ଭବ ହେଉନାହିଁ ।

ଏବେ ତାଙ୍କର ଗୋଟିଏ ଅନୁତାପ ଯେ, ତିନିକୋଡ଼ି ପାରି ହୋଇ ବାହ୍ନିଁକି ଆଉଥରେ ନିକା କଲେ । ଅନେକ ସମୟରେ ଚୁପହୋଇ ସେ ବସି ରହୁଥା'ନ୍ତି । ବୋଧହୁଏ ସ୍ତ୍ରୀର ମୁହଁ ଆଖି ଆଗରେ ଭାସି ଉଠେ । ସେଥିରେ ସ୍ତ୍ରୀର କଷ୍ଟ ଦେଉଛନ୍ତି କି ନାହିଁ ଜଣାନାହିଁ, କିନ୍ତୁ ତାଙ୍କର ମୁହଁ ଶୁଖିଯାଏ ।

ଅନ୍ୟମନସ୍କ ଥିଲାପରି କାନ ମୋଡ଼ିହୋଇ ଗୁଣୁଗୁଣୁକରି କହନ୍ତି, 'ଜୀବନରେ ଏମିତି ଭୁଲ ଆଉ କରିବ ନାହିଁ ।'

ପ୍ରଥମ ଦୁଇ ସ୍ତ୍ରୀର ପିଲାମାନେ ଅଛନ୍ତି, କିନ୍ତୁ ମା'ମାନେ ମଲେଣି । ଶେଷ ସ୍ତ୍ରୀର ପିଲା ନାହିଁ । ସାବତମା ଓ ପିଲାଙ୍କ କଳି

ଅନେକ ସେ ଲୁଟାଇଛନ୍ତି । ତାଙ୍କର ମୁଣ୍ଡର ଧଳାବାଳ ଧଳାଦାଢ଼ି, ଧଳାପୋଷାକ ଓ ଧଳାଟୋପି ଭିତରେ ଏହା ଗୋଟିଏ କଳାଦାଗ । ସେତକ ସବୁ ବୁଡ଼ାଇ ଦିଏ ।

ତାଙ୍କର ଗୋଟିଏ ଖିଆଲ ହେଲା ଯେ ସ୍ତ୍ରୀ ପାଇଁ କିଛି ରଖିଯିବେ—ଟଙ୍କା ବଳୁନାହିଁ । ସେ ଭଲ ଖାଆନ୍ତି । ଜୀବିକା ହେଲା ଟିଉସନ; କିନ୍ତୁ ଟଙ୍କାଦେଇ ଗୀତ ଶିଖିବା ଲୋକ କମି ଆସୁଛନ୍ତି । ଗୀତ ଶିଖାଇବା ଲୋକ ବଢ଼ିବାରେ ଲାଗିଲେଣି । ତାଙ୍କର ଛାତ୍ରମାନେ ଓସ୍ତାଦ୍ ସାଜିଗଲେଣି ।

ହଠାତ ପୋଷାକ ସବୁ ଗେରୁଆ କରିଦେଲେ । ଆଉ ଧୋବା ଖର୍ଚ୍ଚ ହେବ ନାହିଁ । ରିକ୍ସାରେ ନ ଯାଇ ଚାଲିକରି ଗଲେ । ବେଳେ ବେଳେ କରୁଥିବା ଦାନ ଖଇରାତ ବନ୍ଦ କରିଦେଲେ କିନ୍ତୁ ମନ ମାନିଲା ଭଳି କିଛି ସଞ୍ଚୟ ହେଲାନାହିଁ ।

କିନ୍ତୁ ଧର୍ମରେ ତାଙ୍କର ବିଶ୍ୱାସ ଅଟଳ । ନମାଜ ପଢ଼ିବା ସମୟ ଅଧିକରୁ ଅଧିକ ହେଲା । ଗୀତ ଶିଖାଇବା ଫାଙ୍କରେ ନମାଜ ପଢ଼ିବାକୁ ଉଠିଯାଆନ୍ତି । ନମାଜ କଲାବେଳେ ପିଲାମାନଙ୍କୁ ନୂଆ ପ୍ରକାରର ଲାଗେ । ହିନ୍ଦୁଘରର ପିଲାମାନେ ଜାଣନ୍ତି ନାହିଁ । ନଡ଼ନ୍ତି ଚୁପରେ ବସି ଝିମେଇ ଢୁଳେଇ ହେଉଥାନ୍ତି । ମନେ ମନେ ଭୁଲ ତାନଟିର ସମା କରନ୍ତି । ଗୋଳମାଳ ନ କମିଲେ ଆଖିଖୋଲି ଲାଲ ଆଖି ଦେଖାଇ ଦୁଷ୍ଟାମି କରୁଥିବା ପିଲାକୁ ହାତଠାରି ପାଖକୁ ଡାକନ୍ତି । ଜୋରକରି ପାଖରେ ବସାଇ ପୁଣି ନମାଜରେ ମନ ଦିଅନ୍ତି ।

ନମାଜ ସରିଲେ ପିଲାଟିକୁ କୋଳକୁ ନେଇ ପଚାରନ୍ତି 'ବାବୁ, ପାଠ ପଢ଼ୁଛୁ ? କଣସବୁ ପଢ଼ିଲୁଣି ?' ଏତେବଡ଼ ମଣିଷଟାଏ ପଚା

କଥା ପଚାରିବାରୁ ପିଲାର ମନ ଜୁଟେ, ମୋଟ ହୋଇଯାଏ । ସେ କହେ ପ୍ରଥମ ପାଠ, ଦ୍ୱିତୀୟ ପାଠ, ପଣକିଆ । ତାର ଉତ୍ତରରେ ବାଧାଦେଇ ସେ ପଚାରନ୍ତି 'ସେରେ ତୁଳା ବେଶୀ ଓଜନ ନା ସେରେ ଲୁହା ବେଶୀ ଓଜନ ? ପିଲା କହେ ବଡ଼ ପାଟିକରି 'ଲୁହା ବେଶୀ' । ଓସ୍ତାଦ୍‌ଜୀ ହସି କହନ୍ତି 'ଭୁଲ, ଭୁଲ—ସମାନ' ।

ପିଲା ଧାଇଁଯାଏ ଲୁହା ସେରଟା ଧରି ଆଣିବାକୁ । ପୁଣି ଗୀତ ଶିଖାଇବାରେ ଲାଗନ୍ତି । ପିଲାଙ୍କର ଏହି ଅଭ୍ୟାସରେ ଏହି ପ୍ରକାରର ପ୍ରଶ୍ନ ଉତ୍ତର ଗୀତ ଶିଖାଇଲା ପରି ଗୋଟାଏ ଛନ୍ଦରେ ପଡ଼ିଥାଏ ।

ଓସ୍ତାଦ୍‌ଜୀ ଅନେକ ଦିନ ଅଛିଲେ ନାହିଁ । ସପ୍ତାହର ଦୁଇଦିନ ତାଙ୍କ ପାଳି । ଜଣାପଡ଼ିଲା ଓସ୍ତାଦ୍‌ଜୀଙ୍କର ଦେହ ଭଲ ନାହିଁ । ତଥାପି ମାସ ଶେଷରେ ଦରମା ସେ ପାଇଗଲେ । କିନ୍ତୁ ଅନେକ ଦିନ ହୋଇଗଲା । ଶେଷକୁ ଦେହ ଭଲ ହେଲା । ବାଇହୋଇ ଦେହ ପ୍ରାୟ ଅଚଳ ହୋଇଗଲା । ଗୋଟାଏ ପାଖ ଟିକିଏ ଟିକିଏ ଚଳେ । ତାଙ୍କୁ ଚିହ୍ନିଥିବା ଲୋକେ ଓ ଆଦର କରୁଥିବା ଲୋକେ ବଡ଼ ଦୁଃଖ କଲେ ।

ଧାର୍ମିକ ଲୋକେ ମଧ୍ୟ କଷ୍ଟ ସହନ୍ତି । ଦେହ ଶୁଖିଯାଇଛି, ଜିଭ ଭିତରକୁ ଟାଣିହୋଇ କଥା କୁହାଇ ଦେଉନାହିଁ । ଠାରିଲେ ଅଳ୍ପ ବୁଝାଇ ପାରନ୍ତି । ବୋଧହୁଏ ସ୍ତ୍ରୀ ପାଇଁ ରଖିଥିବା ପାଣ୍ଠି ସାରିଦେଇ କିଛି କରଜ କରି ଯାଇଛନ୍ତି । ଗୀତ ଶିଖାଇ ପାରିବେ ନାହିଁ । ତେଣୁ ରୋଜଗାର ବନ୍ଦ । ରୋଗୀ ହୋଇ ସେବାରେ ପଇସା ଖର୍ଚ୍ଚ କରିବେ ।

ନିଜ ଉପରୁ ବିଶ୍ୱାସ ତୁଟିଗଲା । ବଞ୍ଚିବାପାଇଁ ଭିକ୍ଷା ମାଗିବା ଦରକାର ହେଲା । ପ୍ରଥମଥର ମାଗିବାପାଇଁ ବାହାରିଲା ବେଳକୁ

ଆଖିରୁ ବହୁତ ପାଣି ଗଡ଼ୁଥିଲା । ତଥାପି ପୁଅକୁ ସାଥିରେ ଧରି ଘଣ୍ଟେ ଗାଡ଼ିରେ ଘର ଘର ବୁଲିଦେଲା । ଅନେକ ପରିଚିତ ଲୋକ । ଆଶାଥିଲା ଅଚଳ ହେବନାହିଁ ।

ନୂଆ ପୁରୁଣା ପିଲାଙ୍କୁ ଦେଖିଲେ ବହୁତ କଷ୍ଟରେ ଖନେଇ ଖନେଇ କହନ୍ତି ନିଜ ଦେହ କଥା । ହାତଠାରି ସେତାର ବଜେଇବାକୁ ଅନୁରୋଧ କରନ୍ତି । ନୂଆପିଲା ଓ ଶିଖୁଥିବା ପିଲା ପାଠ ଭୁଲିଯାଉଛନ୍ତି କି ନାହିଁ ପରଖିବାକୁ ଓ ମାଗିବାର ପଢ଼ଆଇ ଦେଖେଇବାକୁ ଏତକ କରନ୍ତି । ଆଖି ଆକାଶ ଅଡ଼େ । ଆଶୀର୍ବାଦ କରିବାକୁ ହାତ ଲେଉଟୁଛି ନାହିଁ ।

ଏମିତି କଟୁଦିନ ଗଲା । ତାଙ୍କର ଦେହ ଖଣ୍ଡି ଖଣ୍ଡି ଆସୁଥାଏ । ଦେଖା ଲୋକଙ୍କର ଦେଖା ପ୍ରବୃତ୍ତି ମଧ୍ୟ କମି ଆସୁଥାଏ । ହୁସ୍ତାମି କରୁଥିବା ପିଲାମାନେ ତାଙ୍କ ପାଖରେ ମୂଲ୍ୟହୀନ ହୋଇ ଆସୁଥାନ୍ତି । ପିଲାମାନଙ୍କ ଆଖିରେ ସେ ଧନକୁ ଦାନ ଗୋଟିଏ ଖାଲି ମଣିଷ ହୋଇ ରହିଯାନ୍ତି ।

ଲୋକଙ୍କର ଚିରନ୍ତ ବଢ଼ି ଆସିଲାବେଳକୁ ଥରେ ସେ ଗଣ୍ଟେ କାଗଜରେ ଲେଖେଇଆଣି ଦେଖାଇଲେ । ସେ ଯାହା ଦରମା ପାଉଥିଲେ, ତାହାର ଚଉଠ ପ୍ରତିମାସରେ ତାଙ୍କର ସ୍ତ୍ରୀ ପାଇବ । ଏତକି ଆଶ୍ୱାସ ପାଇଲେ ସେ ଆନନ୍ଦରେ ଆଖି ବୁଜିବେ ।

ଚିରନ୍ତକୁ ଚୁପି ଶୀଘ୍ର କାମ ଶେଷ କରିବା ପାଇଁ ଲୋକେ ହଠାତ୍ ସକ୍ରିୟ ହୋଇଯାନ୍ତି । ସେତିକି ଓସ୍ତାଦଙ୍କୁ ବିଶ୍ୱାସ ଗଲା । ସେ ଆଖାଙ୍କୁ କୃତଜ୍ଞତା ଜଣାଇ ଘର ଘର ବୁଲି ଫେରିଗଲେ । ମନରେ

ଆନନ୍ଦ ଯେ, ତାଙ୍କର ପ୍ରାର୍ଥନା ପୂରଣ ହୋଇଛି । ସେ ନମାଜ ପଢ଼ିବେ ।

ନମାଜରେ ବସିଲେ । ସେଇଟି ଶେଷ ନମାଜ । ଭଗବାନଙ୍କ ଠାରେ ନିଶ୍ୱାସ ଛୁଟିବା ପୂର୍ବରୁ ସେ ଚାଲି ଯାଇଥିଲେ । ସଂସାର ମଣିଷ ତାଙ୍କୁ ଭୁଲିଯାଇ ଥିଲା, କିନ୍ତୁ ଭଗବାନ ନାହିଁ ।

# ପରଚୟ

ହିନ୍ଦୁ ବିଶ୍ୱବିଦ୍ୟାଳୟର ବାଳିକା ହଷ୍ଟେଲରେ ଯେମିତି ସାରା ଭାରତ ଆସି ଠୁଳ ହୋଇଯାଏ । ସବୁ ପ୍ରକାରର ଭାଷା, ବେଶଭୂଷା ଓ ବ୍ୟବହାରର ଗୋଟିଏ ବିଚିତ୍ର ଖେଚୁଡ଼ି । ସେଥିରେ ନୂଆ କରି ବୋର୍ଡିଂରେ ରହୁଥିବା ଲୋକର ଅସୁବିଧା ନ ହେଲେ ବି ଅଡୁଆ କଥା ଅନେକ ରହେ ।

ନୂଆ ପିଲାଟିଏ ଆସିଲେ ତାହା ସାଙ୍ଗରେ ପରିଚିତ ହେବାକୁ କେହି କେହି ଚେଷ୍ଟା ନେ ନ କରନ୍ତି ତାହା ନୁହେଁ । ପୁରୁଷମାନଙ୍କ ମଧ୍ୟରେ ପରସ୍ପରର ବ୍ୟବଧାନ କମ ହେବା ଯେତିକି ସହଜ, ସ୍ତ୍ରୀମାନଙ୍କ ମଧ୍ୟରେ ସେତେ ସହଜ ନୁହେଁ; କାରଣ ଏଠି କେହ ଯାହା ହାତରେ ତଉଦପା । ପ୍ରତ୍ୟେକ ନିଜ ନିଜର ପଦମର୍ଯ୍ୟାଦା ଜଗିବାକୁ ଚେଷ୍ଟା କରନ୍ତି ।

ଏମିତି ଗୋଟିଏ ପିଲା ପୁଷ୍ପା । ନୂଆ ଆସିଥାଏ । ବେଶୀ ଲୋକ ଗହଳକୁ ଆସେ ନ ଥିବାରୁ ଟିକିଏ ଛାଡ଼ ଛାଡ଼ ହୋଇ ରହେ । ସେ କମିତି ଜାଣିବ ଯେ ତାହାକୁ ମେରୀ ଖୋଜୁଛି ଆଳାପ କରିବାକୁ ପୁଷ୍ପ କୁଆଡ଼େ ଦେଖିବାକୁ ମେରୀର ଜଣେ ବନ୍ଧୁ ଅଣ୍ଡ୍ରାଲ ପରି । ଅଣ୍ଡ୍ରାଲ ମେରୀକୁ ଭାରି ସୁଖ ପାଉଥିଲା ।

ଗୋଟିଏ ମନୋହାରୀ ଦୋକାନ । ପୁଷ୍ପା କିଣା କିଣିବାପାଇଁ ସେ ଦୋକାନରେ ଥିଲାବେଳେ ବଡ଼ପାଟିରେ କଥାଭାଷା ହୋଇ ଦୁଇଟି ଦକ୍ଷିଣୀ ଝିଅ ଦୋକାନ ଭିତରକୁ ପଶି ଆସିଲେ । ତାଙ୍କ ଭାଷା ନୂଆ । ପୁଷ୍ପ ଚାହିଁ ଦେଖିଲା ଯେ, ଜଣେ ପୁଷ୍ପ ଆଡ଼କୁ ଡାହାଣ ହାତର ବଢ଼ି ଅଙ୍ଗୁଠିଟା ଦେଖାଇ କଣ କହିଦେଲା । ଯେତେବେଳ-ଯାଏ ପୁଷ୍ପ ରହିଲା, ଏହି ବନ୍ଧୁ ଦୁଇଟି ସେମିତି ପୁଷ୍ପକୁ ଚାହିଁବା, ଅଙ୍ଗୁଠି ଦେଖାଇବା ଓ ତା ବିଷୟରେ ତର୍କରେ ଲାଗି ରହିଥିଲେ ।

ପୁଷ୍ପ ପଳାଇ ଆସିଲା—'କି ଅଭଦ୍ର ଏ ଲୋକଗୁଡ଼ାକ । ଶିକ୍ଷିତଲୋକ ନ ହୋଇ କି ଏହି ପ୍ରକାର ଅଭଦ୍ର ବ୍ୟବହାର ବିନା କାରଣରେ ଦେଖାଇ ପାରନ୍ତି !' ଓଠ କାମୁଡ଼ି ଲାଜ ଓ ବିରକ୍ତି ଚାପି ପଳାଇ ଗଲାବେଳେ ଜଣେ ଟିକିଏ ହସି ପୁଷ୍ପ ଆଡ଼କୁ ଚାହିଁଥିଲା, 'ଢେଢେସୁଗର ବନ୍ଧୁଟିଏ !' ମୁହିଁ ବୁଲାଇ ପୁଷ୍ପ ପଳାଇ ଆସିଲା ବୋର୍ଡିଂକୁ ।

ବୋର୍ଡିଂରେ ବେଳେ ବେଳେ ସେହି ଝିଅଟିକୁ ଦେଖେ । ସେହି ଦୋକାନରେ ଅଙ୍ଗୁଠି ଦେଖାଇ କଣ ଠାରିଥିଲା । ଦୋକାନରୁ ବାହାରି ଆସିଲାବେଳେ ତାହାକୁ ଚାହିଁ ହସିଥିଲା । ବୋର୍ଡିଂରେ ସେ ଥାଏ । କୌତୂହଳ ଦେଖାଇ ତାହା ବିଷୟରେ ଖବର ସଂଗ୍ରହ

ଢଷବାଙ୍କୁ ପୁଷ୍ପକୁ ଭଲ ଲାଗେ ନାହିଁ । ତଥାପି ଏକ'ଠି ରହିଥିବାରୁ ବଗିଚାରେ ବୁଲାବୁଲିବେଳେ, ସାଧୁଆଡ଼ୁ ଗଳ୍ପ ଶୁଣିଲା ବେଳେ ଅନେକଥର ସେ ଭେଟ ପଡ଼େ ।

ପୁଷ୍ପକୁ ବେଶ ଲାଗେ । ବଦମାସ ପିଲାଟା । ସବୁଠି ଆସି ଆଗରେ ପଡ଼ୁଛି । ଏହାଛଡ଼ା ଅନେକ ପ୍ରକାରର କଥା କହେ । ଏହି ପିଲାଟାର 'ଭଲ୍ଲକଡା । ଗୋଟାଏ ମଟର ଚଢ଼ି ଆସିଥିଲା । ରେଲରେ ବସିବାକୁ ଡରେ । ମାଛ ଖାଏ, ମାଂସ ଖାଏ ନାହିଁ; କୁକୁଡ଼ା ଦେଖିଲେ ଡରେ । ରାତି ଗୁରୁଟାରୁ ଉଠି କଣ ମନ୍ତ୍ରପାଠ କରେ । ଆଉ ଚୁପ କରି କହେ—ଟିକିଟା ଅଲକ୍ଷଣୀ ।

ପୁଷ୍ପ ମନେ ମନେ ରକ୍ତମୁଖ ହୋଇ ରୈତେଇ ହେଲେ ବି କିଛି ଉପାୟ ନ ପାଇ ସବୁ ସହେ । କାନରେ ଗଣ୍ଠି ପକାଇ କହେ—'ମୁଁ ଅଲକ୍ଷଣୀ ।'

ରନ୍ଧାଘର ପାଖରେ ଥିବା ଦୋ'ମହଲା ଗୋଟିଏ ବଖରାରେ ସେ ରହେ । ସେଠୁ ଖାଇବା ଘରଟା ଝରକା ଭିତର ଦେଇ ପୁଷ୍ପ ଦେଖେ । ମେସ୍ତ ତାହାର କୋଠରୀରୁ ଖାଇବା ଘର ଆଗରେ ଜମା ହୋଇଥିବା ଜୋତାସବୁ ଦେଖି ତାହାର ସାଙ୍ଗ ସାଥି ଭିତରୁ କିଏ ଆସିଛି, ନ ଆସିଛି, ଜାଣିନିଏ । ସେଇଠୁ ସେ ଜାଣେ, ପୁଷ୍ପ ଆସିଛି କି ନାହିଁ । ଗୋଟିଏ ଗୋଟିଏ ହୋଇ ଆସି ପହଞ୍ଚେ । ପୁଷ୍ପ ବସିଥିବା ଧାଡ଼ି ସାମନାରେ ଜାଗା ଥିଲେ ବସେ । ଦୁଇ ଧାଡ଼ି ହୋଇ ଝିଅମାନେ ବସନ୍ତି । ସାମନା ଧାଡ଼ିରେ ଜାଗା ନ ଥିଲେ ମେସ୍ତ ଅପେକ୍ଷା କରେ । ପଛରେ ଖାଏ ।

ମେସ୍ତର ଘର ମାଳବାର, ଶ୍ୱଶୁରଘର ହାଇଦରାବାଦ । ଦୁଇବର୍ଷ ହେଲା ବାହା ହୋଇଛି । ସେଠି ବୋର୍ଡ଼ିଂରେ ତାଙ୍କୁ ସମସ୍ତେ ସୁଖୀ ପାନ୍ତି, କିନ୍ତୁ ଖାଇବାଘରେ ସେ ଯେତେ ଲଜ୍ଜା କରେ, ଆଉ ଯେତେ ଖାଏ, ଦେଖିଲେ ଯେ କୌଣସି ଲୋକ ଚିଡ଼ିବ ।

ଦିନେ ଦିନେ ଗୋଟାଏ ବଡ ଠେଙ୍ଗା ସାଥିରେ ନେଇ ଆସିଥାଏ । ଶିକ୍ଷୟିତ୍ରୀମାନେ ତାଙ୍କୁ ପରଖିବାରେ ହେଳା କଲେ, ସେହି ଠେଙ୍ଗାଟାରେ ତାଙ୍କ ପିଠିକୁ ବେଢ଼ି ଦିଏ । ଦିନେ ଖାଉଥିଲା-ବେଳେ ସାମନାରେ ମେରୀ ବସିଥିବା ଧାଡିର ପୁଷ୍ପର ଜଣେ ବନ୍ଧୁ ପୁଷ୍ପକୁ କହିଲା ଯେ, ସେ ଲୋକଙ୍କ ସ୍ନେହକୁ କେଶ ଡର କରେ— ମେରୀ ପୁଷ୍ପ ସାଙ୍ଗରେ ପରିଚିତ ହେବାକୁ କେତେ ଚେଷ୍ଟା କଲଣି ।

ପୁଷ୍ପ ମୁହଁ ଦେଖିଲା, ମେରୀର ବଳିଷ୍ଠ ଦେହ ଉପରେ ଆଖି ଦେଲା ଯେପରି ମେରୀର ମୁହଁ ଲଜ୍ଜାରେ ଥାଳି ଉପରକୁ ଝାଙ୍ଗିଲା ପଡିଲା । ପରେ ପୁଷ୍ପ କହିଲା ଯେ, ସେ ଏତେ ଶସ୍ତା ନୁହେଁ ।

କେତେଦିନ ପରେ ଥରେ ଗୃହସ୍ୱାମିନୀ ପିଇବା ପାଣି ନଷ୍ଟପାଉ ନ ଥିଲା । କଳ ଖରାପ ହୋଇ ଯାଇଥିଲା । ତରକାରିରେ ଲୁଣ ବେଶୀ ହୋଇ ଥିବାରୁ ପିଲାମାନେ ପାଣି ଖୋଜିଲେ । ମେରୀ ତାହାର ଠେଙ୍ଗାରେ ଭେଣ୍ଡି ଗୃହସ୍ୱାମିନୀକୁ ଛୁଇ ଗଲାପରେ ପାଣି ଆଣିବାକୁ ତାର ବନ୍ଧୁକୁ ପଠାଇ ଦେଲା । ପାଣି ଆସିବା ପରେ ସେ ଗୋଟିଏ ଗ୍ଲାସ ନିଜେ ରଖି ଆଉଟି ପୁଷ୍ପକୁ ଦେବାକୁ ଠାରି ଦେଲା । ଏଥିଭିତରେ ନିଜ ଗ୍ଲାସଟିକୁ ଅନ୍ୟ ଜଣେ ନେଇ ଯିବାରୁ ପୁଷ୍ପକୁ ଦିଆ ହୋଇଥିବା ଗ୍ଲାସଟି ପୁଷ୍ପ ଫେରାଇ ଦେବାକୁ ଗଲା । କିନ୍ତୁ ମେରୀର ଗୁହାଣୀ ଭିତରେ ସ୍ନେହ ଓ କ୍ରୋଧ ଦେଖି ପୁଷ୍ପ ଗୋଟିଏ ଅବାଧ ପିଲା ବାଂଧି ହେଲାପରି ଚୁପ ହୋଇ ଗ୍ଲାସଟି ନେଲା ।

ପ୍ରତିଦିନ ଖାଇଲାବେଳେ ମେରୀ ତାହା ସାଙ୍ଗରେ ଅଙ୍ଗୁର ବୋତଲଟା ଆଣିଥାଏ । ଗୋଟିଏ ସାଙ୍ଗକୁ ଦେଖି ଠାରିଦିଏ, ପୁଷ୍ପ ଥାଳିରେ ଟିକିଏ ଅଙ୍ଗୁର ଦେବ ପାଇଁ । ପୁଷ୍ପ ମନା କଲେ ଆଲୋଚନା ଆରମ୍ଭ ହୁଏ ଯେ, ପୁଷ୍ପ କାହିଁକି ଅଙ୍ଗୁର ଖାଏ ନାହିଁ । ଅଙ୍ଗୁର ଓ ପୁଷ୍ପ ଏକାଠି ହୋଇ ସେଦିନର ଖାଇବା ମଝିରେ ଗାଳି ଓ ତର୍କର ବିଷୟ ହୁଅନ୍ତି ।

ବାଧ୍ୟ ହୋଇ ପୁଷ୍ପ ହସେ । ମେଘା ଖୁସି ହୁଏ । ତାହାର ଉତ୍ପାତ ପୁଷ୍ପ ପାଖରେ ହୁଏ ନାହିଁ । ମେଘା ଭାବେ ତାର ବଡ଼ ଅଣ୍ଡ୍ରାଲି ଚାଲିଗଲା ପରେ ସେ ପୁଷ୍ପକୁ ପାଇଛି ।

ଅଣ୍ଡ୍ରାଲି ଘର ର ମହୀଶୂର । ପଢ଼ିବାକୁ ଆସି ଅଣ୍ଡ୍ରାଲ ସାଥିରେ ମେଘାର ଚିହ୍ନା । ହଷ୍ଟେଲରେ କେହି କପି ଖାଆନ୍ତି ନାହିଁ, ଏକା ଅଣ୍ଡ୍ରାଲକୁ ଛାଡ଼ି । ମେଘାର କପି ନ ହେଲେ ଚଳେନାହିଁ । ଗୁ ଦେଖିଲେ ତାକୁ ବିରକ୍ତ ଲାଗେ । ଏହି ଅସୁବିଧା ଭିତରେ ଅଣ୍ଡ୍ରାଲ ସାଥିରେ ପରିଚୟ ହୋଇଥିଲା ।

ଅଣ୍ଡ୍ରାଲ ମେଘାର ବଡ଼ ଭଉଣୀ ପରି ଥିଲା । ମେଘାକୁ ଭଲ ଜାମା ବୁଣିବା ଶିଖାଇ ଥିଲା, ନ ପଢ଼ିଲେ ଗାଳି ଦେଉଥିଲା, ଦେହ ଖରାପ ହେଲେ ରାତି ଅନିଦ୍ରା ହୋଇ ସେବା କରୁଥିଲା ।

ପରୀକ୍ଷା ବେଳେ ରାତିଅନିଦ୍ରା ହୋଇ ପଢ଼ିବା ପାଇଁ କଫି ତିଆରି କରିବା ଦରକାର ପଡ଼େ । ମେଘା ପୂର୍ବବର୍ଷ ଅଣ୍ଡ୍ରାଲକୁ ପରୀକ୍ଷା ବେଳେ କପି ଯୋଗାଇ ସାହାଯ୍ୟ କରିଥିଲା । ଅଣ୍ଡ୍ରାଲ କହୁଥିଲା, ମେଘାର ପରୀକ୍ଷା ବେଳେ ର ସେମିତି କଫି ଯୋଗାଇବ, କିନ୍ତୁ ଅଣ୍ଡ୍ରାଲ ଆସିଲା ନାହିଁ, ଚାକିରୀ କଲା ।

ଅଣ୍ଡ୍ରାଲ ଓ ମେଘା ଉଭୟଙ୍କର ଗୋଟିଏ ଭଲ ଗୁଣ ଥିଲା ଯେ ତାହାର ଦେହ ଖରାପହେଲେ ରାତିରାତି ବସି ସେବା କରିବେ । ଅଣ୍ଡ୍ରାଲ ନ ଥିବାରୁ ମେଘା ପୁଷ୍ପକୁ ଯୋଗାଡ଼ କରି ସାଥିରେ ନିଏ । ପୁଷ୍ପକୁ ବୁଝାଏ ଯେ, ସେ ଦେଖିବାକୁ ଠିକ୍ ଅଣ୍ଡ୍ରାଲ ପରି । ଅଣ୍ଡ୍ରାଲ ଯେମିତି ମେଘାକୁ ଖୁବ ଭଲ ପାଉଥିଲା, ସେ ସେମିତି ପୁଷ୍ପକୁ ଭଲ ପାଏ ।

ପୁଷ୍ପ ଥରେ ଥରେ ପତ୍ରରେ, କହୁଥିଲ ପରି ପୁଷ୍ପ ଅଲକ୍ଷଣୀ ! ମେଘ ହସେ ।

ଶନିବାର—ଛୁଟିବାର ମେଘ କିଛି କାମ କରେ ନାହିଁ । ବନ୍ଧୁର ପ୍ରାର୍ଥନା କରେ, ଆଜି ତାର ସ୍ୱାମୀ ପାଖକୁ ଗୋଟିଏ ଲମ୍ବା ଚିଠି ଲେଖେ । ସପ୍ତାହର ଡାଇରୀ ଦେଖି ସବୁ ପୂରଣ କରେ । ସେଥିରେ ପୁଷ୍ପକଥା ବହୁତ ଥାଏ । ତେଣୁ ପୁଷ୍ପ ନେଇ ଯାଏ ମେଘର ସ୍ୱାମୀ ପାଖକୁ ଡାକରେ ଚିଠି । ପୁଷ୍ପ ବିରକ୍ତ ହେଲେ ମେଘ କହେ, ପୁଷ୍ପ ଯେପରି ତାହାର ପ୍ରିୟଲୋକ, ସେମିତି ମେଘର ସ୍ୱାମୀଙ୍କର ମଧ୍ୟ ।

ମେଘର ଶତ୍ରୁ ମଧ୍ୟ ଅଛନ୍ତି । ନାନା କଥା ଲୋକ ଓଳାବ ନାହାନ୍ତି । ମେଘର ସେଥିକି ଖାତିର ନ ଥାଏ । ପୁଷ୍ପ କିନ୍ତୁ ମେଘକୁ ମୁଣ୍ଡେଇ ବୁଲୁଥାଏ । କିନ୍ତୁ ପୁଷ୍ପକୁ ବେଳେ ବେଳେ ଡର ଲାଗେ ଯେ ସେ ନିଜେ ବୁଢ଼ୀ ଏ ନିନ୍ଦାର ଭାଗୀ ହେଉଛି ।

ବେଳେ ବେଳେ ମେଘ କହେ—'ବୁଝିଲୁ ପୁଷ୍ପ, ମୁଁ ଗୋଟିଏ ଲୋଷ୍ଟିଆ ଉଡ଼ତ । ମୋ ଉପରେ ତମେ ସବୁ ନିର୍ଭର କରୁଛ । ମୋ ମଶାରିକୁ ଫିଙ୍ଗା ନେଇ ତମର ଶୋଇବା ମଶାରି ଟାଙ୍ଗୁଛ, ମୋ କହିବା ଅନୁସାରେ ଚାଲଚଳନ ହେଉଛ ।' ଏହିପରି ସ୍ନେହ କୌତୁକ-ମିଶା ଅଲୋଚନା ଚାଲେ ।

ପରୀକ୍ଷା ପାଖ ହୋଇ ଆସିଲା । ବନ୍ଧୁତା ଦୃଢ଼ ହୋଇ ସାରିଥିଲା । ପରସ୍ପରଠାରୁ ଛଡ଼ାଛଡ଼ି ହେବା ସମୟ ହୋଇ ଆସିଲା ।

ପରୀକ୍ଷାକୁ ମେଘା ପୃଷ୍ଟଠାରୁ ଘଡ଼ି ଓ କଲମ ଧାର ନେଇଥିଲା । ମେଘାର ଧାରଣା ପୃଷ୍ଟର କଲମ ଆଉ ଘଡ଼ି ପରୀକ୍ଷାରେ ବ୍ୟବହାର କଲେ ଫଳ ଭଲ ହେବ । ଟେଷ୍ଟରେ ବାପସ୍ତୁର ଉତ୍ତର ଲେଖି ଏହି କୁସଂସ୍କାର ବିଶ୍ୱାସରେ ପରିଣତ ହୋଇଥିଲା । କିନ୍ତୁ ମେଘାର ପରୀକ୍ଷା ସରିବା ପୂର୍ବରୁ ପୃଷ୍ଟ ଚାଲିଯିବ, ଘଣ୍ଟା କଲମ ନିଶ୍ଚୟ ଫେରାଇ ନେଇଯିବ ।

ପୃଷ୍ଟ ଜିନିଷପତ୍ର ସଜାଡୁଥିବା ବେଳେ ମେଘା ମୁହଁ ଶୁଖାଇ ଆସି ପହଞ୍ଚିଲା । ଘଡ଼ି ଓ କଲମଟା ଟେବୁଲ ଉପରେ ରଖା ହୋଇଥାଏ ।

ପୃଷ୍ଟ ଆଗରୁ ଭାବୁଥିଲା, ଘଡ଼ି ଓ କଲମରୁ ଘଡ଼ିଟି ଖାଲି ଫେରାଇ ନେଇଯିବ । କାରଣ କଲମରେ ଲେଖା ହେବାରୁ ପରୀକ୍ଷା ଭଲ ହେଉଛି । ଯେଉଁଠି ଘଡ଼ି ଦେଖିଲେ ବି ଏକା କାମ ଦେବ । କିନ୍ତୁ ସେଦିନ ମେଘାର ମୁହଁ ଦେଖି ଆଉ ସେକଥା କହି ପାରିଲା ନାହିଁ ।

ଖଣ୍ଡେ କାଗଜରେ ନିଜର ଠିକଣା ଲେଖି ମେଘା ହାତକୁ ବଢ଼ାଇ ଦେଲା । ଏହି ଠିକଣାରେ, କାମ ସରିଲେ ଘଡ଼ିଟି ପୃଷ୍ଟ ଫେରି ପାଇବ । କଣ ଟିକିଏ ଭାବି ସେ ଘଡ଼ିଟି ଉଠାଇ ନେଲା ।

ବଡ଼ ଅସାବଧାନ ତୁ ପୃଷ୍ଟ! ମୋ ଠିକଣା ତୋତେ ଜଣାନାହିଁ । ଯଦି ଘଡ଼ି ନ ଫେରେ—

ଜିନିଷପତ୍ର ସଜାଡ଼ୁ ସଜାଡ଼ୁ ପୃଷ୍ଟ ତଳକୁ ମୁହଁ ପୋତି ଜବାବ ଦେଲା—'ତାହା ହେଲେ ଜାଣିବ ମୋ ପାଖରେ ରହିଗଲା ।'

'ନା ଅଛା ନୂଆଁ, ସତରେ ମନ ହଜିଯାଏ ।'

'ଦୁଃଖ ନାହିଁ, ପରୀକ୍ଷା ପରେ ହଜିବ ତ ।'

'ବଡ଼ ଅସାବଧାନ ପିଲା ତୁ ।'

'ନା, ତୋ ଛଡା ଆଜି କାହାର ପାଖରେ ଘଡ଼ିଟା ଲୁଚିଯାଇ ନ ଥାନ୍ତା ।'

ଦୁହିଙ୍କ ଚରିତ୍ରରେ କଣ ମେଳ ଥିଲା, କିଏ ଜାଣେ ? ମନୋହାରୀ ଦୋକାନରେ ପୁଷ୍ପକୁ ଦେଖି ମେଘା ଭୁଲିଥିଲା । ପୁଷ୍ପ ଗଲାବେଳେ ମେଘାକୁ ଦେଖି ପୁଷ୍ପ ମଧ୍ୟ ଭୁଲିଲା । ଯେଉଁ ପୁଷ୍ପ ଅଳସୁଣୀ, ସେହି ଲୋକର ଘଡ଼ି ଓ କଲମ ଖୁବ ଅଣିଛି । ଅଳ୍ପ କେଇଦିନର ବୋର୍ଡିଂ ସାଥିର ସାହଚର୍ଯ୍ୟ ପରସ୍ପର ଭିତରେ ଏତେ ନିବିଡ଼ ବିଶ୍ୱାସ ଆଣିଥିଲା ।

ଭୁଲିଯିବା ପରେ ଦୁହେଁ ଭାବୁଥିଲେ, ଅଭ ଲୋକଟି କି ଆଶ୍ଚର୍ଯ୍ୟ !

# ଅକାଶ

ସୂର୍ଯ୍ୟ ଉଇଁଲବେଳକୁ ସହରର ଲୋକେ ଆଖି ଓ ଦେହ ଭଲ କରିବାକୁ ନାଲି ସୂର୍ଯ୍ୟଆଡ଼େ ଚାହିଁ ଚାହିଁ ଚାଲନ୍ତି । ନିଦରୁ ଉଠି ଦେହର ଅଳସ ଭାଙ୍ଗି ନ ଥାଏ । ମଶାରି ଭିତରୁ ଘୋଡ଼ି ହେବା ଶାଲ ଭିତରୁ ବାହାର ଆସିଥିବା'ରୁ କାଳେ ଦେହକୁ ଥଣ୍ଡା ଲାଗିବ ବୋଲି ପାଦରୁ ମୁଣ୍ଡଯାଏ ଢାଙ୍କି ହୋଇ ଚାଲନ୍ତି । ଲାଲ ସୂର୍ଯ୍ୟଙ୍କ କିରଣ ସେହି ଘୋଡ଼ଣୀକୁ ଭେଦକରି ନୂଏଢ ଦେହକୁ ଭଲକରେ ।

ବାଟରେ ଗୋଟିଏ ବଗିଚା ପଡ଼େ—ଭିତରକୁ ଘର । ବଗି-ଚାରେ ଫଳ ଓ ଫୁଲ ଗଛ ପାଖରେ ଗୋଟିଏ ଡେଙ୍ଗା ଲୋକ ହାତରେ ଦାନ୍ତକାଠି ଧରି ଏପାଖ ସେପାଖ ହେଉଥାଏ । ଲେମ୍ବୁ ଗଛରେ ପୋକ ଲାଗି ଗଲେଣି, ପିଜୁଳି ଗଛକୁ ବାଦୁଡ଼ି ଖାଇ ଯାଉଛନ୍ତି । ଫୁଲ ଗଛରୁ ପ୍ରତିଦିନ କିଏ ଫୁଲ ନେଉଥିବେଳେ ମାଳି ଛାଡ଼ି

ଦାଉଛନ୍ତି । ଏସବୁ ଦେଖିଲେ ଲୋକଟିର ଯେମିତି ଟିକିଏ କର୍ତ୍ତବ୍ୟ ରହିଗଲା ପରି ଲାଗେ । ଗୋଠର ଟୋକା କି କୁକୁଡ଼ା ପଲର କୁକୁଡ଼ା, ନଇଲେ ଡାକ୍ତର ଖାନାର ରୋଗୀର ସେହି ସ୍ଥାନର ଲୋକ ରହି ରହି ତାଙ୍କୁ ବୁଝିଲାପରି ଭଦ୍ରଲୋକଟି ଗଛଗୁଡ଼ିକର ଦୁଃଖ ସୁଖ ବୁଝିଯାଏ । ଖାଲି ସୂର୍ଯ୍ୟଙ୍କ କିରଣ କାକରଧୁଆ ମୂର୍ଦ୍ଧ ଉପରେ ପଡ଼ି ଯେମିତି ବନ୍ଧୁମାନଙ୍କର ଜଳଦାନର ଅଭିଯୋଗ ଶୁଖାଇ ଦିଏ ଭଦ୍ରଲୋକଟିକୁ ନିଜର ଛୁଟିବେଳରେ ବଗିଚାଟି କରନ୍ତି । ଖାଦ୍ୟ-ସମସ୍ୟା ଉତ୍କଟ ହେବାର ଅନେକଦିନ ଆଗରୁ । ନିଜର ଛୁଟି ବେଳରେ କର୍ମହୀନତାର ଦୁଃଖକୁ ଭୁଲିବାକୁ ଏହି ଜୀବନ୍ତ ଗଛ ଗୁଡ଼ିକୁ ନିଜର ସାଥୀ କରି ନେଇଥିଲେ । ଗଲାବେଳେ ଗୁହିଁ ପୁଣି ଝୁଲିଯାନ୍ତି ।

ଭଦ୍ରଲୋକଟିର ପରିଅଡ଼େ ଦୁଇଟି ପିଲା । କୁକୁର ପଛରେ ଛୁଆ ଖେଳିଲାପରି ବାପା ସାଙ୍ଗରେ ଠିକ ଲାଗି ରହିଥାନ୍ତି । ଗୋଟିକର ବୟସ ସାତ ଆଠ । ଆରଟି ତିନି କି ଚାରି । ବୟସ ଅନୁପାତରେ ଯଥେଷ୍ଟ ଉଚ୍ଚତା ହେଲେ ବି ଭଦ୍ରଲୋକଟି ସାଙ୍ଗରେ ଏକାଠି ଦେଖିଲେ ପିଲାଦୁଇଟି ଛୋଟଛୋଟ ଦିଶନ୍ତି—ପାଟିରେ ଧରିଥିବା ଦାନ୍ତକାଠି ଠାରୁ ସୁଦ୍ଧା ଦୁଇଗୁଣ ହେବେ ।

ରାସ୍ତାରେ ଯିବା ଲୋକ ଗମବାରୁ ପ୍ରତିଦିନ ଜୀବନ୍ତ ଭଦ୍ରଲୋକଟି ସାଙ୍ଗରେ ଆଳାପ କରିବା ପାଇଁ । କିନ୍ତୁ ରାସ୍ତା ଓ ବଗିଚା ମଧ୍ୟରେ କେଇ କଦମ ଦୂର ସେଥିରେ ବାଧା ହୁଏ । ଗୋଟିଏ ସର୍ବସାଧାରଣ ଓ ଆରଟି ଘରୋଇ । ପରିଚୟ ପାଇଁ ଦରକାର ହୁଏ ଗୋଟିଏ ଉପଲକ୍ଷ ଓ ଜଣେ ପୁରୋହିତ । ଯେପରି ଗଣତନ୍ତ୍ର ହେଲେ ବି ଘରୋଇ ଓ ସର୍ବସାଧାରଣଙ୍କ ଜିନିଷ ଅଧିକାରୀଙ୍କ ମଧ୍ୟରେ ଶତ୍ରୁତା ମିତ୍ରତା

କରିବାକୁ ପଡ଼ିମଡ଼ିକିଆ ହେଲେ ରହିବେ । ଉପରେ ଆକାଶ ତଳେ ଭୂଇଁ ।

ଗୋଟିଏ ବାହାଘର ଭୋଜିଘରେ ରାମବାବୁ ନୂଆ ଭଦ୍ରଲୋକଟି ସାଙ୍ଗରେ ପରିଚିତ ହୋଇଗଲେ । ଉପେନ୍ଦ୍ରବାବୁଙ୍କୁ ତାଙ୍କ ବଗିଚା କଥା କେତେ ପଚାରିଗଲେ । କ'ଣ ଗଛ, କେତେ ଗଛ, କେତେ ବୟସର ଗଛ ଆଦି ଗଛମାନଙ୍କର ଇତିହାସ । ପରିଚିତ ହେବାର ଆକାଂକ୍ଷାରେ ଯେମିତି ପ୍ରଶ୍ନଗୁଡ଼ାକ ରାମବାବୁଙ୍କ ମନରେ ଅମୁହାଁ ହୋଇ ରହିଥିଲା—ପିଚି ମାଉଛି । ରାମବାବୁଙ୍କୁ ଲାଗିଲା ଉପେନ୍ଦ୍ରବାବୁ ଜଣେ ବଡ ମଣିଷ—ଭାରି ଭଲ । ସଂସାରରେ ପରିଚ୍ଛନ୍ଦ୍ର ନ ଦେଖାଇ ମାଟିରୁ ମାଟିର ପିଲାଙ୍କୁ ବଢ଼ାଇ ଆଣିଛନ୍ତି । ଗଛମାନଙ୍କର ଗୋଟିଏ ଅଭିଯୋଗ ଯେ ତାହାର ଯତ୍ନ ନ ନେବା ମଣ୍ଡ ସମସ୍ତଙ୍କ ଠିକ୍ । ଯେ ପାରେ ସେ ଖଣ୍ଡେ ଭାଙ୍ଗି ଦିଏ ନ ହେଲେ ମୋଡ଼ି ଦିଏ ।

ଦିନେ ସେମାନେ ବାଟେ ଗଲାବେଳେ ଉପେନ୍ଦ୍ରବାବୁ ତାଙ୍କର ପିଲାଦୁଇଟିଙ୍କ ସାଙ୍ଗରେ ବଗିଚାରେ ବ୍ୟସ୍ତ ଅଛନ୍ତି । ରାମବାବୁଙ୍କ ମୁହାଁମୁହିଁ ହେବାରୁ ଡାକ ପଡ଼ିଲା । 'ବଗିଚାରେ ଲାଗିଛନ୍ତି—ନମସ୍କାର ଉପେନ୍ଦ୍ରବାବୁ । ଉତ୍ତର ନ ଦେଇ ପାଖରେ ଆସିବାକୁ କହିଲେ । ଉପେନ୍ଦ୍ରବାବୁ ଚିହ୍ନି ପାରୁ ନାହାନ୍ତି ଦେଖି ହସି କହିଲେ 'ସେଦିନ ବାହାଘରର ଯେଉଁ ଲୋକଟିକୁ ବଗିଚା କଥା କହୁଥିଲେ···।'

ଓଃ କ୍ଷମା କରିବେ ଆଜ୍ଞା ସକାଳୁ ଅପଣ ପଦାରେ ବୁଲନ୍ତି ବୋଲି ମୁଁ କେମିତି ଜାଣିବି ? ମୁଁ ତ ବଗିଚାରେ ରହିଯାଏ—ଭାବେ ଘରେ ରହୁଛି । ଆଜି ସବୁ ଭଲ ?'

ପିଲାଦୁଇଟି ଠିଆ ହୋଇ ରହିଥାନ୍ତି କାରଣ ଉପେନ୍ଦ୍ରବାବୁ ଠିଆହୋଇ କଥା କହୁଛନ୍ତି । ସେ ଲଇଁଲେ ଏମାନେ ଲଇଁନ୍ତି । ସେ

ଯେଉଁ ଗଛରେ ହାତ ଦିଅନ୍ତି ଏମାନେ ସେଇଠି ହାତ ଦିଅନ୍ତି । କିଏ ଆଗ ହାତ ମାରିବ ଏଥିପାଇଁ ଦୁଇପିଲାଙ୍କର ଢଳ ।

ପରିଚୟ ହୋଇଗଲାଣି—ଉପେନ୍ଦ୍ର ବାବୁ ଓ ପିଲାଙ୍କ ସାଙ୍ଗରେ । ଗାଡ଼ି ଧାଇଁଲାବେଳେ ଦିନେ ଦିନେ ଶ୍ୟାମବାବୁ ଭିତରକୁ ଚାଲିଯାନ୍ତି । କଲମି ଗଛ, ଫୁଲର ବାସନା, ଶତ୍ରୁଙ୍କ ଉତ୍ପାତ ସବୁଦିନ ଘର ଶୁଣନ୍ତି । ପିଲା ଦୁଇଟିଙ୍କ ମୁହଁରେ ଟିକିଏ ଟିକିଏ ହାତ ମାରିଦେଇ ବିଦାୟ ନେଲାବେଳେ ଆଦର ପାଇବାକୁ ସେଇ ଛୋଟ ମୁହଁ ଦୁଇଟି ଯେମିତି କଥା କହିବାର ଭଙ୍ଗୀ କରେ ।

ଦିନେ ପଚାରିଲେ ଛୋଟଟିକୁ 'ବାବୁ—ତମ ନାଁ କଣ ?' ପ୍ରଶ୍ନ ଶୁଣି ପିଲାଟି ଚୁପ ହୋଇ ରହିଲା । ଶ୍ୟାମବାବୁ କହିଲେ 'ଭଲ ପିଲାଟିଏ । ଦୁଷ୍ଟାମି ନାହିଁ ।'

ଉପେନ୍ଦ୍ର ବାବୁ କହି ଆସୁଥିଲେ ପୁଅର ଦୁଷ୍ଟାମି କଥା କିନ୍ତୁ ପ୍ରଶଂସା ଶୁଣି ପିଲାଟି ତାହାର ଡାହାଣ ହାତର ବୁଢ଼ା ଅଙ୍ଗୁଠି ଓ ଲଗି ଅଙ୍ଗୁଠିକି ଯୋଡ଼ି ପଚାରିଲା 'ଏତିକି ଛୋଟ ନାଁ ?'

'ହଁ' ତମର ଛୋଟ ନାଁକୁହ ।

'ନା—କହିବ ନାହିଁ' ।

'ତା ହେଲେ ବଡ଼ ନାଁ କହ' ।

ହାତଦୁଇଟା ପଛକୁ ନେଇ ମେଲାକରି ପଚାରିଲା 'ଏତେ ବଡ଼ ନାଁକୁ କହିବ ?

'ହଁ'

‘ମୋର ନାଁଟା ଭାରି ବଡ଼ । ଏତେ ବଡ଼ ।’ ବୁଢ଼ା ଆଙ୍ଗୁଠି ଟିପରେ ଠିଆ ହୋଇ ଆକାଶଆଡ଼କୁ ହାତ ବଢ଼ାଇଥାଏ—କୁମାର ଶ୍ରୀ ଶରତ ଚନ୍ଦ୍ର ମଲ୍ଲ ପାତ୍ର ।

ଏତେ ଆଦର ପାଉଥିବା ଦେଖି ବଡ଼ଭାଇ ଆସି ଠିଆହେଲା ପାଖରେ । ତାକୁ ନାଁ ପଚରା ଯିବାରୁ ସେ ବିନା ଉପକ୍ରମଣିକାରେ କହିଲା ‘ଆନନ୍ଦଚନ୍ଦ୍ର ।’

ଉପେନ୍ଦ୍ରବାବୁ କହିଲେ ପିଲାଙ୍କର ଭୟ ନାହିଁ । କିନ୍ତୁ ନୂଆ ଲୋକ ଦେଖିଲେ ଲାଜ କରନ୍ତି । ଅଣ ଓଡ଼ିଆ ଘରେ ପିଲାଦିନୁ କେମିତି ଶିକ୍ଷାମିଳେ କେଜାଣି, ଘରେ ବାପ ନ ଥିଲାବେଳେ ପିଲାମାନେ ଅଗନ୍ତୁକଙ୍କୁ ଜବାବ ଦେଇ ବିଦାୟ କରନ୍ତି ।

ବାପାଙ୍କର ଏହି କଥା ଶରତକୁ ଭଲ ଲାଗିଲା ନାହିଁ । ସେ ଚାଲିଆସି ରାମବାବୁଙ୍କ ହାତକୁ ଧରି କହିଲା ‘ପଦା ଲୋକଙ୍କ ସାଙ୍ଗରେ କଥାଭାଷା ହେଲେ ବାପା ଗାଳି ଦିଅନ୍ତି । ଟିକିଏ ଗଛରେ ଲାଗିଲେ ବାପା ରାଗନ୍ତି । ଗଛ ଆମ ସାଙ୍ଗରେ କଣ କଥା କହିବ ନାହିଁ ?’

ଉପେନ୍ଦ୍ରବାବୁ ଡାକିଛନ୍ତି ରାମବାବୁଙ୍କୁ ‘ଗୁଁ’ ଖାଇବାକୁ । ବେଶି ଚିନ୍ତା ନ ଥିଲେ ବି ଉପେନ୍ଦ୍ରବାବୁଙ୍କ ଗଛଲଟାରେ ଶ୍ରଦ୍ଧାଥିବାରୁ ନିମନ୍ତ୍ରଣ । ସ୍ୱାଧୀନ ସଂସାରରେ ପରସ୍ପରର ବନ୍ଧନ ଓ ଆତ୍ମୀୟତା ଏହି ସବୁରୁ ଆରମ୍ଭ । ଯେ ଅନ୍ୟର ଭଲମନ୍ଦରେ କୌଣସି ଆଗ୍ରହ ଦେଖାଏ ନାହିଁ ତାହାର ବନ୍ଧୁ କମିଯାନ୍ତି ।

ନିମନ୍ତ୍ରଣ ରଖିବାକୁ ପିଣ୍ଡାଉପରକୁ ଉଠି ରାମବାବୁ ଦେଖିଲେ ପିଲା ଦୁଇଟିଙ୍କର ଧନଯାକର କାମ । କବାଟର ଗୋଟିଏ ପାଲରେ

ଥିଲା ଖଣ୍ଡରେ ଲେଖିଛନ୍ତି 'ବଣ୍ଟୁଙ୍କ ହିନ୍ଦୁ ଭୋଜନାଳୟ'। ତା ତଳେ ଏଠାରେ ଗୁ' ମିଳେ—ଆଉ ଫାଳକରେ 'ସାରଥି ମେସ।'

ରାମବାବୁ କହିଲେ ଯାହାହେଉ ଏଠାରେ ଗୁ' ମିଳେ ବୋଲି ମିଲନ ନେ ଲେଖିଦେଇଛନ୍ତି । ବେଙ୍ଗାଳୀଠାରୁ ଦୁଇହାତ ଯାଏ ଅ, ଆ ଠାରୁ ଆରମ୍ଭକରି ଶରତ, ଆନନ୍ଦ, ବାପ, ନନ୍ଦାବଳ, ଚଉତରା, ସୂର୍ଯ୍ୟ ଅନେକ ପ୍ରକାରର କାରୁକାର୍ଯ୍ୟ ହୋଇଛି । ଚାରଣ୍ଡୀଯାକ ମଧ୍ୟ ସେମାନଙ୍କର ଧନଯାକର ପରିଶ୍ରମର ଚିହ୍ନ ବୋଲି ପଡ଼ୁଛି । ଛିଣ୍ଡା କାଗଜ, ଦିଆସିଲି ଖୋଳ, ସିଗାରେଟ ଜରି, ଡାକ ଟିକଟ, ଏକାଠି ହୋଇ ପଡ଼ିରହିଛି । ସେମାନଙ୍କ କାମର ପ୍ରଶଂସା ହେଉଥିବା ମନେକରି ଧ'ପିଲା ହାଜର ପ୍ରଶଂସାତକ ନେବାପାଇଁ । ରାମବାବୁ କ'ଣ କରନ୍ତି ବୋଲି ପଗୁରବାରୁ ଦୁଇଭାଇ କଳିଲାଗିଲେ—ପ୍ରତ୍ୟେକ ଦାବିଲେ ନିଜ ଅଭିଜ୍ଞତାର କୀର୍ତ୍ତି କରିନାହିଁ ।

କଳିରୁ ମାଡ଼ । ମାଡ଼ରୁ କାନ୍ଦ । ଦାଦାଙ୍କ ମୁହଁରୁ ନାସ ଶୁଣିଗଲା । ବଡ଼ ମଣିଷଙ୍କର ବଳର ଦମ୍ଭ ହେଲାପରି ଦୁହେଁ ଗଲେ ମା ପାଖକୁ । ମା ଯାହା ରାଏ ଦେବ, ସେଥିରୁ ସେମାନଙ୍କ କଳି ନିଷ୍ପତ୍ତି ହେବ ଓ ଦୋଷୀ ଦଣ୍ଡ ପାଇବ । ମା ବଡ଼ ଆନନ୍ଦକୁ ଗାଳି ଦେଲା ଯେ ସେ ବଡ଼ହୋଇ ଘରଦ୍ୱାର ଅସନା କରୁଛି ବୋଲି । ଶରତ ଖୁସି । ତାହାର ଉଚ୍ଚଳ ହସି—ମା ରାଜି ହେଲାଣି ଯେ ଶରତ ଘର ଅଳିଆ କରି ପାରୁଛି । ଭାଇ ଗାଳି ଖାଉଛି ।

ଶରତ ଆସି ପଦାରେ—ଭିତରେ ବଡ଼ଭାଇ ଗାଳିଖାଇ କାନ୍ଦୁଛି । ଆସି କହିଲା 'ମୁଁ କରିଛି ।' ରାମବାବୁ କହିଲେ 'ଠିକ୍ ବେଟା—ତମେ ବାବୁକା ବେଟା ।' ଶରତକୁ ଶୁଭିଗଲା 'ବାବୁ

ସପେଟା ।" ଟିକିଏ ଟିଆରେଡ଼ାଇ ରାମବାବୁଙ୍କୁ ଚାହିଁଲେ । ସେ କଣ କହୁଲେ, ସେଇଆ ଭାବିନେବାକୁ ଓ ଶୁଣି ନେବାକୁ କାନକୁ ଓ ନାକକୁ କୁକୁରଙ୍କ ପରି ଟେକିଲେ । ସେଠୁ ଚୌକାଠରେ ଗୋଡ଼ାଏ ଗୋଡ଼ଦେଇ କୁଦାମାରି ପାଟିକରି କହିଲେ 'ବେଶ୍—ମୋ ନାଁ । ବାବୁ ସପେଟା । ଛୋଟ ନାଁ । ହେଇଗଲା ।'

ମା'ଙ୍କୁ ଦାଣ୍ଡକୁ ଆଜିଠାରୁ ନୂ ମା' ରହିଲାଣି ଘର ଭିତରେ । ଆଜିକାଲି ନୂଆ ଭଦ୍ରଲୋକ ଆସିଛନ୍ତି, ସେଥିରେ ତ ପଲ୍ଲୀବୁଢ଼ୀଙ୍କ ମା'ଙ୍କୁ ପଦାରେ ନ ପଶାଇ ରଖିବେ ନାହିଁ ।

ଉପେନ୍ଦ୍ରବାବୁ ତାଙ୍କ କଲମିଗଛ କଥା କହୁଥାନ୍ତି । ସେ ବହୁତ ପ୍ରକାରର କଲମ କରି ଜାଣନ୍ତି । ଗୋଟିଏ ଗଛରେ ତିନି ପ୍ରକାରର ଫୁଲ—ନୂଆ ନୂଆ ପ୍ରକାରର ଫଳ । କେଉଁଟି ଆମ୍ବଗଛ ଝେଣ୍ଡୁ ହାତବାଡ଼ିରେ ପାରିଲେ ଭଲିଆ—ଭିନ୍ନ ପ୍ରକାରର ସପେଟା । ସେତେବେଳେ ଘରଭିତରେ ସ୍ତ୍ରୀଙ୍କର ଗର୍ଜନ ଶରତ ଓ ଆନନ୍ଦଙ୍କ ଉପରେ । ଏକା ମା ପେଟରୁ ଦୁଇ ପ୍ରକାର ଗଛ । ପ୍ରତି ଗଛରେ ଜାତି ଜାତିକା ଫୁଲ — ଦୁଷ୍ଟାମି । ଉପେନ୍ଦ୍ରବାବୁ କହୁଛନ୍ତି ତାଙ୍କ ସପେଟା କଥା । ସ୍ତ୍ରୀ ଭିତରେ ଭାବୁଥାନ୍ତି ପିଲାଦୁଇଟିଙ୍କ କଥା । ଏମାନଙ୍କ ଦୁଷ୍ଟାମି ନ କମି ବାବୁ ଗଛ ଗପରେ ବ୍ୟସ୍ତ । ଗଛରେ ଫଳ ଫଳେ । ଫଳ ବଜାରରେ ବି ମିଳେ । କିନ୍ତୁ ପିଲା ଦୁଇଟିଙ୍କର ଭଲଗୁଣ ନ ହେଲେ ବଜାରରୁ କଣ ଆସିବ ?

ସାମାନ୍ୟ କଥା ଦୁହିଁଙ୍କୁ ବଡ଼ଲାଗି ହେଉଥିଲା । ହୁଏଁ ଭାବୁଥିଲେ ଅକାଶ ଭାଙ୍ଗି ପଡ଼ିବ । ରାମବାବୁ କଥାକୁ ଲମ୍ବାଇବାକୁ

କହୁଲେ 'ଯା'ହେଉ ଭଲ ବଗିଚାଟିଏ କରିଛନ୍ତି । ଟିକିଏ ବସିଲେ ମନର ଶୋକ ଭୁଲିହୋଇଯିବ ।'

ଏ କଷ୍ଟରେ ହୋଇଛି କେହି ବୁଝିବେ ନାହିଁ । ପିଲା ଦୁଇଟିଙ୍କ ଭିତରେ କଳି, ମାଡ଼ ମରାମରି ଗାଳି ଯେ ହେଉଛି ତା ନୁହେଁ । ମୋର ପିଲାଗୁଡ଼ିକ ଯେମିତି, ଗଛଗୁଡ଼ିକ ମଧ୍ୟ ସେମିତି । ପିଲାମାନେ ଗଛକୁ ଦେଖି ସହିପାରୁ ନାହାଁନ୍ତି । ପାନ ଗଛଟିଏ ଆଣି ବାଡ଼ିରେ ପୋତିଥିଲି । ଦିନେ ବଡ଼ପୁଅ ମାଟିରୁ ଉପାଡ଼ି ଆଣି ପଚାରିଲା 'ବାପା, ଏଇ ପାନ ଗଛ ? ଉପାଡନ୍ତି ନାହିଁ ? ଉପାଡ଼ିଲେ ମରିଯାଏ ? ମୁଁ ଯାଉଛି ପୋତିଦେବି'—ସାନ ପୁଅ ସେମିତି ତହୁଁ ଆଉ ଦିନ ଉପାଡ଼ି ସେମିତି ପଚାରେ । ଦି' ପିଲାଙ୍କୁ ମାଡ଼ଦେଲି । ଉପୁଡ଼ାର ଦୌରାତ୍ମ୍ୟରେ ଗଛଟି ମଧ୍ୟ ମରିଗଲା—ଏମିତି ଦୁର୍ଦ୍ଦାନ୍ତ ଝୁଅ ।

ଏତିକିବେଳେ ସାନପୁଅ ଶରତ ଧାଇଁଆସି ବାପା ପାଖରେ ଠିଆହେଲା । ପଛରେ ଗୁଣ୍ଡର ଠୋକା । ଗୁଣ୍ଡର ପାଖକୁ ଆସିବାରୁ ଶରତ ଦୁଇ ଭଦ୍ରଲୋକଙ୍କ ଭିତରେ ଗଳିବାକୁ ଆରମ୍ଭକଲା ।

'କିରେ, କାହିଁକି ଶରତ ସାଙ୍ଗରେ ଲାଗିଛୁ ?

'ଫୋଟକାରେ ଔଷଧ ଦିଆହେବ ବୋଲି ମା ଖୋଜୁଛନ୍ତି । ବାବୁ ପଳେଇ ଆସିଲେ ।

ଗୁଣ୍ଡର କଥାଶୁଣି ଉପେନ୍ଦ୍ରବାବୁ ପୁଅର କାମିଜ ଟେକି ଦେଖେଇଲେ 'ଭ୍ରୂରତ' ମୋହର ପେଟରେ ବସିଛି । ଲାଲଚିଆ ଚମ ଭିତରେ ଶରତର କଅଁଳ ଚମରେ ହାଡ ଅସ୍ଥିର ବଳିବଳି ଦିଶୁଛି । ମାଷ୍ଟରଙ୍କ ପାଖରେ ଢୁଲାଇଥିଲା ଯେ ପ୍ରତିଦିନ ଢୁଳେଇବାର ଶାସ୍ତି ରୂପେ ମାଷ୍ଟରବାବୁ ଠିଆ କରାଇଦେଲେ । ଠିଆହୋଇ ମଧ୍ୟ ବାବୁଙ୍କ

ନାଦ ଘୁଡ଼ାଉନାହିଁ । ଝୁଲି ଝୁଲି ଲଣ୍ଠନ ଉପରେ ହାମୁଡ଼ାଇ ପଡ଼ନ୍ତି । ତଳକୁ ଲଣ୍ଠନର ଚିମ୍ନି ମୋଟରେ ବସିଯାନ୍ତି । ଆମେ ଜାଣୁଛୁ ଏହାର ନାଁ ଦବା 'ଭ୍ରମର' । ସେଥିପାଇଁ ଦେହରେ ଅଜା ଲୁଗା ରହୁଛି ।

ହଠାତ୍ ଆନନ୍ଦ ଦୌଡ଼ିଲା ଘର୍, 'ବାପା, ବାପା, ଗୁରଣ୍ଡା ଚେଲି ପଶିଛନ୍ତି ବାଡ଼ିରେ । ସବୁ ଖାଇଗଲେଣି । ଶରତ ଧାଇଁଲା । ଉପେନ୍ଦ୍ର ବାବୁ ବି ଉଠିଲେ । ଚେଲି ଧରା ପଡ଼ିଲେ ନାହିଁ । କିନ୍ତୁ ଚେଲି ତଡ଼ୁଆଇବା ବାହାନାରେ ପିଲା ଦୁଇଜଣ ଗୋଟି ଗୋଟି ଗଛ ଉପରେ ଯେତେ ପାରିଲେ କୁଦିଗଲେ । ବାପା କିଛି କହି ପାରିବେ ନାହିଁ । ତାଙ୍କର ବଡ଼ ଶତ୍ରୁ ଚେଲି ।

ଗଛରେ ଫଳ ଫଳୁଛି । ଫୁଲ ଫୁଟିଛି । ପ୍ରତ୍ୟେକଟି ଉପେନ୍ଦ୍ର-ବାବୁଙ୍କର କିଛି ସମୟ କିଛି ପରିଶ୍ରମ ଆଦାୟ କରି ନେଇଛନ୍ତି ।

ଚେଲି ବଡ଼ା ହୋଇଗଲେ । ସେମାନଙ୍କର ଟୋକାଟାକି ସବୁ ସେମିତି ଖେଳିଯିବାକୁ ଆନନ୍ଦ । ଉପେନ୍ଦ୍ର ବାବୁ ହସି କହିଲେ ଯେ ପରୱା ନ କରି ଛୁଟିବେଳରେ ଏହି ଆକାଶ ଦେଖିବା ଭିତରେ ଗୋଟିଏ ସମ୍ବନ୍ଧ ଆଣିବାକୁ ଦଶ ପନ୍ଦରଟି ଗଛ ଯାହା ଥୋଇଲି । ସେଥିରୁ ଉଚ୍ଚ ଘାସ ମାଡ଼ି ଆସୁଛି । ଚେଲି ଗୋରୁ ପଶି ଆସୁଛନ୍ତି । କେବେ ଖରା ଦାଉ ଦେଖାଉନାହିଁ । ବର୍ଷା ବି ସେମିତି ଅଗୁଣିଆ ଅକାଡ଼ା ହୋଇ ପଡୁଛି । ତା ଛଡ଼ା ପିଲା ଦୁଇଟିଙ୍କର ଉତ୍ପାତ । ଗଛରୁ ଫଳଟିଏ ଛିଣ୍ଡାଇବାକୁ, ଫୁଲଟିଏ, ନେବାକୁ ହାତ ଅଟକି ଯାଏ ।

'ପଦ ବଦଳି ହୋଇଯାନ୍ତି'?

'ହଁ ଭାବୁଛି ଯେ ସେମାନେ ମତେ ମନେ ପକାଇ ମାରିବେ ନାହିଁ । ଦେଖାଇବେ ଆକାଶର ଆଲୁଅ, ପବନ ଓ ପାଣି । ଛେଳି ଗୋରୁଙ୍କୁ ଡରିବେ ନାହିଁ । ପିଲାଙ୍କ ଉତ୍ପାତରୁ ହୁଏତ ଭୁଲ ବୁଝିବେ ନାହିଁ । କିନ୍ତୁ ମୋ ପାଇଁ ଯେମିତ ପସରାଟି ଓଲଟି ପଡ଼ିବ......

କହୁ ଭୁଲିଗଲେ 'ହଁ', କଣ ହବ । ରାଜା ରାଜପଥ, ନେତାମାନେ ବି ଏମିତ ଭୁଲି ଯାଉଛନ୍ତି ଦେଶକୁ ଆକାଶତଳେ ଛାଡ଼ିଦେଇ । ଦେଶ ଭୁଲିଯାଉଛି । କିନ୍ତୁ ଉପରେ ରହୁଛି ଆକାଶ ଠିକ୍ ଏହି ବଗିଚା ଉପରେ ରହିଲା ପରି ।'

# ଶେଷକଥା

ବୟସ ଥିଲାବେଳେ ସମସ୍ତେ ତାଙ୍କୁ 'ଚମ୍ପା' ବୋଲି ଡାକୁଥିଲେ । ସେ ଖୁସି ହେଉଥିଲା । ଏଇ 'ଚମ୍ପା' ଡାକ ଶୁଣି ଶୁଣି ତାହାର ପୁଅ ଝିଅ, ଘର ସଂସାର ହୋଇ ଯାଇଥିଲା । ତାହାର ଗେରସ୍ତ ସେ ନାଁଟିକୁ ଆଦର କରୁଥିଲା । ତୁଣ୍ଡରେ ନାଁଟାକୁ ଧରିଲେ ଜାଣେ କିଏ ଶ୍ଳେଷ କରି ନେଇଯିବ କି, ନାଁଟାର ଉମର ଢଳିଯିବ ବୋଲି ତାର ସ୍ୱାମୀ କେବେ ସେ ନାଁରେ ତାଙ୍କୁ ଡାକି ନାହିଁ । ତାହାଘରର ବର୍ଷେ ନ ପୂରୁଣୁ ତାହାର କୋଳରେ ପିଲା । ସେଇଦିନୁ ସେ ପିଲାର ମା ବୋଲି ନାଁ ବଦଳିଗଲା, 'ଶୁଭ ମା' କୁ । ଆଗରୁ ଜାଣିଥିବା ଲୋକେ 'ଚମ୍ପା' ବୋଲି ଡାକି ସୁଖ ପାଉଥିଲେ ଓ ସୁଖ ଦେଉଥିଲେ । ତେଣୁ ସେମାନଙ୍କ ପ୍ରତି ଚମ୍ପା ବିରକ୍ତ ହୁଏ ନାହିଁ । କିନ୍ତୁ ଆଜି କାହା ପାଟିରୁ 'ଚମ୍ପା' ବୋଲି କାହାର ପଡ଼ିଲେ ସେ ଚାହିଁ ଉଠି କହେ 'ହୁ କିଏ କା !

ମୋର ପୁଅ ଝିଅ, ନାତି ନାତୁଣୀ ହେଲେଣି । ଇଏ ପୁଣି ମତେ ଡାକି ବସିଲା ଚମ୍ପା !'

ଢେର ପୁରୁଣା ଦିନର କଥା । ରାମରାଜ୍ୟ ଆସୁଛି ବୋଲି ଏବେ ଲୋକେ କହୁଛନ୍ତି । କିନ୍ତୁ ସେତେବେଳେ ଅଳପ ପଇସାରେ ଭଲକର ତା'ର ତେଲ ଲୁଣର ସଂସାର ଚାଲି ଯାଉଥିଲା । ପଇସାଟାକୁ ବୋଟେଁ ବାଇଗଣ । ଦି'ଟା ପଇସାକୁ ବାଉଁସିଏ ଚୁଡ଼ାଲ । ବଡ଼ ମରୁଡ଼ି, ଖରାବର୍ଷା ସେତେବେଳେ ବି ଥିଲା । ତାହାର ଉପର ଦେଇ ନଈଙ୍କ ପାରି ହୋଇଛି । ଦରଅପାରର ମହାରାଣୀ ଖୁଦ ଗୁଣ୍ଡି କରି ବଣ୍ଟାଇ ଥିଲେ । ସେ କଥା ସାନ ପିଲାଙ୍କୁ କହିଲାବେଳେ ବୁଢ଼ୀର କୋଟରହୀନ ଆଖି ଜଳି ଉଠେ 'ମାଇପିଟାଏ । କେତେ ଲୋକଙ୍କ ଜୀବନ ନ ରଖିଲା !'

ଚମ୍ପାର ପିଲାଗୁଡ଼ିକ ଗୋଟିଏ ଗୋଟିଏ ହୋଇ ଛ'ମାସ ବର୍ଷକରେ ବାହୁଡ଼ିଗଲେ । କାରଣ ଖୋଜିବାକୁ ଯାଇ ଚମ୍ପା ଡାକ୍ତରଆଣୀ କି ନ ପଚାରି ପୋଡ଼ୁହାଁ ଝିଅର ଜାତକ ଅବଧାନଙ୍କୁ ଦେଖାଇ ଜାଣିଲା ଯେ ଝିଅର ଗ୍ରହ ଖରି ହୋଇଥିବାରୁ ତଳ ପିଲା କେହି ବଂଚୁ ନାହାନ୍ତି । ଡାଣୁଆ ଗ୍ରହଟା ନରମ ଶିଶୁଗୁଡ଼ାଙ୍କୁ ଖାଇ ଯାଉଛି । ତଥାପି ଷଠୀମା' ଝିଅଟିକି ପଠାଇଥିବାରୁ, ସେ ଗୋଟିଏ ପିଲା ଗଲେ ପୋଡ଼ୁହାଁ ଝିଅଟିକୁ ଅଢୁର ଆଦର କରେ । ଭାବେ ତାକୁ ଯମ ନେଇଯିବ ବୋଲି ତା ନାଁଟାକୁ ଖାଲି ଯେ 'ଶୁଙ୍ଖି' ରଖିଲା ତା ନୁହେଁ, ଦରକାର ନ ଥିଲେ ବି ବଡ଼ ପାଟିରେ 'ଶୁଙ୍ଖଲୋ, 'ଶୁଙ୍ଖଲୋ' ବୋଲି ଡାକ ପକାଏ । ମନେ ମନେ ଭାବେ ଯମ ଦେବତା ସବୁବେଳେ ଅଭଯାତ ହେଉଛନ୍ତି, ସେ ଶୁଙ୍ଖଟାକୁ

କଣ ଅଛି ପକାଇବେ ? ଆଉ ଶୁକର ଦେହଟାରୁ ପେଟଟି ବଡ଼, ଗୋଡଟାରୁ ମୁଣ୍ଡଟି ବଡ଼ ହୋଇଥାଏ ।

ଗେରସ୍ତ ଓଳିଆଟାରେ ଗୁଲିଗଲା ପରେ ଅସହଣି ଲୋକେ କହିଲେ 'ଚମ୍ପା ଗେରସ୍ତ ଖାଇ'। କିନ୍ତୁ ଚମ୍ପା ଦୋଷ ଦେଲା ଶୁକର ଝାଣୁଆ ଗଣିକୁ—ଆଉ ପିଲା ନପାଇବାରୁ ବାପକୁ ଖାଇଲା । ତେବେ ବି ନିଜ ରକ୍ତରୁ ଜାତହୋଇଛି ବୋଲି ସ୍ୱାମୀ, ପିଲାମାନଙ୍କୁ ପୋଡ଼ ପୋଡ଼ ଭୁଲିଯିବାକୁ ବାଧ ହେବାରୁ ଶେଷକୁ ଶୁକକୁ ଆଦର କଲା । ତାକୁ କୋଳରେ ପୁରେଇ ଶୁଏ । ହାତରେ ଖୁଆଇ ଦିଏ । ଶୁକର ଦେହ ମୁଣ୍ଡ ହେଲେ ଚମ୍ପାକୁ ଅନ୍ଧାର ଦିଶେ । ଅବଧାନ କଥା ମନେ ପଡ଼ିଯାଏ—ଯମଦେବତା ଅପେକ୍ଷିଲେଣି ଶୁକକୁ । ଗେରସ୍ତ ମଲାବେଳେ ଆଉ ଦୁଇଅ କଥା ଉଠିନାହିଁ । ଦେହ ଉପରୁ ଦେଢ଼କୋଡ଼ି ବର୍ଷ ଆଉ ବେଳ ଅବେଳର ରୋଗବୈରାଗ ତାକୁ ଶୋଷି ନେଇ ବୁଢ଼ୀ ବୋଲି ଡାକ ପୋପାଡ଼ ଦେଇଛନ୍ତି ସଂସାର ଉପରକୁ । ଯୌବନ ବେଳେ ଚମ୍ପାର ସୌନ୍ଦର୍ଯ୍ୟ ରହିଥିବାର ଶେଷ ନିଦର୍ଶନ ରହିଛି—ଘରଭର ବହିଥିବା ଛଅ ଗର୍ଭ । ଅମଳବାରୁ ତାକୁ ସୁଖ ପାଇ କେତାଣି କେତେବର୍ଷ ତଳେ ପ୍ରଜାପତିଙ୍କରେ ଦେଇ ଯାଇଥିଲେ—ଏବେ ସେ ମରିହଜି ଲୁଅକେ ଗଲେଣି ।

ଦରିଦ୍ରର ଜୀବନ ଠିକ୍ ଏମିତି ବୟସ ଥିଲାବେଳେ ଧନୀ ଲୋକଙ୍କର ମଜଲିସରେ ଲାଗେ । ଶେଷକୁ ଅଇଁଠା ପତ୍ରପରି ଫୋପାଡ଼ ଦିଆଯାଏ ବାଡ଼କୁ । ଖାଲି ଚମ୍ପା ନାହିଁ ରହିଛି । କିନ୍ତୁ ସେ ହଳଦିଆ ରଙ୍ଗରେ ଜାଳି ବସିଗଲାଣି । ଆଉ ବାଳରେ ତେଲ

ଲାଗି ଶରକ୍ଷଣ ଦିଶୁଥିଲା ବୋଲି ଲୋକେ କହୁଥିଲେ—ଏବେ ତେଲ ଅଭାବରେ କି ସେଇ ପୁରୁଣା ବାସନା ତେଲର ଉତ୍ତାପରେ ବାଳଗୁଡ଼ାକ ଅଧାଛିଣ୍ଡା ହୋଇ କେତେ କେତେ ଧଳାରଙ୍ଗରେ ବୋଲା ହୋଇ ଗଲେଣି ।

ଚମ୍ପା ଏଣିକି ବାସନ ମାଜିବ, ଘରର ବାସିପାଇଟି କରିବ, ଘରବ ସିଇଁବ, ଚୁଙ୍ଗା ଭଅର କରିବ, ପାଇର ବୋହୂ ହିଁ ଅଙ୍କର ଖିଜମତ କରିବ ।

ଶୁକ୍ଳକୁ ଦେଖି ଚମ୍ପା ତା କୁଢ଼ଅଟିରେ ପଡ଼ିଥାଏ । ଫି ସନ ସେ କୁଢ଼ଅଟିକୁ କୁଠାରେ ହାଙ୍କିବା କଣ୍ଟ ନେଇ ଆସିଲାଣି । ତାକୁ କରିଯାଇଥିବା ଘର ଦ୍ୱାର ବଗିଚାର ବାଉଁଶ କଡ଼ା ଉଇଙ୍କ ପେଟରେ ପଶିଯାଉଛି । ବୁଢ଼ୀ ଉପରକୁ ଗୁହେଁ—ଅଖିକି ତାଲି ଲାଗୁଥା ଦିଶୁଛି । ବେଳେ ବେଳେ ସୁମର ସୁମର ଭାବରେ ଅତୀତ କଥା—ସମସ୍ତେ ଗଲେ । ସେ ରହିଲା ଶୁକ୍ଳକୁ କାନି ଅଡୁଆଳରେ ଯମ ଆଖିରୁ ଢାଙ୍କିବା ପାଇଁ । ଅଖିକୁ ଭଲ ନ ଦିଶିଲେ............

ଏଇ ଶୁକ୍ଳ ପାଇଁ ଚମ୍ପା ଖରା ବର୍ଷା ଖାଉର କଟନାଇଁ, ନିଜ ଦେହକଥା ବୁଝିନାଇ । ଶୁକ୍ଳକୁ ଗେହ୍ଲାରେ ପାଳି ଆଣିଥିଲା—ତୋଳା କନାଅରେ ଶୋଇ ଦେଇଥିଲା । ବେଇଦିନ ପରେ ଝିଅ ଜୋଇଁଙ୍କୁ ଆଣି ପାଖରେ ରଖିଲା । ମନେ କରୁଥାଏ ତାର ପାଖରେ ଭଲରେ ଚଳିବେ । ଏଣିକି ପୂଜା ଧର୍ମ କରି କୋଇଷା ଦିନ ସେ ଧର୍ମ ସମ୍ପାଦିବ ।

ଜୋଇଁଟି ଭାରି ଭଲ । ପ୍ରତିଦିନ ଭାଗବତ ଶୁଣାଏ । ବୁଢ଼ୀ ତୁଳରେ ହାତଯୋଡ଼ି ବସିଥାଏ । ଦିନବେଳା ପରଘରେ ପାଇଟି ପକ

କରି ନିଜର ଦାନା କନା ଯୋଗାଡ଼ କରେ । ଯାହାବଳେ, ସେଥିରେ ଝିଅ ହୋଇ, ନାତି ନାତୁଣୀ ଭାଗ ନୁଅନ୍ତି । ହାଳ ବୁହାଇ, ବଳ ସରେଇ ଚମ୍ପା ଗୋଟିଏ ପରିବାରର ପେଟପାଳିତ କରୁଥାଏ ।

ଗୁରିଅଟେ ବୁଢ଼ୀର ପ୍ରଶଂସା—ନିଜଘରେ ଓ ବାହାରେ । ପରଘର କାମ ଭଲରେ କରେ ବୋଲି ସେମାନେ ଚମ୍ପାକୁ ଖୋଜନ୍ତି । ବାସନ ସ୍ୱଚ୍ଛ କରି ମାଜେ । ଘୁଅର ସଫାକରି ଓଳାଏ । ଚମ୍ପା ହାତରେ ବାସନ ଯେମିତି ଝଟକେ, ଝାଡ଼ୁ ଓଳା ବି ସେମିତି ଚକ୍‌ଚକ କରିଯାଏ । ସବୁବେଳେ ଚମ୍ପା ବୁଢ଼ୀର ଭାବନା ପରଘରେ ହେଉ କି ନିଜ ଘରେ ହେଉ, ଅଧର୍ମ କଲେ ଶେଷକୁ ନରକକୁ ଯିବ । ପୁରାଣରେ ଲେଖା ହୋଇଛି ନରକରେ କେମିତି ତତଲା ତେଲ କଡ଼େଇ, ମୁନିଆ କାଠ, ବାଘ ସିଂହ ମଣିଷକୁ କାଲକାଲ କରନ୍ତି । ପୁରୁଣା କଥା ଭାବି ବୁଢ଼ୀର ଆଖିରେ ଆଉଦା ଯନ୍ତ୍ରଣାର ଛବି ଦିଶେ ।

ତୀର୍ଥ ଯାତ୍ରା କରିବାକୁ ସାମର୍ଥ୍ୟ ନାହିଁ—କେଉଁଠି ପୂଜା କି ଯଜ୍ଞ ହେଉଥିବାର ଶୁଣିଲେ ବୁଢ଼ୀ ସେଇଠି ବସିରହେ । ପାଇଟିପାଣ କରୁଥିବା ବାବୁଘରର ଲୋକେ କେବେ ଖାଁଖ ଯାଗାକୁ ତୀର୍ଥକରି ଗଲେ ବୁଢ଼ୀ ବି ନେହୁରା ହୋଇ ସାଙ୍ଗରେ ଗଲେ । ପ୍ରତିଦିନ ନଈରେ ଗାଧୋଇ ସୂର୍ଯ୍ୟଦେବତାଙ୍କୁ ନମସ୍କାର କରେ । ଗୋରୁମାନଙ୍କ ପାଇଁ ଦୂବଘାସ ମୂଳାଏ ରାସ୍ତାରୁ ଯୋଗାଡ଼କରି, ସଫାକରି ନଈରେ ଧୋଇ ଚଉ ଗୋରୁଙ୍କୁ ନିଜ ହାତରେ ଖୁଆଇ ଦେଇ ଗାଈର ମୁଣ୍ଡ ଆଉଁସି ଦଣ୍ଡବତ ହୁଏ । ବୃନ୍ଦାବତୀଙ୍କ ଚଉରାରେ ପାଣିଦିଏ

ତୁଳସୀ ଗଛରେ ଫୁଲଟିଏ ଖୋସି ଶେଷକୁ ତଳରୁ ମଟିରୁ ଟିପେ ଆଣି କପାଳରେ ଲଗାଇ ବଡ଼ ଭକ୍ତିଭାବେ ପଢ଼ିରହେ । ତାପରେ ନିର୍ମାଲ୍ୟ ପାଇ ତାର ଓଦାଲୁଗା ପାଲଟେ । ଶେଷକୁ ଯାଇ ନଜର ଦିଏ ।

ସେଥିପାଇଁ ଏତେକଥା କରି ବି ସେଥି ଚିନ୍ତା ସବାଶେଷକୁ । ସମସ୍ତଙ୍କ ପ୍ରତି ମମତା—ଝିଅ ଜ୍ୱାଇଁ, ନାତି ନାତୁଣୀ, ବାବୁଘରର ପିଲା ପିଲାଙ୍କା, ଶେଷକୁ ତାଙ୍କର ଗାଈଗୋରୁ । ତାହାର ଭାବନା ଯେ, ବାବୁଘରଗୁଡ଼ାକ ଦୁଧଅଳା ଗାଈକୁ ଚିପୁଡ଼ି ଦୁହଁ ନେଉଅଛନ୍ତି—ବାଛୁରୀ ପାଇଁ କିଛି ବଳୁନାହିଁ । ଦୁଧ ଦୁହାଁ ହେଲାବେଳେ ସେ ଦୂରରେ ଠିଆହୋଇ ଆଖିରୁ ପାଣି ଗଡ଼ାଏ । ବାଛୁରି ଉପାସ ରହିବ । ସହି ନ ପାରିଲେ ପଦେ କହିଦିଏ । ବାବୁଘର ଲୋକେ ତାକୁ ଖେଙ୍ଗେଇ ବୁଢ଼ୀ ବୋଲି ଗାଳିଦେଇ ମାଡ଼ି ଆସନ୍ତି । ତାହା ଆଖିରେ ପାଣିଦେଖି ଫଟେଇ ହେଇ ତାର କାରଣ ପଚାରିଲେ ସେ ଗାଈ କଥା ନ କହି କହେ ଯେ ତାକୁ ଅଡ଼େଇ କୋଡ଼ି ବୟସ ହେବାରୁ ଆଖି ସେମିତି ହଉଛି ।

ଗାଈ ଦୁହାଁ ସରିଲେ ଚମ୍ପା ଯାଇ ବାଛୁରୀକି ଆଣିଦିଏ । ସମସ୍ତଙ୍କୁ ଲୁଚେଇ ଚଡ଼ଚଣା କି ପେଜ ନିଜ ଅଇଁଠା କଂସାରେ ଗୋଳିଦେଇ ବାଛୁରୀକି ଖୁଆଏ—ଅହ୍ଲା ଭୋକରେ ଶୋଷ ପଡ଼ୁଛି । ବାଛୁରୀ ନ ଖାଇ ପଦାରେ ଢାଳିଲେ ଚମ୍ପା କହେ 'ଅରେ ସବୁ ଢାଳିଲୁ—ଭୋକରେ କିଏ ରହିବ ?

ଏଣେ ବୁଢ଼ୀର ଏ ଧର୍ମ କରିବା ଦେଖି ସମସ୍ତେ ଚିଡ଼ନ୍ତି । ନିଜ ଦରମାକୁ ନ ଛୁଇଁଲ, ଖାଉ ପେଜ ସବୁ ଆଣି ବାଛୁରୀ ପାଖରେ

ଠଲେଇଲା । ବୁଢ଼ୀର ଭାତ ଭଣା କରଦିଅ । ବୁଢ଼ୀ ଯାଉଁ ଦୂରରେ ବସିରହେ—ତା କର୍ତ୍ତବ୍ୟ ସେ କରନ୍ତୁ ।

ବାଛୁରୀ ଉପାୟ ନାହିଁ । ଯେତେ ପେଜ ଖାଇଲେ ବି ଭଇଁଲ ଢୁମ କରଡ଼ା ଧରେ । ପେଟ ବାହାର ପଟେ ଟିଙ୍କ ପର ପଦାକୁ । ବାଛୁରୀ ଛେର ହେଇହେଇ ମରେ । ଡମ୍ବା ଲଗିଥାଏ । ଠିକ୍ ବେଳରେ ବେକରୁ ଫାଶ ଖୋଲି ଦେଇ, ବାଛୁରୀ ପାଟିରେ ଖଣ୍ଡେ ଭରଣି ଦେଇ ବାହାର ଆସେ । ବଜ୍ ବଜ୍ ହୋଇ କହେ, 'ଏ ପଇସାବାଲା ଲୋକେ ଗୋହତ୍ୟାକୁ ବି ଡରୁନାହାନ୍ତି । ହଉ, ତାଙ୍କ ଧର୍ମ ତାଙ୍କର ।

ବିଧବା ହେଲାବେଳେ ସେ ଇନ୍ଦ୍ରାଣୀ ଭାବି ଥରେ ଲଣ୍ଡୀ ହୋଇଥିଲା, ତେଣିକି ତା ବଗରସ୍ତର ଶ୍ରାଦ୍ଧଦିନ ଅଟେ ଲୋଖାଏଁ ଲଣ୍ଡୀ ହୁଏ । ସମସ୍ତେ ହସନ୍ତି—କଣାକର ଘର ଆଜ ବୁଢ଼ୀ ଅନ୍ୟ କାହାକ ପାଇଁ ଲଣ୍ଡୀ ହେଉଛି ଓ ଉପାସ କରୁଛି ।

ଯାହାଘର—ଭାଙ୍କର ଗଛବ ନହାଇ ସବୁ ସମ୍ପତ୍ତି ବାକି କରଦେଲେ । ପାଞ୍ଚବୋଡ଼ି ଟଙ୍କା ଦେଇ ବୁଢ଼ୀକି ସେ ଘର ଛାଡ଼ିବାକୁ ପଡ଼ିଲା । ଆସିଲାବେଳେ ସେ ଶୁଣିଥିଲା ନିଜର ବୟସ—ଅଠେଇବୋଡ଼ି ଟପିଲାଣି । ଉହରୁ ଉଠିବାକୁ ମିଳିଲା ମାଣ୍ଡବୋଡ଼ି ! ନୂଆବାବୁ ସେଥରେ କୋଠା କରିବେ । ଝିଅ ଜ୍ୱାଇଁଙ୍କ ସାଙ୍ଗରେ ଆଉ ଖଣ୍ଡିଏ ପଲ୍ଲ ଯୋଗାଡ କରି ବୁଢ଼ୀ ଉଠିଗଲା । କିନ୍ତୁ ସେଠି ସମସ୍ତଙ୍କ ଘର ନାଅଣ୍ଟ । ବୁଢ଼ୀ ପରଦରେ ମୁଣ୍ଡ ଗୁଞ୍ଜିଲା—ଧନ ଓ ସୁଖ । ଭାଗବତ ଶୁଣା ବି ବନ୍ଦ ହେଲା ।

ତଣ୍ଟିକୋଣ୍ଡ ପାର ହେଲା ବେଳକୁ ନାତି ନାତୁଣୀ, ଟେରନ୍ତୁ ଟେଇ, ଘରଡ଼ିହ—ସମସ୍ତଙ୍କଠାରୁ ପ୍ରକାରେ ପ୍ରକାରେ ସେବାଣି ନେଇ ବୁଢୀ ହେଲା ଗୃହରାଣୀ। ତେବେ ବି ଯମ ବାଟ ଭୁଲିଲା।

କିନ୍ତୁ ବୁଢୀ ଅଜ ଲଣ୍ଡୀ ହୁଏ ନାଇ। କାଳଘଠା ଝପିବା ଘରେ ସେ ସବୁବେଳେ ମନେ କରେ କି ଯେତେବେଳେ ଯମ ଦେବତାଙ୍କ ଖିଆଲ ହେବ ଆସି ପହଞ୍ଚିଯିବେ। ପରଗଲା ବେଳେ ତାହାର ଲଣ୍ଡା ମୁଣ୍ଡ ଦେଖିଲେ ନାତି ଭାତେଲ ନାଆଁ ଦେଲାବେଳେ କହୁବ 'ଏ ଆଇ ମୁଣ୍ଡରେ କେଶ୍ୱ ବି ବାଳ ନାହିଁ?'

ଅଜ ଲଣ୍ଡୀ ହେବା କଥା ମିଛ। ଗୁଙ୍ଗେଣ୍ଟେ ଲମ୍ବର ଧଳା ବାଳ ଶାଢ଼ୀର କନା ଧଡ଼ି ଗୁଡ଼ା ହୋଇ ବୁଢୀ ମୁଣ୍ଡରେ ରହେ—ଧଳା କଙ୍କଡ଼ା ବିଲ୍ଲି ନାହୁଡ଼ି ନେଟକି ରହୁଛି। ବର୍ଷ ପରେ ବର୍ଷ ଆସେ ଯାଏ ଦେହ ଲଇଁଲା। ଉପରୁ ମାଉଁସ ଖସି ଚମ ଧୁଡୁ ଧୁଡୁ ହେଲା। ଧଳା ବାଳ ଅଜ ଅଧିକ ଧଳା ହୋଇନାହିଁ। ଯୋଡ଼ିଏ ନାତୁଣୀବୋହୂ ଆସିଲେଣି। ବୁଢ଼ୀ ସେଠି ହୁଏ ଜଣେ କୁଣିଆଁ—ଖାଲି ହାତରେ ନଯାଇ ଦିଅଣା ଅଣାକର କିଛି ଜିନଷ ନେଇଯାଏ। ପିଲାମାନେ ଆଇକୁ ଘେରି ଗପର ପସରା ମେଲି ଦିଅନ୍ତି। ବୋହୂମାନେ ଆଇଙ୍କ ଦ'ମୁଠା ଘସି ଦିଅନ୍ତି—ବଡ଼ ଆରାମ ଲାଗେ ବୁଢୀଙ୍କୁ। ସେ ଘରର ଘସା ଆଉଁସା ଶରଦିନ କରନ୍ତି। କିନ୍ତୁ ତାହାର ନିଜର କେହି କାହି ନ ଥିଲେ। ଘସୁ ଘସୁ ହାତ ସାପୁଲି ପାଖରେ ବୋହୂ ଦିହେଁ ଅଟକି ଯାଇ 'ଚ୍,' 'ଚ୍' ମାରି ବୁଝେଇ ଦିଅନ୍ତି କି, ଏ ବୟସରେ ଟୋଲିମି ନ କରି ଖାଲି ହରିନାମ କରିବା ସାଜେ। ଟୋଟାଏ ପେଟ—

ଢେଙ୍କାନାଳ ପାଟିକା ପୋଡ଼ା ଗଅଣ ସୁଆଦ ଲାଗିଲାପରି ବୁଢ଼ୀର ଆଖିରେ ସ୍ୱପ୍ନ ଦିଶେ । ତାହାଭଳି ଜଣେ ନାରମାଣୀ ଭାଗ୍ୟରେ ଏତେ ଆଦର, ସେବା ପାଇବାକୁ ଥିଲା ? ଘରଘର ଗୋଲାମି ମନେ ପଡ଼ିଯାଏ—ବୁଢ଼ୀ ହେଲେ ବି ଗାଳି ଧମକ ମିଳୁଛି । ଅଣ୍ଡାବଚ୍ଚା ବି ଦି'ପଦ କହି ଦେଉଛନ୍ତି ।

ପୁରୁଣା କଥା କାନରେ ବାଜିଯାଏ 'ଅଲୋ ବୁଢ଼ୀ, ତୋ ହାତରୁ ପଇସା ଖାଇଲେ କେହି ଆଉ ଆଖିରେ ଚାହିଁବେ ନାହିଁ ।' ସେ ନିଜେ କହୁଛି ଅନ୍ୟକୁ ଓ ଶୁଣିଛି ତାଙ୍କଠାରୁ ।

ତେବେ ଏଣିକି ଗାଳି ଶୁଣିଲେ ବୁଢ଼ୀ ଦେଲେ ଦେଲେ ଜବାବ ଦେଇ ଘରକୁ ଆସୁଛି ଚାଲି । କେବେ କେମିତି ଜିଦ କରେ ଯିବାପାଇଁ । ବୁଢ଼ୀର ଲକ୍ଷ—ଅଭିଶାପ । ବାବୁଘରେ କାନ୍ଦିଲେ ସେଠିକି ଦୋଷ, ନିଜ ଘରେ କାନ୍ଦିଲେ ସେଠିକୁ ଭଣ ଭଣା ହେବ ? ସାହସ ପାଇଲାଣି । ନାତି ନାତୁଣୀ, ନାତୁଣୀ ବୋହୂଙ୍କ ଆଦର ମିଳିଲାଣି ।

ଧର୍ମ କରଛି । ଠାକୁରେ କ୍ଷମା ଦେଇଛନ୍ତି । କାର୍ତ୍ତିକ ମାସ, ପୁଷ ମାସ, ମାଘ ମାସ, ଏକାଦଶୀ, ଅମାହିଆ ଆଦି ସବୁ କରଛି । ବୁଢ଼ୀ ଘରକୁ ଚାଲିଲା—ପରଘରୁ ଛୁଟି ।

ଯେଉଁ ଲୋକ ପରଘରେ ପଡ଼ିଥିଲାବେଳେ ନିଜଘରୁ ଆଦର ପାଉଥିଲା, ସେ ଏବେ ନିଜ ଘରକୁ ଫେରୁଛି । ଚାଳିଶ ବର୍ଷ ଗତର ଖଟି, ନିଜ ପାଇଁ କୋଡ଼ିଏ ଦୁଇ ଟଙ୍କା ସମ୍ବାଦ ଥିଲା, ସେ ଘରକୁ ଫେରୁଛି । ତାର ଆନନ୍ଦ ।

ଦୁ'ମାସ ବଡ଼ ଖୁସିରେ ଗଲା । ପୁରୁଣା ଘରକୁ ଆସି ସେ ତାର ଖୁସି କଥା ଭବେ । ତାହାର ହାତ ପାପୁଲି କାମ ନ କରିବାରୁ ଚିକ୍‌କଣ ହୋଇ ଗଲାଣି । ଜହ୍ନ ତାର ସୁକୁତକୁ ଅଣ୍ଟା ଲଇଁଲାବେଳେ ସେ ସେବା ପାଉଛି । ତାହାର ସୁନାର ସଂସାର —ଯମ ଦେବତା ? ମୁଖ ଦେଖିବାକୁ ତାଙ୍କୁ କଣ ଦେଶିଦିନ ବଞ୍ଚାଇ ରଖିବେ ?

ସେଇଦିନରେ ସ୍ୱପ୍ନ ଓ ସେ ପାଚିଲା ଚାଲିଗଲା । ସେତେବେଳେ ଚମ୍ପାବୁଢ଼ୀ ଭାବିଥିଲା ଅବଧାନ କଥା—ଶୁଣିବାର ଥିଲା ଝାଣ୍ଟୁଆ ଗଛି । କିନ୍ତୁ ଚମ୍ପା ବଂଶ ରହିଛି—ଗୋଟି ଗୋଟି କରି ସମସ୍ତଙ୍କୁ ଖାଇ ।

ଆଉ ଦେହ ନାହିଁ—ଏଇ ଅଢ଼େଇ କୋଡ଼ି ବର୍ଷରେ ନାତରା ଚିହ୍ନା ଲୋକ, ନିଜ ଲୋକ, ପୁଅ ଝିଅ, ସାଙ୍ଗ ସୁଖ ସମସ୍ତେ ଗଲେ । ଆଉ କାମ କରିବାକୁ ବଳ ନାହିଁ । ବସିଗଲେ ଉଠିବାକୁ ଅସଜ ଲାଗେ । ଏଣିକି ନାତି ନାତୁଣୀ ଭରସା — ଠାକୁର ଅଛନ୍ତି ।

ବୋହୂମାନେ ଆଈ ଉପରେ ଚିଡ଼ିବା ଆରମ୍ଭ କଲେଣି । ବୟସ ହେବାରୁ ବୁଢ଼ୀ ଠକିଲା ଧରିଲାଣି । ନୂଆ ନୂଆ ତିଅଣ ଖାଇବାକୁ ବ୍ୟସ୍ତ ହୁଏ । ସବୁ ସବୁ ବୋହୂଦିହେଁ ଗୁଣି ଦିଅନ୍ତି । ତିଅଣ କମିଯାଏ ଆଉ ତିଅଣ ଆଈଙ୍କୁ ସୁଆଦ ଲାଗେ ନାହିଁ ।

ଝିମିଟି ଖେଳରୁ ମହାଭାରତ ହୁଏ । ବୋହୂମାନେ କହନ୍ତି, 'ରାଣ୍ଡ, ମୃତ ଖାଇ ନ ମରି ସମସ୍ତଙ୍କୁ ହନ୍ତସନ୍ତ କରୁଛି ।' ବହୁବର୍ଷ ଧରି ଶୋଇ ରହିଥିବା ଅଗ୍ନେୟ ଗିରି ପରି ସତୁରି ବର୍ଷର ଚମ୍ପା

ଗର୍ଜିଉଠେ 'ଅଳେ, ତମେ ଟୋକା ବୟସରୁ ରାଣ୍ଡ ହେବ ଦେଖୁଥା' । ଦିନଯାକ ପାଲ ଗୁଡ଼ାକ—ଅଣ୍ଡି ନାତୁଣୀ ପାଲ । ସଜକୁ ନାତିମାନେ କାମରୁ ଫେରିଲେ, ଦି ପଖରୁ ଫେସାଦ । ବୋହୂମାନେ ମାଡ଼ ଖାଇଲେ ଲହୁଁ ଅରଦିନ ରକ୍ତପାତ ଲଗିଥାଏ । ଅଣ୍ଡିର ଭାଇଲି ହେଟଲି ସେମିତି ଅତ୍ୟାଚାର ବଢ଼େ ଅଣ୍ଡି ଉପରେ ରାହୁଁଅର ଦିନରୁ ।

ସମସ୍ତଙ୍କ ମୁହଁରେ ସେଇ କଥା, 'ଅଣ୍ଡି ଚଳୋଲ ଧରି ଗଲାଣି । ସଭିଙ୍କୁ ହରକତ କରୁଛି ।' ଅଣ୍ଡିର କୋରଡ଼ିଆ ଅଖି ଦ'ଟାରେ ଲହୁ ଜକେଇ ଅଛେ । ଯମକୁ ଶୁଣେଇ ଶୁଣେଇ ବୁଢ଼ୀ କହେ, 'ମୋ ପାଣ୍ଡି ବତାଟା ଏଣ୍ଡିକବେଳେ ହକେଇ ଦବାକୁ ତତେ ପୁଣି ଦାଇବ ଲହୁଥିଲ ?'

ଖରା ପରେ ଶୀତ ଅସିଲା—ଅନ୍ୟ ବର୍ଷପରି । ବାବୁଘର କାଇଁ, ନିକର ବଳ ନାଇ । ବୋହୂଙ୍କ ଉପରେ ସବୁ ଭାର । ସେମାନେ ମୁରବୀ ହେଲେଣି । ମୁରବୀ କଣ ଦୋଷ କରନ୍ତି ? ତେଣୁ ଅଣ୍ଡିର ଦୋଷ । ବଗୁଡ଼ କାବୁ ହୋଇ ପଡ଼ୁଛି ।

ହାତ ଗୋଡ଼ ଲାଗି ଯାଉଛି—ପିଠିରେ ଗୋଟାଏ କୁଜ । ଦେହରେ ଚମ ଶିରାର ତାଙ୍କୁଣି । ଖଙ୍କାଳିଆ ପେଟକୁ ଢାଙ୍କିବା ପାଇଁ କେବଳ କୋଉଟି ଚମର ଚାଙ୍ଗୁଣି—ମଇଳା ପିନ୍ଧାଲୁଗା ପରି ଲୁହଅଡ଼େ ଲାଗିଛି ଓ ଚାହେଁ । ଶୀତ ଝିପିଲା ପରି ପ୍ରବଳ ହେଉନାହିଁ । ଗେରସ୍ତ ନାତିମାନଙ୍କର ଭାଟିଦା ଅଣ୍ଡିର ଅଯତ୍ନ ହେଲେ ଶାଶୁଙ୍କ ପିଠିକୁ ଯାଇ ଉତ୍ତରିବ······ଆଗ ଅଣ୍ଡି କାମ ସାରିଲେ ପରେ ବୋହୂମାନେ ଲାଙ୍କ କାମ କରିବେ । ବୋହୂମାନଙ୍କୁ ଅଖିରେ ପ୍ରତିହିଂସାର ଜୁଅଁ ଜଳିଲା ।

ଗେରସ୍ତମାନେ କାମକୁ ଚାଲିଗଲା ପରେ ବୋହୂ ଦହେଁ ଅସି ହଂଗଡ଼ନ୍ତି ଅଇ ପାଖରେ—ଗାଧୋଇ ଦେବାକୁ । ଅଇ ଭାମ ଛୁଣ୍ଡିଲେ ସେମାନେ ଗାଧୋଇ ସିଟବ । ବୁଢ଼ୀଙ୍କ ଶୀତ କରେ । ସେ କାଲୁଭ ହୋଇ କହେ ଖରା ଠାଣି ହେଲେ ସେ ଗାଧୋଇବ । ବୋହୂମାନେ ଦୋଷ ଛଡ଼େଇ ଚାଲିଯାନ୍ତି ।

ଖରା ମୁଣ୍ଡ ଉପରକୁ ହେଲେ ବୁଢ଼ୀକୁ ଭୋକ କରେ । ଯେତେ ଡାକିଲେ ବି ବୋହୂମାନେ ଅସନ୍ତି ନାହିଁ । ବୋହୂ ଦହେଁ ନିଜ ଭିତରେ, ନଇଲେ ଯାଇ ପଡ଼ଶାଙ୍କ ଭିତରେ ହସ ଖୁସି ହେଉଥାନ୍ତି । ତାଙ୍କ ମଜଲିସରେ ଅଇର କନ୍ଦାର ବାଧା ହେଲେ ସ୍ୱରରେ ତମତମ ହୋଇ ଅସି ଅଇକୁ କଡ଼ ଦଅନ୍ତି ହୁଅରେ, ପାଣି ଗରମ ତାଳ ଦଅନ୍ତି । ଶୁଖିଲା ଲଗାଠା ମାଡ଼ ମାରିଲା ପରି ଫୋପାଡ଼ି ଦେଇ କହନ୍ତି 'ଭତ ଥୁଆ ହେଲା, ଖାଅ' । ଅଉ 'ଟୁଁ' 'ଚୁଁ' ନାହିଁ । ଅଇ ଖାଇଲା କି ନ ଖାଇଲା ଦେଖିବାକୁ କେହୁ ନାହିଁ ।

ଅଖିର ଲୁହ ମିଶାଇ ଭାତତକ ଖାଇ ଅଇ ଅତ କଷ୍ଟରେ ଘୁଞ୍ଚି ଅସେ ବଛଣା ପାଖକୁ । ପାଟିଠା ଅସଳ କଥେଗ ଧାନ ନ ଥିବାରୁ । ବୋହୂଙ୍କୁ ଡାକିବାକୁ ସାହସ ଖଟେ ନାହିଁ । ହରିନାମ ମନେ ପଡ଼େ-ନାହିଁ—ଅଖି ବୁଜିଲେ ବି ପୁରୁଣା କଥା ମନେ ପଡ଼ ଅଖିରୁ ଲୁହ ଗଡ଼ଯାଏ ।

ରାତ ବେଳରେ ବୋହୂମାନେ ପାନ ଭାଙ୍ଗିବସିଲେ, ଟମା ଭକାସ୍ୱପର ତାଙ୍କୁ ହାତ ପତାଏ । ବୋହୂମାନେ ଶୁଖିଲା ପାନକୁ ଖଣ୍ଡେ ଅଇ ଅଡ଼କୁ ଫୋପାଡ଼ି ଦଅନ୍ତି । ଚଖିବ ଚଖିବ ହୁଏ ସେ ଖଣ୍ଡିକ ଘଞ୍ଚଯାଏ ନାତିଙ୍କୁ ଦେଖାଇବାକୁ ରଖିପାରେ ନାହିଁ । ପଇଲା ନିଦ—

ବୁଢୀ ଲୋକ । ଶୁଣେ ନାତି ଓ ନାତୁଣୀ ବୋହୂମାନେ କଥା ହେଉଛନ୍ତି ଆଈ ନ ମରି ସମସ୍ତଙ୍କୁ ସନ୍ତୁଳୁଛି ।

ସାତଦିନ ଶୋଇ ଶୋଇ ରମ୍ଭା କାନ୍ଦେ । ହଳଡ଼ି ଦେବା, ବସି ଖାଇବାର ସାମର୍ଥ୍ୟ ମଧ୍ୟ ତାର ନାହିଁ । ମଲାବେଳକୁ ଯମ ନବା ଆଗରୁ ଯେବେ ପିମ୍ପୁଡ଼ିମାନେ ନ ଖାଇଯାନ୍ତି, ତା ହେଲେ ତାର ଅତି ଭାଗ୍ୟର କଥା ହେବ । ଦେହ ନ ମଲାଯାଏ ଦେହକୁ କାଟେ ।

ମୁଦ୍ରାକର—ଶ୍ରୀ ସାଧୁଚରଣ ପଟ୍ଟନାୟକ, ଓରିଏଣ୍ଟ ପ୍ରେସ୍, କଟକ, ୧୯୫୯

ବହିର ଶେଷ ପୃଷ୍ଠା—୧୨୨

# ବିଜ୍ଞାପନ

## "ଶାନ୍ତି ନିବାସ ବାଣୀ ମନ୍ଦିର" ଦ୍ୱାରା ପ୍ରକାଶିତ ପୁସ୍ତକମାନ

### ବ୍ରଜକିଶୋର ପଟ୍ଟନାୟକ—

୧। ସିନ୍ଦୁରଗାର (ପରିବର୍ଦ୍ଧିତ) ଦେଢ଼ଟଙ୍କା (ପଞ୍ଚମ ମୁଦ୍ରଣ)

୨। ଅସରନ୍ତି (ପରିବର୍ଦ୍ଧିତ) ଦେଢ଼ଟଙ୍କା (ଚତୁର୍ଥ ମୁଦ୍ରଣ)

୩। ପଥୁକି ଦେଢ଼ଟଙ୍କା (ତୃତୀୟ ମୁଦ୍ରଣ)

୪। ଲୁଠ ପଥର ଦେଢ଼ଟଙ୍କା (ଚତୁର୍ଥ ମୁଦ୍ରଣ)

୫। ନିଶାଣ ଖୁଣ୍ଟ (ଯନ୍ତ୍ରସ୍ଥ) ଦେଢ଼ଟଙ୍କା

୬। ସପନ କୁହୁକ ଏକଟଙ୍କା (ପ୍ରଥମ ମୁଦ୍ରଣ)

### କମଳକୁମାରୀ ପ[illegible]ୟକ—

୧। ସନ୍ଧ୍ୟାତାର ସାଜ ଦେଢ଼ଟଙ୍କା

୨। ପ୍ରେମ ବାଲି ଦେଢ଼ଟଙ୍କା (ଯନ୍ତ୍ରସ୍ଥ)

ବହିଖଣ୍ଡକୁ ଅଧିକ ବହୁରେ କମିସନ ଦିଆଯାଏ ଓ ପଠାଇବା ଖର୍ଚ୍ଚ ଅତି ସବୁ ଅଳ୍ପ ହୋଇଥାଏ । ବିଶେଷ ବିବରଣ ଦସ୍ତାବର ବୁଝନ୍ତୁ ।

## 'ଶାନ୍ତି-ନିବାସ ବାଣୀ ମନ୍ଦିର' ଦ୍ୱାରା ପ୍ରକାଶିତ ପୁସ୍ତକମାନ

### ବ୍ରଜକିଶୋର ପଟ୍ଟନାୟକ—

୧ । ସଂଧୂଳଗାଢ (ପରିବର୍ତ୍ତିତ) ଦେଢ଼ଟଙ୍କା (ପଞ୍ଚମ ମୁଦ୍ରଣ)

୨ । ଅସରନ୍ତି (ପରିବର୍ତ୍ତିତ) ଦେଢ଼ଟଙ୍କା (ଚତୁର୍ଥ ମୁଦ୍ରଣ)

୩ । ପଥୁକି ଦେଢ଼ଟଙ୍କା (ତୃତୀୟ ମୁଦ୍ରଣ)

୪ । ଭୁଠ ପଥର ଦେଢ଼ଟଙ୍କା (ଚତୁର୍ଥ ମୁଦ୍ରଣ)

୫ । ଶଶାଣ ଶୁନ୍ୟ ଦେଢ଼ଟଙ୍କା (୧୯୫୧)

୬ । ଭସା ମେଘ ଦେଢ଼ଟଙ୍କା (୧୯୫୧)

୭ । ସଞ୍ଜିବତୀ ଦେଢ଼ଟଙ୍କା (୧୯୫୧)

୮ । ଅନ୍ତର୍ମୀ ସୂଦ ଦେଢ଼ଟଙ୍କା (୧୯୫୧)

୯ । ପଞ୍ଚୁ ପଣୀ ଏକଟଙ୍କା (ପ୍ରଥମ ମୁଦ୍ରଣ)

୧୦ । ସପନ କୁହୁକ ଏକଟଙ୍କା (ପ୍ରଥମ ମୁଦ୍ରଣ)

### ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ—

୧ । ସର୍ବ୍ୟଭାର ସାଜ ଦେଢ଼ଟଙ୍କା (୧୯୫୧)

୨ । ଭ୍ରମର ଗାଳ ଦେଢ଼ଟଙ୍କା (୧୯୫୧)

ପୁସ୍ତକଗୁଡ଼ିକୁ ଅଧିକ ବନ୍ଧ ନେଲେ କମିଶନ ଦିଆଯାଏ ଓ ପଠାଇବା ଖର୍ଚ୍ଚ ଆଦ ସବୁ ଛାଡ଼ ଦିଲେ । ବିଶେଷ ବିବରଣ ଦସ୍ତାକର ବୁଝନ୍ତୁ ।